

Digitized by PPRACHIN, SOA

ମୀରା ପକେଟ୍ ବୁକ୍ସ

୧୩୪

(ବ୍ରମଷ୍ଟୋକର)

ଜୀଅନ୍ତା ଶବ

(ପ୍ରଥମ ପାଖୁଡ଼ା)



ଭବାନୁବାଦ ବିଜୟ କୁମାର ରଣା

(ରହସ୍ୟ କୁମାର)

Digitized by PPRACHIN, SOA

॥ ମୀରା ପକେଟ୍ ବୁକ୍ସ ॥

ଜୀଅନ୍ତା ଶବ

ଲେଖକ :

ବିଜୟ କୁମାର ରଣା
(ରହସ୍ୟ କୁମାର)

ପ୍ରକାଶକ :

ଜନପ୍ରିୟ ପ୍ରକାଶନ
ବାଙ୍କି ସାହି, କଟକ-୭୫୩ ୦୦୨
ଫୋନ : ୬୧୨୭୯୮

ପ୍ରଥମ ସଂସ୍କରଣ : ଜୁନ୍, ୧୯୯୭

ମୁଦ୍ରଣ :
ରେଖା ପ୍ରେସ
ବାଙ୍କି ସାହି, କଟକ-୭୫୩ ୦୦୨

ମୂଲ୍ୟ : **ଦଶ ଟଙ୍କା ମାତ୍ର**

Jeeanta Shaba

By

BIJOYA KUMAR RANA

Rs. 10.00

Digitized by PPRACHIN, SOA

ଥଣ୍ଡା ସମୟ । ରାସ୍ତା ଘାଟରେ ବରଫ ପଡ଼ିବା ଆରମ୍ଭ ହୋଇ ଯାଇଥିଲା । ଶୀତ ଭୟରେ ସିଏ ଯାହା ଘର ଭିତରେ ବିଶ୍ରାମ ନେଉଥିଲେ । ରାତ୍ରୀ ଗାଢ ହେବା ପୂର୍ବରୁ ରାସ୍ତା ଘାଟ ନିରୋଳା ହୋଇ ଯାଇଥିଲା ।

ମୋ ଆଖିକୁ କିନ୍ତୁ ନିଦ୍ରା ଆସୁ ନ ଥିଲା । କାହିଁକି କେଜାଣି ମୁଁ ଟୁବ୍ ଅନ୍ ଇଜି ଅନୁଭବ କରୁଥିଲି । ଚେଷ୍ଟା କରି ମଧ୍ୟ ଶୋଇ ପାରୁ ନଥିଲି ।

କେମିତିକା ଗୋଟାଏ ଉତ୍ତେଜନା ଦେଖା ଦେଇ ଥିଲା ମୋ ଶରୀରରେ ଏବଂ ମନରେ, ଏତେ ଥଣ୍ଡାରେ ମଧ୍ୟ ମୁଁ ଗରମ ଅନୁଭବ କରୁଥିଲି ।

କାହିଁକି କେଜାଣି, କୌଣସି କାରଣ ନଥାଇ ବେଳେ ବେଳେ ଏମିତି ଅସହାୟ ଲଗେ । କିନ୍ତୁ ଭଲ

Digitized by PPRACHIN, SOA

ଲାଗେ ନାହିଁ ସେସମୟରେ । ମନ ଆପେ ଆପେ ଅଶାନ୍ତ ହୋଇ ଉଠେ । ସତେ ଯେମିତି କିଛି ହଜି-ଯାଇଛି । କେହି ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ ଘଟିଛି ଅଥବା ମୃତ୍ୟୁ ମୁଖରେ ପଡ଼ିଛନ୍ତି ।

ଏଭଳି ମାନସିକ ଦୁରବସ୍ଥା ହେଉଛି, କୌଣସି ଏକ ଆକସ୍ମିକ ଦୁର୍ଘଟଣାର ପୂର୍ବାଭାସ । ମୋ ନିଜ ଅନୁଭୂତିରୁ ମୁଁ ଜାଣିପାରିଛି । ଖାଲି ମୁଁ କାହିଁକି ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତିମାନଙ୍କୁ ଏହିଭଳି ପୂର୍ବାଭାସ ହୋଇଥାଏ ।

ସାଧାରଣ ବ୍ୟକ୍ତି ଏହି ସୂକ୍ଷ୍ମ ପାର୍ଥକ୍ୟ ଅନୁଭବ କରି ପାରନ୍ତି ନାହିଁ ।

ମୁଁ ବ୍ୟସ୍ତ ହୋଇ ଉଠିଲି, କିଛି ଗୋଟାଏ ଅଘଟଣ ଘଟିବାକୁ ଯାଉଛି । କିନ୍ତୁ କ'ଣ ସେ ଅଘଟଣ ?

ମାନସିକ ଦୁଃଶ୍ଚିନ୍ତା ପରିବେଶକୁ ଆହୁରି ନିର୍ଜନ କରି ଦେଲା । ମଝିରେ ମଝିରେ ବୁଲିକୁକୁରଗୁଡ଼ାକର ଆର୍ତ୍ତ ଚିତ୍କାର ଜ୍ୱଳନ୍ତା ନିଆଁରେ ଘୃତ ଢାଳିଲା ଭଳି ହେଉଥିଲା ।

ତଥାପି ଶୋଇବାକୁ ଚେଷ୍ଟା କଲି । ଏପାଖ ସେପାଖ କଡ଼ ଲେଉଟାଇବା ଭିତରେ କେତେବେଳେ ନିଦ୍ରା ଆସି ଯାଇଛି ଜାଣି ପାରିଲି ନାହିଁ ।

Digitized by PPRACHIN, SOA

ନିଦ୍ରା ଭଙ୍ଗିଲା କୁକୁରମାନଙ୍କ ଚିତ୍କାରରେ । ମନେ ହେଲା; ଦଳେ କୁକୁର ଏକାଠି ହୋଇ, ମୋ ଝରକା ପାଖରେ ମିଳିତ ଚିତ୍କାର ଆରମ୍ଭ କରି ଦେଇଛନ୍ତି ।

ପୁଣି ମନେ ହେଲା, ନା, ସେମାନେ ଚିତ୍କାର କରୁନାହାଁନ୍ତି ଯେ, ଏକାଠି ମିଶି କ୍ରନ୍ଦନ କରୁଛନ୍ତି । କାହାର ମୃତ୍ୟୁ ପାଇଁ ଶୋକ ସଭା ମନାଉଛନ୍ତି ।

ହାତ ଘଣ୍ଟାକୁ ଦେଖିଲି । ଭୋର ଚାରଟା, ଝରକା ଫାଙ୍କ ଦେଇ କିଛିଟା ଫିକା ଆଲୋକର ଝଲକ ପ୍ରତ୍ୟୁଷର ସୂଚନା ପ୍ରଦାନ କରୁଥିଲା !

ମନେ ମନେ ଆଶ୍ୱସ୍ତ ହେଲି । ସକାଳ ହେବାକୁ ଆଉ ବେଶି ବିଳମ୍ବ ନାହିଁ ।

ଯାହା କିଛି ଅହେତୁକ ଚିନ୍ତା, ଆଶଙ୍କା ମନ ଭିତରେ ଥିଲା, ତାହା ଆପେ ଆପେ ଅପସରି ଯାଉଥିଲା···

ଠିକ୍ ଏତିକିବେଳେ, କଲିଂବେଲ୍ ଚିତ୍କାର କରି ଉଠିଲା । ମୁଁ ପୁଣି ଆତଙ୍କିତ ହୋଇ ଉଠିଲି । ଏଭଳି ସମୟରେ କିଏ ମୋ ପାଖକୁ ଆସିପାରେ ?

ଆଗନ୍ତୁକ କୌଣସି ଅଶୁଭ ଖବର ନେଇ ଆସୁନାହିଁ ତ !! ପୁଣି ଥରେ ବେଲ୍ ବାଜି ଉଠିଲା··· । ଲଗ୍ ଲଗ୍ ଅନେକ ଥର··· । ଆଗନ୍ତୁକ ଖୁବ୍ ବ୍ୟସ୍ତ

Digitized by PPRACHIN, SOA

ହୋଇ ବେଲ୍ ବଜାଉଥିଲ ଭଳି ମନେ ହେଲା । ମନେ ମନେ ଈଶ୍ୱରଙ୍କୁ ଡ଼ାକି, ତର ତର'ରେ ଡ୍ରେସିଂ ଗାଉନ ଦେହରେ ଗଳାଇ, ମୁଖ୍ୟ ଦ୍ୱାର ଅଭିମୁଖେ ଧାଇଁଲି ।

ଦ୍ୱାର ଖୋଲିବା ପୂର୍ବରୁ ମନେ ମନେ ଈଶ୍ୱରଙ୍କୁ ପ୍ରାର୍ଥନା କଲି, "ପ୍ରଭୁ ! ଆଗନ୍ତୁକ ଯିଏ ହେଉନା କାହିଁକି ମୋ ପାଇଁ ଶୁଭବାର୍ତ୍ତା ନେଇ ଆସିଥାଉ ।"

ଗବାକ୍ଷ ଉନ୍ମୁକ୍ତ ହେଲା···

ଦ୍ୱାର ଦେଶରେ ଜଣେ ବୃଦ୍ଧ ସିପାହୀ ଠିଆ ହୋଇଥିଲେ । ତାଙ୍କ ପାଖରେ ଆଉ ଜଣେ ବ୍ୟକ୍ତି ଥିଲେ । ସେ ବ୍ୟକ୍ତିର ପୋଷାକରୁ ଜଣା ପଡ଼ୁଥିଲା ଘୋଡ଼ା ଗାଡ଼ି ଚାଳକ ଭଳି ।

ସିପେହୀ ହାତରେ ଗୋଟିଏ ଲଣ୍ଠନ ଧରିଥିଲେ ।

ମୁଁ ବସି ବ୍ରତ ନେହରେ ପୁଛିଲି···

: ଆପଣ ମାନେ ! !

ଉତ୍ତର ଦେଲେ ସିପାହୀ···

: କ୍ଷମା କରିବେ, ଯଦି ମୁଁ ଦ୍ୱାରରେ ପଡ଼ିଯାଏ, ମିଷ୍ଟର ମାଲକମ ରୁଜ···

ମୁଁ କଥା କାଟିଦେଇ ଆଣିଲି···

: ଇଏସ୍···ଇଏସ୍··· । ଆଇ ଏମ୍ ମାଲକମ-ରୁଜ···

Digitized by PPRACHIN, SOA

ସିପାହୀ ସନ୍ତୁଷ୍ଟ ହୋଇ, ଗାର୍ଡ ଗୁଳକଙ୍କୁ ଚାହିଁଲେ । ଗୁଳକ ମତେ ପ୍ରଥମେ ଏକ ସିଷ୍ଟାଗ୍ୱର-ପୂର୍ଣ୍ଣକ ନମସ୍କାର ଜଣାଇଲା, ତା'ପରେ ପକେଟରୁ ଖଣ୍ଡିଏ ଚିଠି ବାହାର କରି ମୋ ହାତକୁ ବଢ଼ାଇ ଦେଲା··· ।

: କିଏ ପଠାଇଛନ୍ତି ଏ ଚିଠି···?

ମୁଁ ପ୍ରଶ୍ନ କଲି···

: ଆପଣ ପାଠ କଲା ପରେ ବଳେ ଜାଣି ପାରିବେ ସାର୍···

ଭଦ୍ରୋଚିତ ଉତ୍ତର ଦେଲା ଘୋଡ଼ା ଗାଡ଼ି ଗୁଳକ ।

ମୁଁ ପତ୍ର ପାଠ କଲି···।

ଚିଠିରେ କୌଣସି ସମ୍ବୋଧନ ନଥାଇ ସିଧା ସଳଖ ଲେଖାଥିଲା ।

: ମୁଁ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛି । ସେ ଅସୁବିଧାଗୁଡ଼ାକ କ'ଣ ଚିଠିରେ ଲେଖିବା ସମୁଚିତ ହେବ ନାହିଁ ବରଂ ମୋ ତୁଣ୍ଡରୁ ଶୁଣିଲେ ଆପଣ ଠିକ୍ ଅନୁଭବ କରି ପାରିବେ । ତଥାପି କିଛିଟା ସୂଚନା ପ୍ରଦାନ କରୁଛି ।

କୌଣସି ଏକ ଅଜ୍ଞାତ ବ୍ୟକ୍ତି ମୋ ପିତାଙ୍କୁ ହତ୍ୟା କରିବା ପାଇଁ ଚେଷ୍ଟା କରୁଛି । ମୁଁ ଭିତରେ

Digitized by PPRACHIN, SOA

ଥରେ ଆକ୍ରମଣ ହୋଇ ସାରିଛି । ବାବା ଯଦିଓ ଜୀବିତ ଅଛନ୍ତି; କିନ୍ତୁ ଖୁବ୍ ଜୋରରେ ଆଘାତ ପାଇଛନ୍ତି । ଏପର୍ଯ୍ୟନ୍ତ ସୁଦ୍ଧା ତାଙ୍କର ସେନ୍ସ ଆସିନାହିଁ । ମୁଁ କ'ଣ କରିବି କିଛି ଚିନ୍ତା କରି ପାରୁନାହିଁ । ସନ୍ଦେହ ତ ଏଣ୍ଟୁନିଆ, ପୁଣି ପରିବେଶ ଏମିତି ରହସ୍ୟମୟ ହୋଇ ଉଠିଛି, ଭାବିଲେ ମୋ' ଛାତି ଥରି ଉଠୁଛି । ଆପଣ ମତେ ଥରେ ପ୍ରତିଶ୍ରୁତି ଦେଇଥିଲେ, ମନେ ଅଛିନା···? କହିଥିଲେ, ମୁଁ ଯେକୌଣସି ବିପଦରେ ହେଉନା କାହିଁକି-ଯଦି ନିକଟେ ଆପଣଙ୍କର ସାହାଯ୍ୟତା ଲୋଡ଼େଁ ଆପଣ ବିନା ସଂକୋଚରେ ମୋ ପାଖରେ ହାଜର ହୋଇ ଯିବେ । ସେ ସମୟ ଆସି ଯାଇଛି । ପ୍ଲିଜ୍ ! ଈଶ୍ୱରଙ୍କ ପାଇଁ ଶୀଘ୍ର ଆସି ଯାଆନ୍ତୁ । ନ ହେଲେ ମୁଁ ପାଗଳୀ ହୋଇଯିବି । ଘୋଡ଼ା ଗାଡ଼ି ଏବଂ ତା' ଚାଳକକୁ ପଠାଇଲି ।

ପତ୍ର ପାଠ ଶେଷ ହେଲା··· ।

କ୍ଷଣିକ ପାଇଁ ମୁଁ ହଜିଗଲି ପତ୍ର ଲେଖିକାଙ୍କ ସ୍ମୃତି ଚାରଣ କରିବାରେ । କିନ୍ତୁ ଚାଳକର କଣ୍ଠସ୍ୱର ମତେ ପ୍ରକୃତିସ୍ଥ କରାଇ ଦେଲା ।

: ଗାଡ଼ି କାହିଁ ··?

ମୁଁ ପ୍ରଶ୍ନ କଲି ।

ଅଙ୍ଗୁଳି ନିର୍ଦ୍ଦେଶ କରି ଚାଳକ କହିଲା···

Digitized by PPRACHIN, SOA

: ରାସ୍ତା କଡ଼ରେ ଅଛି···

ମୁଁ ଆଖି ଫାଡ଼ି ଚାହିଁଲି । କୁହୁଡ଼ି ଭିତରେ ଗୋଟାଏ ଘୋଡ଼ାର ଏବଂ ଗାଡ଼ିର ଆକୃତି ଦେଖା-ଯାଉଥିଲା ।

: ସାର୍ ! ଆପଣ ଚିନ୍ତା କରନ୍ତୁ ନା !!

: ନା ଚିନ୍ତାର କୌଣସି କାରଣ ନାହିଁ । ତୁମେ ଅପେକ୍ଷା କର, ମୁଁ ଦୁଇ ମିନଟ୍ ଭିତରେ ପ୍ରସ୍ତୁତ ହୋଇ ଆସୁଛି ।

ଗାଡ଼ିବାଲା ଅପେକ୍ଷା କଲା···

ମୁଁ ପ୍ରସ୍ତୁତ ହେବା ପାଇଁ ଗୃହ ଭିତରେ ପ୍ରବେଶ କଲି ।

ଘୋଡ଼ା ଗାଡ଼ି ପହଁଚୁଥିଲା କୁହୁଡ଼ି ରାଜ୍ୟରେ···

ମୁଁ ପହଁଚୁଥିଲି ମୋ' ସ୍ୱପ୍ନ ରାଜ୍ୟରେ । ସେଠି'ର ଲେଖିକା ଥିଲେ ଜଣେ ଯୁବତୀ ।

ଯେତିକି ସୁନ୍ଦରୀ···ସେତିକି ସରଳ ।

ମିତ ଭାଷୀ; କିନ୍ତୁ ଉଦାସୀ । ତାଙ୍କ କଥା କୁହା ଆଖି ଦୁଇଟା ସଦାବେଳେ କିଛି କହିଲା ଭଳି ମନେ ହୁଏ; କିନ୍ତୁ ଆଖିର ଭାଷା ଓଠକୁ ଆସେନା ।

Digitized by PPRACHIN, SOA

ଲଜ୍ଜା କଣ୍ଠ ରୋଧ କରିଦିଏ । ମନ କଥା ମନରେ ରହିଯାଏ ।

ତଥାପି, ମୁଁ ତାଙ୍କ କଣ୍ଠ'ରୁ କିଛିଟା ଭାଷା ଶୁଣି-ବାରେ ସଫଳ ହୋଇ ପାରିଥିଲି । କିଛିଟା ଆତ୍ମୀୟତା ଜମେଇବାରେ କୃତକାର୍ଯ୍ୟ ହୋଇ ପାରିଥିଲି ।

ଅଳ୍ପ କଥା । ସୀମିତ ଆଳାପ, ତଥାପି ସେଇ ଅଳ୍ପ ଭିତରେ ବହୁତ କଷ୍ଟ ଲୁଚିଥିବାର ଆଭାସ ମିଳିଥିଲା । ଜଣା ପଡ଼ୁଥିଲା ସେ ଯେମିତି ଖୁବ୍ ଅସହାୟା । ଅନ୍ୟର ସାହାଯ୍ୟ ସହଯୋଗ, ଯେକୌଣସି ମୁହୂର୍ତ୍ତରେ ତାଙ୍କର ଦରକାର ପଡ଼ିପାରେ । ଏଣୁ ମୁଁ ତାଙ୍କୁ ପ୍ରତି-ଶ୍ରୁତି ଦେଇଥିଲି । ଯେଉଁ ପ୍ରତିଶ୍ରୁତିକୁ ପାଳନ କରିବା ପାଇଁ ମୁଁ ବିନା ଦ୍ୱିଧାରେ ତାଙ୍କ ନିକଟକୁ ବାହାରିଛି ।

ସେଇ ଯୁବତୀ··· । ଅସାମାନ୍ୟା··· ସୁନ୍ଦରୀ··· ଅସହାୟା···ମିସ୍ ଟ୍ରେଲମ··· । ମିଷ୍ଟର ଟ୍ରେଲମଙ୍କର ଏକମାତ୍ର କନ୍ୟା ।

ଅପର ପାର୍ଶ୍ୱରେ ଚନ୍ଦ୍ରାଳକ, ଗତ ରାତିର କଥା । ମୋ, ଅନୁମାନ ମିଥ୍ୟା ହୋଇନାହିଁ । ମୋ' ବାସ୍ତବତାର ନଷ୍ଟସ୍ୱ କାରଣ ଅଛି । ତା'ର ଫଳାଫଳ ସକାଳୁ ସକାଳୁ ମିଳିଗଲା ।

Digitized by PPRACHIN, SOA

କିନ୍ତୁ, ମିସ୍ ଟେ୍ରଲର୍ଙ୍କ ସହିତ ମୋର ବିଶେଷ କିଛି ସମ୍ପର୍କ ହେଲା ବେଳେ ତାଙ୍କ ପାଇଁ ମୋ ଆତ୍ମା ହଠାତ୍ ବିଳାପ କରି ଉଠିଲା କାହିଁକି···? ସାଧାରଣ ଲୋକ କଥା'ର ଗୁରୁତ୍ୱ ଅନୁଭବ କରିପାରିବେ ନାହିଁ। କିନ୍ତୁ ମୁଁ ଠିକ୍ ଅନୁଭବ କରି ପାରୁଥିଲି।

ଭବିଷ୍ୟତରେ ଟେ୍ରଲର୍ ପରିବାର ସହିତ ମୋର ସମ୍ପର୍କ ଗାଢ଼ ହେବାକୁ ଯାଉଛି, ଏହା ନିଃସନ୍ଦେହରେ ମୁଁ ଘୋଷଣା କରି ପାରେ।

ପୁଣି ଫେରି ଆସିଲି ବାସ୍ତବ ରାଜ୍ୟକୁ···

ଉଚ୍ଚ ସ୍ୱରରେ ଟାଙ୍ଗା (ଘୋଡ଼ା ଗାଡ଼ି) ବାଲାଙ୍କୁ ପଚାରିଲି : ମିଷ୍ଟର ଟେ୍ରଲର୍ଙ୍କୁ କେଉଁଠାରେ ଆକ୍ରମଣ କରାଗଲା···?

: ଆପଣଙ୍କ ପାଖକୁ ଆସିବାର କିଛି ସମୟ ପୂର୍ବରୁ···

: ଆକ୍ରମଣ କାହିଁ···?

: କିଏ ସେମାନେ ଜଣା ନାହିଁ। ଖସି ପଳେଇଲେ।

: ମିଷ୍ଟର ଟେ୍ରଲର୍ ଖୁବ୍ ଜୋର୍'ରେ ଆଘାତ ପାଇଛନ୍ତି ନା···?

: ଆଜ୍ଞା···

Digitized by PPRACHIN, SOA

: ପାଖରେ କଏ ସବୁ ଅଛନ୍ତି···?

: ମେମ୍ ସାହେବ, ଡାକ୍ତର ଓ ପୋଲିସ ଅଫିସର-ମାନେ ।

ଟାଙ୍ଗାବାଲା ଅଧିକ କିଛି ଜାଣି ନଥିଲା । ଏଣୁ ତାକୁ କିଛି ପଚାରିବା ନିରର୍ଥକ ଭାବି, ମୁଁ ନୀରବ ରହିଲି ।

ମୁଁ ପୁଣି ଚିନ୍ତା ରାଜ୍ୟରେ ହଜିଗଲି···।

ମିସ୍ ଟେଲ୍ରମାଙ୍କ ପିତା, ବିପୁଳ ସମ୍ପତ୍ତିର ଅଧିକାରୀ ଥିଲେ । ତାଙ୍କ ଦିନଚର୍ଯ୍ୟା, ଜୀବନ ଧାରା ପ୍ରଣାଳୀ ରଜା ମହାରଜାଙ୍କ ଠାରୁ କୌଣସି ଗୁଣରେ ଊଣା ନଥିଲା । କିଙ୍ଗ୍ ଷ୍ଟନ କ୍ରେସ୍ ରୋଡ୍‌'ରେ ମିଷ୍ଟର ଟେଲ୍ରମା ଏକ ଆଲିସାନ ମହଲ ନିର୍ମାଣ କରିଥିଲେ । ତା'ର ସାଜସଜ୍ଜା ଆଡ଼ମ୍ବରତା ଦେଖିଲେ ବିସ୍ମୟ ଲାଗେ ।

ପ୍ରତ୍ୟେକ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର କିଛି ଗୋଟାଏ ସ୍ୱତନ୍ତ୍ର ହବି ଥାଏ । ଠିକ୍ ସେହିପରି ମିଷ୍ଟର ଟେଲ୍ରମାଙ୍କର ହବି ଥିଲା । ବିଭିନ୍ନ ପ୍ରକାର ପ୍ରାଚୀନ ତଥା ଅମୂଲ୍ୟ କଳାକୃତିବସ୍ତୁ ସଂଗ୍ରହ କରିବା । ଦୁନିଆ-ସାରର ଦୁର୍ଲଭ ବସ୍ତୁ ସଂଗ୍ରହ କରି ସେ ନିଜ ମ୍ୟୁଜିୟମ୍‌'ରେ ରଖିଥିଲେ । ମହଲ ଭିତରେ ପଶିଗଲେ ଗୋଟାଏ ଯାଦୁ ନଗରୀ ଭିତରେ ପଶିଗଲା

Digitized by PPRACHIN, SOA

ଭଳି ଲାଗେ । ଅସଂଖ୍ୟ କୋଠରୀ, ଗୁପ୍ତ କୋଠରୀ, ଗ୍ୟାଲେରୀ, ବାରଣ୍ଡା, ଅଗଣା··· । ଅଜଣା ଲୋକ ପଶିଗଲେ ବାହାର ଆସିବା ପାଇଁ ବାଟ ପାଇବ ନାହିଁ । ପୁଣି ପ୍ରତ୍ୟେକ ଅଂଶରେ, ପ୍ରତ୍ୟେକ ସ୍ଥାନରେ ଦେଖିବାକୁ ମିଳେ ନାନା ପ୍ରକାର ପ୍ରାଚୀନ ଐତିହାସିକ ବସ୍ତୁ । ଯାହା କି, ଅତି ଯତ୍ନରେ ସୋ-କେଶ ଭିତରେ ସଜ୍ଜିତ ହୋଇ ରହିଛି ।

ମୂଲ୍ୟବାନ୍ ବସ୍ତୁ ଯାହା···ଚିତ୍ତାକର୍ଷକ ଏବଂ ରୋମାଞ୍ଚକାରୀ···।

ପ୍ରାଚୀନ କାଳର ମୂଲ୍ୟବାନ କାର୍ପେଟ; କାଠ ଜିନିଷ, ବାସନ କୁସନ, ଅସ୍ତ୍ର, ପଶୁମାନଙ୍କ ଚମଡ଼ା, ମୂର୍ତ୍ତୀ, ଭଙ୍ଗା ଦୁର୍ଗର ସ୍ତମ୍ଭ, ଗବାକ୍ଷ, ରାଜା ମହାରାଜାମାନେ ବ୍ୟବହାର କରୁଥିବା ଦୁର୍ଲ୍ଲଭ -ବସ୍ତୁ, ପ୍ରଖ୍ୟାତ ଶିଳ୍ପୀମାନଙ୍କ ଦ୍ୱାରା ରଚିତ ହୋଇଥିବା ଚିତ୍ରପଟ୍ଟ, ତୈଳଚିତ୍ର, ମୂଲ୍ୟବାନ ଠାକୁର ମୂର୍ତ୍ତୀ, ଏ ସମସ୍ତ ପଦାର୍ଥ ଥିଲା ମିଷ୍ଟର ଚେଲମସ୍‌ଫୋର୍ଡଙ୍କ ବିଚିତ୍ର ମ୍ୟୁଜିୟମ୍‌ର ମୁଖ୍ୟ ଆକର୍ଷଣ ।

ଏହା ସହିତ, ମୂଲ୍ୟବାନ ହୀରା, ସୁନା ରୂପାର ଅଳଙ୍କାର, ପଥର, ମୋତି, ମାଣିକ, ପ୍ରାଚୀନ କାଳର ବହୁ ରଚିତ ଲୋକପ୍ରିୟ ପୁସ୍ତକ, ଗ୍ରନ୍ଥ, ମିଶର ଦେଶର ରାଜା ମହାରାଜାମାନେ ବ୍ୟବହୃତ କରୁଥିବା ବହୁ

Digitized by PPRACHIN, SOA

ପ୍ରକାର ସୁଗନ୍ଧିତ ଦ୍ରବ୍ୟ ମଧ୍ୟ ସଂଗ୍ରହ କରି ମିଷ୍ଟର ଟ୍ରେଲମ ନିଜ ମନ୍ଦିରର ସୌନ୍ଦର୍ଯ୍ୟ ବଢ଼ାଇ ଥିଲେ ।

ଉପରୋକ୍ତ ସମସ୍ତ ପଦାର୍ଥଗୁଡ଼ିକ ଭିତରେ, ମିଷ୍ଟର ଟ୍ରେଲମଙ୍କ ବିରାଟ ସଂଗ୍ରହାଳୟର ସର୍ବଶ୍ରେଷ୍ଠ ଆକର୍ଷଣୀୟ ବସ୍ତୁ ହେଲା, ମିଶର ଦେଶର ରାଜା ଏବଂ ରାଜ କୁମାରମାନଙ୍କ କବର ଖାନାରୁ ସଂଗୃହିତ କରାଯାଇ ତାହାକୁ ରାସାୟନିକ ପ୍ରକ୍ରିୟାରେ ମସିକୃତ କରାଯାଇ ଅକ୍ଷତ ଅବସ୍ଥାରେ ସୁରକ୍ଷିତ ରଖାଯାଇଥିବା ଶବ । ଏହି ଶବଗୁଡ଼ାକୁ ଦେଖିଲେ ଜୀବନ୍ତ ମନେ ହୁଏ; କିନ୍ତୁ ପ୍ରକୃତରେ ଏଗୁଡ଼ାକ ବହୁ ପ୍ରାଚୀନ କାଳର । ବିଭିନ୍ନ ସ୍ଥାନରୁ ମାଟି ଖୋଳି ପୋତି ହୋଇ ରହିଥିବା ଶବାଧାରଗୁଡ଼ିକୁ ବହୁ ପରିଶ୍ରମ କରି ସଂଗ୍ରହ କରିଥିଲେ ମିଷ୍ଟର ଟ୍ରେଲମ ।

ମିଷ୍ଟର ଟ୍ରେଲମ ଜଣେ ପଣ୍ଡିତ, ଭାଷାବିତ୍ ମଧ୍ୟ ଥିଲେ । ସେ ଏସିଆ, ୟୁରୋପ, ଆଫ୍ରିକା ଇତ୍ୟାଦି ପ୍ରାଚୀନ ସଂସ୍କୃତିଧାରା ଦେଶଗୁଡ଼ାକରେ ପ୍ରଚଳିତ ଅନେକ ଭାଷା ଜାଣିଥିଲେ । ପର୍ଯ୍ୟଟନ ଆଉ ପର୍ଯ୍ୟବେକ୍ଷଣ ତାଙ୍କ ଜୀବନର ମୂଳ ଲକ୍ଷ୍ୟ ଥିଲା । ସେ ସବୁ ପୃଥିବୀ ପର୍ଯ୍ୟଟନ କରି ବିଭିନ୍ନ ଦେଶର ସଂସ୍କୃତିକୁ ପର୍ଯ୍ୟବେକ୍ଷଣ କରି ଥିଲେ । ମନ୍ଦିର, ଦୁର୍ଗ

Digitized by PPRACHIN, SOA

ସ୍ତମ୍ଭ ଇତ୍ୟାଦିରେ ଲିପିବଦ୍ଧ ହୋଇଥିବା ପ୍ରାଚୀନ ଭାଷା, ନକ୍ସା ଏବଂ ସଙ୍କେତକୁ ମଧ୍ୟ ଅଧ୍ୟୟନ କରିବାରେ ପଟୁତା ହାସଲ କରିଥିଲେ ।

ଏ ସବୁ କାମରେ ତାଙ୍କର ଏକ ମାତ୍ର ସାଥୀ ଥିଲେ ପ୍ରିୟତମା ପତ୍ନୀ ମିସେସ୍ ଟେଭ୍ଲମ୍ । କିନ୍ତୁ ସେ ଆଜ ତାଙ୍କ ପାଖରେ ନାହାଁନ୍ତି । ମିଶର ଦେଶର କୌଣସି ଏକ ଅଭିଯାନ ବେଳେ, ପତ୍ନୀଙ୍କର ବିୟୋଗ ଘଟିଥିଲା ।

ତା'ପରେ ଦ୍ୱିତୀୟ ବିବାହ କରିବାକୁ ଇଚ୍ଛା କରିନାହାଁନ୍ତି ମିଷ୍ଟର ଟେଭ୍ଲମ୍ । ବିବାହ କରିବାର ଆବଶ୍ୟକ ମଧ୍ୟ ପଡ଼ିନାହିଁ । ନିଜ ଭିତରେ ନିଜେ ଚାଲୁଥିବା ଲୋକ ସିଏ । ନିଜ ଖିଆଲ ନେଇ ସେ ସଦାସର୍ବଦା ବ୍ୟସ୍ତ । ହୁଏତ ଦ୍ୱିତୀୟ ବିବାହ କରିବାକୁ ତାଙ୍କୁ ସମୟ ମିଳିନାହିଁ ବା ମନକୁ ସେ ପ୍ରକାର ଖିଆଲ ଆସି ନାହିଁ ।

ନିଜ ରୁଚିର ମନୁଷ୍ୟମାନଙ୍କ ବ୍ୟତୀତ ମିଷ୍ଟର ଟେଭ୍ଲମ୍ଙ୍କର ଅନ୍ୟ କାହା ସହିତ ସମ୍ପର୍କ ପ୍ରାୟ ନଥିଲା । ଏକମାତ୍ର କନ୍ୟା ମାର୍‌ଗ୍ରେଟ୍‌କୁ ସେ ନିଜ ଖିଆଲଠାରୁ ଦୂରେଇ ରଖି ଆମେରିକାର ଏକ ଉଚ୍ଚ ଶ୍ରେଣୀୟ ହଷ୍ଟେଲରେ ଛାଡ଼ି ଦେଇଥିଲେ । ତା'ର

Digitized by PPRACHIN, SOA

ପାଠପଢ଼ା ଏବଂ ସୁବିଧା ଅସୁବିଧା ବୁଝିବା ପାଇଁ ଅଧ୍ୟାପିକାମାନଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ଦୃଷ୍ଟିରୁ ମାରଗ୍ରେଟ ନିଜ ପିତାଙ୍କ ପାଖରେ ବହୁ ସମୟ ରହିବାର ସୁଯୋଗ ପାଇ ନଥିଲେ ଏବଂ ସେ ନିଜ ପିତାଙ୍କ କାରବାର ସମ୍ପର୍କରେ ବିଶେଷ କିଛି ଜାଣି ନଥିଲେ ।

ଖୁବ୍ ଅଳ୍ପଦିନ ତଳେ ମିଶର ଅଭିଯାନ ଶେଷ କରି ମିଷ୍ଟର ଟେଭ୍ଲିଙ୍ଗ ଫେରି ଆସିଥିଲେ । ତା'ପରେ ସେ ସିଦ୍ଧାନ୍ତ ନେଇଥିଲେ ଆଉ ବିଶେଷ ପର୍ଯ୍ୟଟନ ନ କରି ଏଥର ସ୍ଥାୟୀ ଭାବରେ କୌଣସି ଏକ ସ୍ଥାନରେ ବିଶ୍ରାମ ନେବାକୁ । କାରଣ ତାଙ୍କର କନ୍ୟା ଖୁବ୍ ବଡ ହୋଇଗଲାଣି । ବର୍ତ୍ତମାନ ତା'ର ଉପଯୁକ୍ତ ଦେଖା ଶୁଣା ଆବଶ୍ୟକ ।

ସଦାସର୍ବଦା ହଷ୍ଟେଲରେ ଅନ୍ୟମାନଙ୍କ ଗହଣରେ ରହିବା ସୁନ୍ଦର ନୁହେଁ । ଏହା ଦ୍ୱାରା ତା' ଉପରେ କୁ ପ୍ରଭାବ ପଡ଼ିପାରେ । ଲୋକ ମଧ୍ୟ ତାଙ୍କର ଏପ୍ରକାର ଖାମଖିଆଲ ସ୍ୱଭାବକୁ ପସନ୍ଦ କରୁ ନାହାନ୍ତି । କାହା ସହିତ ସମ୍ପର୍କ ନ ରଖିଲେ ଚଳିବ; କିନ୍ତୁ ଏକମାତ୍ର ଯୁବତୀ କନ୍ୟାକୁ ଉପେକ୍ଷା କରାଯାଇ ନପାରେ ।

Digitized by PPRACHIN, SOA

ଲଣ୍ଡନ, ମିଷ୍ଟର ଟ୍ରେଲମାଙ୍କର ମନ ପସନ୍ଦ ସ୍ଥାନ ଥିଲ, ଏଣୁ ସେ ସେଇଠାରେ ହିଁ ଆସ୍ଥାନ ଜମେଇ ଦେବେ ।

ମିସ୍ ମାରଗ୍ରେଟ ଗୃହ ଆସିଲେ ପିତାଙ୍କ ମହଲକୁ ।

ଏତେ ବଡ଼ ମହଲରେ ପିତା ପୁତ୍ରୀ ମାତ୍ର ଦୁଇଜଣ ଜୀବନ୍ତ ମନୁଷ୍ୟ ଥିଲେବେଳେ ଅସଂଖ୍ୟ ଜୀବନ୍ତ ଶବ । ଶବ ଗୁଡ଼ାକ ସଜ୍ଜିତ ହୋଇ ସୋ-କେଶରେ ସଜ୍ଜିତ ହୋଇ ଅଛନ୍ତି । ଅନୁଭବ କର ହେଉନାହିଁ ସେଗୁଡ଼ାକ ମୃତ ଶରୀର ବୋଲି ।

ମନେ ହେଉଛି କିଏ ଯେମିତି ବଡ଼ ବଡ଼ ଆଖି କରି ଚାହିଁଛି ତ କିଏ ହସୁଛି, କିଏ ଠିଆ ହୋଇଛି ତ କିଏ ଶାନ୍ତିରେ ଶୋଇ ଯାଇଛି ।

ଯେତିକି ବିଚିତ୍ର ସେତିକି ଭୟ ହୁଏ ।

ମନେ ହୁଏ ମହଲ ଭିତରେ ଯେମିତି ସବୁ ଶବ ଗୁଡ଼ାକର ପ୍ରେତାତ୍ମାମାନେ ଘୁରି ବୁଲୁଛନ୍ତି ।

ମିଷ୍ଟର ଟ୍ରେଲମା ସଦାସର୍ବଦା ନିଜ କକ୍ଷରେ ରହିଥାଆନ୍ତି । ଜଳଖିଆ ଏବଂ ଭାତ ଖାଇବା ସମୟରେ ସେ କେବଳ ବାହାରକୁ ଆସନ୍ତି । ଦିନସାରାକରେ ମାତ୍ର ଗୃହ-ଥରେ ପିତାଙ୍କ ସାଥିରେ ଦେଖା ହୁଏ ଟ୍ରେଲମାଙ୍କର । ପୁଣି ଖୁବ୍ କମ୍ ସମୟ ପାଇଁ ।

Digitized by PPRACHIN, SOA

ଅନ୍ତର୍ମୁଖୀ ହୋଇ ଉଠନ୍ତି ସେ । ଘରଟା ଖାଲି-ଗୋଡ଼େଇଲା ଭଳି ଲାଗେ । ମନରେ ଭୂତ ପ୍ରେତଙ୍କ ଧାରଣା ବଳବତ୍ତର ହୁଏ । ସେତେବେଳେ ତାଙ୍କ ଶୂନ୍ୟମନରେ ଦୁଷ୍ଟ ଆତ୍ମାଗୁଡ଼ାକ ଘୂରି ବୁଲନ୍ତି । ସେ କୌଣସି ମୁହୂର୍ତ୍ତରେ କିଛି ଘଟାଇ ପାରନ୍ତି ।

କିନ୍ତୁ ସଙ୍କୋଚ ବଶତଃ ପିତାଙ୍କୁ କିଛି କହନ୍ତୁ ନାହିଁ । କାରଣ ଭୂତପ୍ରେତଙ୍କ ଅସ୍ତିତ୍ୱ ସେ ସ୍ୱୀକାର କରନ୍ତି ନାହିଁ । ସ୍ୱୀକାର କରୁଥିଲେ ହୃଦବାଣୀ ଥାକର କବର ଖୋଳି, ସେ ଶବଗୁଡ଼ାକୁ ଆଣି ନିଜ ଉଆସରେ ଏମିତି ସୋ-କେଶରେ ସଜାଇ ରଖି ନ ଥାନ୍ତେ ।

ମିସ୍ ଟ୍ରେଲେମ ନୃତ୍ୟ ସଙ୍ଗୀତକୁ ଭଲ ପାଆନ୍ତି । ପ୍ରତ୍ୟହ ନୃତ୍ୟଶାଳାକୁ ଯାଇ ନୃତ୍ୟ ଅଭ୍ୟାସ କରନ୍ତି । ସେହି ନୃତ୍ୟଶାଳାରେ ତାଙ୍କ ସହିତ ମୋର ଅଳ୍ପଦିନ ତଳେ ସାକ୍ଷାତ ହୋଇଥିଲା । ପ୍ରଥମ ସାକ୍ଷାତରେ ମୁଁ ଅନୁଭବ କରି ପାରିଥିଲି, ଏତେ ସମ୍ପତ୍ତି, ଐଶ୍ୱର୍ଯ୍ୟ ଏବଂ ପ୍ରତିଷ୍ଠାର ଉତ୍ତରାଧିକାରିଣୀ ହୋଇ ମଧ୍ୟ ତାଙ୍କ ମନରେ ସୁଖ ନାହିଁ । ସେ ଯେମିତି କୌଣସି ଏକ ଭୟାନକ ଯନ୍ତ୍ରଣାର ଶିକାର ହୋଇ ପଡ଼ିଛନ୍ତି ।

ମୁଁ ତାଙ୍କ ପାଖରୁ କଥା ଆଦାୟ କରିବାକୁ ଚେଷ୍ଟା କରିଥିଲି । ବନା ଦ୍ୱିଧାରେ ସେ ନିଜ ପିତା ଏବଂ

Digitized by PPRACHIN, SOA

ତାଙ୍କ ରହସ୍ୟମୟ ସଂଗ୍ରହାଳୟ ଓ ପର୍ଯ୍ୟବେକ୍ଷଣ ସମ୍ପର୍କରେ ମତେ ସୂଚନା ପ୍ରଦାନ କରିଥିଲେ ।

କୌଣସି ଏକ ଅନ୍ୱେଲୁକ୍ ଆଧମ୍ନ ବିପଦର ଆଶ୍ରୟ ସେ ପାଉଛନ୍ତି ବୋଲି ମତେ ଜଣାଇ ଥିଲେ, ଆଜ ମୁଁ ତାଙ୍କୁ ଯଥା ସମ୍ଭବ ସାହାଯ୍ୟ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲି ।

ଠୈଙ୍ଗାବାଳର ଭିତରେ ମୋ' ଶ୍ରବଣାର ସଂଜ୍ଞା ହଜିଗଲା...

ସାହେବ !! ଉତ୍କ୍ରାନ୍ତ । ମାଲିକଙ୍କ ସ୍ୱର ଆସିଗଲା ।

ମୁଁ ମଥା ଟେକାଇ ଚାହିଁଲି । ଏକ ଆଭିଜାତ୍ୟ ପୂର୍ଣ୍ଣ ପ୍ରାସାଦ ସମ୍ମୁଖରେ ଗାଡ଼ି ଠିଆ ହୋଇଥିଲା । ମୁଖ୍ୟ ଦ୍ୱାର ସମ୍ମୁଖରେ ମିସ୍ ଟେଲ୍ମା ଠିଆ ହୋଇ-ଥିଲେ । ମୋତେ ସ୍ୱାଗତ ଜଣାଇବା ପାଇଁ । ତାଙ୍କ ପାଖରେ ଜଣେ ପୋଲିସ ଅଫିସର ମଧ୍ୟ ଠିଆ ହୋଇ ଥିଲେ ।

Digitized by PPRACHIN, SOA

ପୋଲିସ ଅଫିସର ଜଣକ ମୋର ପୂର୍ବ ପରିଚିତ ଭଳି ମନେ ହେଲା । ମୁଁ ଗାଡ଼ିରୁ ଓହ୍ଲାଇ ସେମାନଙ୍କ ପାଖକୁ ଗଲି ।

ମାରଗ୍ରେଟ୍ ଖୁବ୍ ଉଦାସ ଦେଖା ଯାଉଥିଲେ । ତାଙ୍କ ମୁହଁ ଉପରେ ଦୁଃଖ ଏବଂ ଆତଙ୍କଭାବ ଲାଗି ରହିଥିଲା । ସୁନ୍ଦର ଆଖି ଦୁଇଟା ଫୁଲିଲା ଫୁଲିଲା ଦିଶୁଥିଲା । ବୋଧହୁଏ ବହୁ ସମୟ ଧରି ସେ କାନ୍ଦୁ-ଥିଲେ ଏବଂ ଲୁହ ପୋଛିଥିଲେ ।

ଖଣ୍ଡେ ଦୂରରୁ ମୋ' ପାଖକୁ ଧାଇଁ ଆସିଲେ ମିସ୍ ଟେଲ୍ଲାମ୍ ।

: ମୁଁ ଜାଣିଥିଲି ଆପଣ ନିଶ୍ଚୟ ଆସିବେ । ଈଶ୍ୱରଙ୍କୁ ଶତ ଧନ୍ୟବାଦ । ସେ ଆପଣଙ୍କୁ ମୋ ପାଖକୁ ପଠାଇ ଦେଇଛନ୍ତି ।

ମୁଁ ସାନ୍ତ୍ୱନା ପ୍ରଦାନ କଲି ।

: ଧୈର୍ଯ୍ୟଧର ମାରଗ୍ରେଟ୍... । ସବୁ ଠିକ୍ ହୋଇଯିବ ।

ମାରଗ୍ରେଟ୍-ମତେ ପୋଲିସ ଅଫିସରଙ୍କ ସହିତ ପରିଚିତ କରାଇବା ଉଦ୍ଦେଶ୍ୟରେ କହିଲେ : ଏ ମହାଶୟଙ୍କ ସହିତ ମିଶନ୍ତୁ ମିଷ୍ଟର ରୁଜ...

ଅଧାରୁ କଥା କାଟିଦେଇ ପୋଲିସ ଅଫିସର କହି ଉଠିଲେ : ଆମେ ପରସ୍ପରଙ୍କୁ ଜାଣୁ... । ଖାଲି

Digitized by PPRACHIN, SOA

ଜାଣୁ ନୁହେଁ, ଟୋଗାଏ ମୋକଦ୍ଦମାରେ ଏକାଠି କାମ ମଧ୍ୟ କରିଛୁ । ଠିକ୍ ଜାଣିଛୁ ନା ମିଷ୍ଟର ମାଲ୍‌କମ୍ ରୁକ୍··· ?

ମୁଁ ହାତ ବଢାଇ କରମର୍ଦ୍ଦନ କରିବା ସହିତ ସମ୍ମତି ଦେଲି : ଏକଦମ୍ ଠିକ୍ କହିଛନ୍ତି ମିଃ ଟେଲର । ଆପଣଙ୍କୁ ଏଠାରେ ଦେଖି ମୁଁ ବିଶେଷ ଆନନ୍ଦିତ । ଆମେ ଦୁହେଁ ମିଶି ନିଶ୍ଚିତ ଭାବରେ ମାରଗ୍ରେଟର ସମସ୍ୟାକୁ ସମାଧାନ କରି ପାରିବା ।

ମାରଗ୍ରେଟ୍ ଆଖିରେ ସନ୍ତୋଷର ଚିହ୍ନ ଫୁଟି ଉଠିଲା ।

: ଓ···ଗଡ୍ ଇଜ୍ ଗୁଡ୍··· । ଆପଣମାନଙ୍କ ସଂଯୋଗ ମୋ' ପାଇଁ ଲାଭପ୍ରଦ ସିଦ୍ଧ ହେବ । ଏନ୍‌ୱେ, ସୁପରିଟେଣ୍ଡେଣ୍ଟ ସାହେବ, ମୁଁ ମିଷ୍ଟର ରୁକଙ୍କ ସହିତ ଗୋପନରେ କିଛି ଆଲୋଚନା କରିବାକୁ ଚାହେଁ । ଆପଣ ଯଦି ମାଇଣ୍ଡ ନ କରନ୍ତି···

: ଆରେ···ନା । ମାଇଣ୍ଡ କରିବାର କ'ଣ ଅଛି । ମୁଁ ଏଇଠି ଅଛି, ଆପଣମାନେ ଭିତରକୁ ଯାଇ-ପାରନ୍ତି ।

ମିସ୍ ମାରଗ୍ରେଟ୍ ମୋ' ହାତଧରି ଭିତରକୁ ଚାଲିଲେ ।

Digitized by PPRACHIN, SOA

ଗବାକ୍ଷ ପରେ ଗବାକ୍ଷ...ଅଳିନ୍ଦ ପରେ ଅଳିନ୍ଦ । ଯାହା ଶୁଣିବାକୁ ପାଉଥିଲି ସବୁକିଛି ଆଖିରେ ଦେଖିବାକୁ ମିଳିଲା । ଭୀଷଣ ଅବିଶ୍ୱସନୀୟ... ରୋମାଞ୍ଚକର...

ଏଭଳି ଏକ ବୈଚିତ୍ର୍ୟମୟ ପରିବେଶରେ ମାର୍ଗେରେଟ୍ ଭଳି ଜଣେ ବନ୍ଧୁ !! ପ୍ରକୃତ କୋମଳାଙ୍ଗୀ, ମାନସିକ ରୋଗର ଶିକାର ହୋଇ ରହିବା ଆଦୌ ଉଚିତ ନୁହେଁ ।

ସତ ଜାଣିବାକୁ ଗଲି, କାନ୍ଥ-କୋଣରେ ଥିବା ଶବଗୁଡ଼ାକୁ ଦେଖି ମୋ' ମେଣ୍ଢାଳ ବାଲ୍ୟକାଳ ମଧ୍ୟ ଏପାଖ ସେପାଖ ହୋଇଗଲା ।

ମାର୍ଗେରେଟ୍ ମତେ ତାଙ୍କର ସୁସଜ୍ଜିତ ବୈଠକ ଖାନାକୁ ନେଇଗଲେ । ମୂଲ୍ୟବାନ ଫର୍ଣ୍ଣିଚରରେ ଭରିଥିଲା ସେ ବୈଠକ ଘରେ । ମତେ ବସିବାକୁ ନିର୍ଦ୍ଦେଶ ଦେଇ ସେ ମୋ' ସାମନାରେ ବସିଗଲେ ।

କେତୋଟି ମୁହୂର୍ତ୍ତ ନୀରବତା ଭିତରେ କଟିଗଲା । ବୋଧହୁଏ ଚିନ୍ତା କରୁଥିଲେ ମିସ୍ ହେଲେନା ।

କିଛି ସମୟ ପରେ ତାଙ୍କ କଣ୍ଠରୁ ବୀଣାଜିଣା ମଧୁର ସ୍ୱର ଶୁଣିବାକୁ ମିଳିଲା...

Digitized by PPRACHIN, SOA

: ଆପଣ ଆସିବା ପରେ ମୋ' ମନରେ ଟିକିଏ ଦମ୍ଭ ଆସିଛି ମିଃ ଲୁଇ । ମନେହୁଏ ଏ ଘର; ଏ ଘରର ପ୍ରତ୍ୟେକ ବସ୍ତୁ ଖାଇଗୋଡ଼ାଇଲା ପରି ଲାଗୁଛି । ଭାବୁଛି, ଏ ଘର ଗୁଡ଼ା କେଉଁ ଆଡ଼େ ଲୁଚିଯିବ... କାହ୍ନୁ !!

କହୁ କହୁ ଅଟକିଗଲେ ମିସ୍...

ମୁଁ ମୋ' ଉଚ୍ଛ୍ୱାସକୁ ଯଥାସମ୍ଭବ ଦମନ କରି କହିଲି—ଏଇଗୁଡ଼ା ପଳାଇ ଗଲେ ସମସ୍ୟାର ସମାଧାନ ହେବ ନାହିଁ । ସମସ୍ୟାର ସାମନା କରିବାକୁ ହେବ । ଆପଣ ଶିକ୍ଷିତା, ବନ୍ଧୁବାନ୍ଧ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି । ଏପରି ଅବସ୍ଥାରେ ଆପଣ ଛାଡ଼ି ପଳେଇଲେ ମିଃ ଟ୍ରେଲମାଙ୍କ କଥା କିଏ ବୁଝିବ ? ତାଙ୍କ ସେବା ଯତ୍ନ ପାଇଁ ଗୋଟାଏ ନୌକର କ'ଣ ଯଥେଷ୍ଟ ବୋଲି ଆପଣ ଭାବୁଛନ୍ତି ?

ଦୀର୍ଘ ନିଃଶ୍ୱାସ ତ୍ୟାଗକଲେ ମିସ୍ ଟ୍ରେଲମା...

: ଆପଣଙ୍କ ବିଷୟରେ ମୁଁ ବିଶେଷ କିଛି ଜାଣି ନାହିଁ । ମାତ୍ର କେତେ ଥର ଆମେ ସଂଯୋଗ ବଶେ ମଠେନ୍ତରଙ୍କୁ ଦେଖିଥିଲେ । ତଥାପି ଆପଣ ମୋ' ମନର ଦୁଃଖ ହରଣ କରିବାକୁ ଚେଷ୍ଟା କରିଛନ୍ତି । ମନେ

Digitized by PPRACHIN, SOA

ବହୁ ମୂଲ୍ୟବାନ ଉପଦେଶ ଓ ସାନ୍ତ୍ୱନା ଦେଇଛନ୍ତି । ମନକୁ ସ୍ଥିର ରଖିବାର ଉପାୟ କହିଛନ୍ତି । ସେହି ଦୃଷ୍ଟିରୁ ମୋ' ଆତ୍ମା କହୁଛି, ଆପଣ ଜଣେ ଭଲଲୋକ । ପରୋପକାରୀ ଲୋକ । ଆଉ ସେଇ ଭରସାରେ ମୁଁ ଆପଣଙ୍କୁ କଷ୍ଟ ଦେବାର ଧୃଷ୍ଟତା କରୁଛି···

କହୁ କହୁ କାନ୍ଦି ପକାଇଲେ ମିସ୍ ଟେଲ୍ଗୀ···

: ପ୍ଲିଜ୍ । ଯେଉଁ ଭରସାରେ ମତେ ଡାକିଛନ୍ତି, ମନ ଭିତରେ କାଏମ୍ ରଖନ୍ତୁ । ଈଶ୍ୱର ଅଛନ୍ତି, ସବୁ ଠିକ୍ ହୋଇଯିବ । ବର୍ତ୍ତମାନ ଧୈର୍ଯ୍ୟର ସହିତ ମତେ ପୂର୍ବ ଘଟଣାବଳୀ କହି ଯାଆନ୍ତୁ । କେତେବେଳେ କେଉଁ ପରିସ୍ଥିତିରେ କିପରି ଭାବେ ଆପଣଙ୍କ ବାବାଙ୍କୁ ଆକ୍ରମଣ କରାଗଲା ।

ଲୁହ ପୋଛିଲେ ମିସ୍ ଟେଲ୍ଗୀ··· । ନିଜକୁ ସମ୍ପୂର୍ଣ୍ଣ ରୂପେ ପ୍ରକୃତିସ୍ଥ କରାଇବା ପରେ ଧୀରେ ଧୀରେ ନିର୍ଜନ କାହାଣୀ ଶୁଣାଇବାକୁ ଲାଗିଲେ···

ରାତ୍ରୀ ଭୋଜନ ପରେ ବାବା ତାଙ୍କ ରୁମ୍‌କୁ ଚାଲିଗଲେ, ମୁଁ ଆସିଲି ମୋ' ଶୟନ କକ୍ଷକୁ । ଆଜିକାଲି ହଠାତ୍ ନିଦ ଆସୁନାହିଁ । ଏଣୁ ଶୋଇଲେ ପୂର୍ବରୁ ଗୁଡ଼ାଏ ପତ୍ରପତ୍ରିକା ଅଣ୍ଡାଳିବାକୁ ହୁଏ । ମୁଁ ଶୋଇଗଲା ପରେ, ଆମ ନୌକର ଆସି ଲାଇଟ ଲିଭାଇ ଦେଇଯାଏ । ଆଜି ସେହି ନିୟମରେ ମୁଁ ଶୋଇ

Digitized by PPRACHIN, SOA

ଯାଉଥିଲି । ଅଧେ ରାତି ଠିକ୍ ସ୍ୱପ୍ନରେ ବୁଡ଼ିଯାଉଥିଲି, ହଠାତ୍ ମୋ' ନିଦ ଭାଙ୍ଗି ଗଲା । ମୁଁ ଅନୁଭବ କଲି, ବିନା କାରଣରେ ମୋ' ନିଦ ଭାଙ୍ଗି ନାହିଁ । ନିଶ୍ଚିତ ସ୍ୱପ୍ନରେ କିଛି ଗୋଟାଏ ଶବ୍ଦ ମୋ କାନରେ ପଡ଼ୁଛି, ଯାହା ଫଳରେ ମୁଁ ଚଇତନ୍ୟ ହୋଇ ଅଖି ଖୋଲି ଦେଇଛି । ମୁଁ କାନପାତି ଶୁଣିବାକୁ ଚେଷ୍ଟା କଲି, ଅନୁମାନ ଠିକ୍ ଥିଲା । ଏକ ବିଚିତ୍ର ପ୍ରକାର । ମୁଁ ସଠିକ ବର୍ଣ୍ଣନା କରିପାରୁ ନାହିଁ । ବର୍ଣ୍ଣନା ପାଇଁ କୌଣସି ପରିଭାଷା ମୋ' ମଥାକୁ ଆସୁ ନାହିଁ, ତଥାପି ଏତିକି କହିପାରେ ଯେ, ଅତି ବିରଳ ଏବଂ ରହସ୍ୟମୟ । ମୋ' ଶରୀର ରୋମାଞ୍ଚିତ ହୋଇ ଉଠିଲା । ପ୍ରକୋଷ୍ଠ ଭିତରେ ଭୟର ଏକ ଶୀତଳ ପ୍ରବାହ ବହିଗଲା ପରି ମନେ ହେଲା···

: ତା'ପରେ ?

ମାର୍ଗରେଟ୍ ନୀରବ ରହିବାରୁ ମୁଁ କହିଲି···

: କିଛି ସମୟ ପରେ ଶବ୍ଦ ବନ୍ଦ ହୋଇଗଲା । ମୁଁ ଗୁମ୍‌ମାରି ପଲଙ୍କ ଉପରେ ବସିରହିଲି । ହଠାତ୍ ପୁଣିଥରେ ସେ ଭୟଙ୍କର ଶବ୍ଦ ଶୁଣାଗଲା ଏବଂ ମତେ ଜଣାଗଲା ସେ ଶବ୍ଦ ବାବାଙ୍କ ଶୟନ କକ୍ଷରୁ ଆସୁଛି । ଆପଣ ଜାଣନ୍ତି, ବାବା ସବୁବେଳେ ତାଙ୍କ ପର୍ଯ୍ୟଟନ ଓ ଅଧ୍ୟୟନ ନେଇ ବ୍ୟସ୍ତ । ପିଲାଦିନୁ ମୋ' ଜୀବନ

Digitized by PPRACHIN, SOA

ହେଷ୍ଟେଲ୍, ବୋଡ଼ିଙ୍ଗ ଏବଂ ଅନ୍ୟ ଲୋକମାନଙ୍କ ଗହଣରେ କଟି ଆସିଛି । ଏଣୁ ବାବାଙ୍କ ପାଖରେ ରହିବାର, ମିଶିବାର ବିଶେଷ ସୁଯୋଗ ମତେ ମିଳି-ନାହିଁ । ସତ କହିଲେ ସେ ମୋ' ଜନ୍ମଦାତା; କିନ୍ତୁ ତାଙ୍କୁ ଦେଖିଲେ ମତେ ଭୟ ଲାଗେ । ମୁଁ ବେଶି ସମୟ ତାଙ୍କ ସାମନା ହୋଇ ପାରେ ନାହିଁ । ମୋ' ପାଖ କୋଠରୀଟା ହିଁ ବାବାଙ୍କର । ସବୁ ସମୟରେ ସେ କୋଠରୀ ଭିତରେ ନିଜକୁ ବନ୍ଦ କରି ରଖିଥାନ୍ତି । ଆମ ସମସ୍ତଙ୍କୁ ସେ କୋଠରୀକୁ ଯିବା ପାଇଁ ମନା । କେବେ କେମିତି ସେ ନୌକରକୁ ପାଖକୁ ଡାକଥାନ୍ତି, କିନ୍ତୁ ବିନା ଡାକରାରେ ତା'ର ଯିବା ଅଧିକାର ନାହିଁ । ବହୁତ ସମୟରେ ମୁଁ ବାବାଙ୍କ ପଦଶବ୍ଦ ଶୁଣିବାକୁ ପାଇଥାଏ । ସେ ପ୍ରକୋଷ୍ଠ ଭିତରେ ପଦ ଚାରଣା କରନ୍ତି । ବହି, ଖାତା, କାଗଜ ପତ୍ରର ଖସ୍ ଖସ୍ ଶବ୍ଦ ଶୁଭେ । କିଛି ଲେଖା ପଢ଼ା କରୁଥାନ୍ତି ବୋଧହୁଏ । କ'ଣ କରନ୍ତି, ନ କରନ୍ତି ସେଇ ଏକା ଜାଣନ୍ତି । ଏଇ କେତେଦିନ ହେଲା ତାଙ୍କ ଚେହେରା ଟିକିଏ ମଳିନ ଦେଖାଯାଉଥିଲା । ଗତକାଲି ରାତି ଭୋଜନ ବେଳେ ମୁଁ କହିଲି—ବାବା ଏତେ ରାତି ପର୍ଯ୍ୟନ୍ତ ଅନିଦ୍ରା ହୋଇ କ'ଣ ଏତେ କାମ କରୁଛନ୍ତି ? ଦେହ ଖରାପ ହେବ । [illegible] ଶୋଇବିବା ପାଇଁ ଚେଷ୍ଟା କରୁନାହାନ୍ତି ? ମୁଁ

Digitized by PPRACHIN, SOA

ଭାବିଥିଲି ମୋ' କଥା ଶୁଣି ବାବା ଖୁସି ହେବେ । ଭାବେବ ତାଙ୍କ ଝିଅ ତାଙ୍କ ବଂଶମୁଖର ଚିନ୍ତା କରୁଛି । ଦାୟିତ୍ୱ ନେବା ପାଇଁ ଚେଷ୍ଟା କରୁଛି । କିନ୍ତୁ କ'ଣ କହିବି ମିଷ୍ଟର ଗୁଜ, ସ୍ନେହ ଆଦର ବଦଳରେ ସେ ମୋ' ଉପରକୁ ଚିଡ଼ିକି ଉଠିଲେ । ତାଙ୍କ ବଡ଼ା ଲାଲ ଆଖି ଡିଚିହିରି ଆଉ ବଡ଼ ବଡ଼ ଧଳା ଦାନ୍ତଗୁଡ଼ାକ ମତେ ଗୋଟାଏ ହେଣ୍ଟାବାଘ ଭଳି ଦେଖାଗଲେ । କିନ୍ତୁ ପର-କ୍ଷଣରେ ସେ ନରମି ଗଲେ । ସ୍ୱାଭାବିକ ସ୍ୱରରେ କହିଲେ—ଭବିଷ୍ୟତରେ ମତେ ଏଭଳି ଉପଦେଶ ଦେବାକୁ କେବେ ଚେଷ୍ଟା କରିବୁ ନାହିଁ । ମୁଁ ମୋର ସମସ୍ତ କାର୍ଯ୍ୟ ରାଶୀ କାଳରେ ହିଁ କରିଥାଏ । ସେଇଟା ମୋ' ପାଇଁ ଉପଯୁକ୍ତ ସମୟ ଆଉ ନହେଲା । ସତ କଥା ମିଛ କିଣ୍ଟିର ଜାଣିନ୍ତି ମିଷ୍ଟର ଗୁଜ, ମତେ ବାବାଙ୍କ ସ୍ୱର ବଦଳି ଯାଇଥିବାପରି ମନେ ହେଲା । ଯେମିତି ସେ କାହିଁ ନାହାନ୍ତି; ତାଙ୍କ ଭିତରେ ଥାଇ ଆଉ କିଏ ଜଣେ କହୁଛି । ଯେମିତି ଆବାଜ୍ ତାଙ୍କ ମୁହଁରୁ ଆସୁନାହିଁ; ବହୁତ ଦୂରରୁ ଅନ୍ୟ କୌଣସି ସ୍ଥାନରୁ ଆସୁଛି··· । ମୁଁ ଏତେ ମାତ୍ରାରେ ଭୟ ପାଇଗଲି ଯେ, ତା'ପରେ ଆଉ କିଛି ପଚାରିବାକୁ ସାହସ କରି ପାରିଲି ନାହିଁ । ରୁପ୍‌ଗୁଜ ମୋ' ରୁମ୍‌କୁ ଚାଲି ଆସିଲି ।

କହି ଚାଲିଥାନ୍ତି ମିସ୍ ମାର୍ଗ୍ରେଟ୍···

Digitized by PPRACHIN, SOA

ମତେ ଗୋଟାଏ ଭୌତିକ କାହାଣୀ ପରି ଲାଗୁଥିଲା, ଯଦି ଏ ଭୂତପ୍ରେତରେ ମୋର ବିଶ୍ୱାସ ନଥିଲା । ପରିବେଶ ଏବଂ ପରିସ୍ଥିତି ମାରଗ୍ରେଟ୍‌ଙ୍କ ମାନସିକ ଭାରସାମ୍ୟକୁ ଏଠାରେ ସେପାଖ କରି ଦେଇଛି । ଏହା ବୁଝିବା ପାଇଁ ମୋର ବିଳମ୍ବ ହେଲା ନାହିଁ ।

ମାରଗ୍ରେଟ୍ ପୁଣି କହିଲେ...

: କିଛି ସମୟ ପରେ ସେ ରହସ୍ୟମୟ ଶବ୍ଦ ବନ୍ଦ ହୋଇଗଲା । ମୁଁ ଚିନ୍ତାକଲି, ଏ ଶବ୍ଦ ବାବାଙ୍କ ଦ୍ୱାରା କରାଯାଉଥିବା କୌଣସି ପରୀକ୍ଷା ବା ପ୍ରୟୋଗଜନିତ ନୁହେଁ ତ !! କାରଣ ବାବା ନିଜ ଶୟନ କକ୍ଷରେ ନିଶବ୍ଦରେ ବିଭିନ୍ନ ପ୍ରକାର ବିଚିତ୍ର ଏକ୍‌ସପେରିମେଣ୍ଟ କରିଥାନ୍ତି । ମୁଁ କାନ୍ଥ ପାଖରେ ଠିଆ ହୋଇ କାନ ଲଗାଇ ଭିତରୁ ଆସୁଥିବା ଶବ୍ଦକୁ ଶୁଣିବା ପାଇଁ ଚେଷ୍ଟା କଲି । ମନେ ହେଲା କେହି ଯେମିତି ଖୁବ୍ ଜୋରରେ ଘନ ଘନ ଶ୍ୱାସ ନେଉଛି । ତା' ସାଥିକୁ ଘୁଙ୍ଗୁଡ଼ି ମାରୁଛି । ମୁଁ ଜାଣେ ମୋ' ବାବା କେବେ ଘୁଙ୍ଗୁଡ଼ି ମାରନ୍ତି ନାହିଁ ।

ତେବେ ଏ ପ୍ରକାର ଶବ୍ଦ କାହାର ? କାନ୍ଥରେ କାନ ଲଗାଇ ମୁଁ ପ୍ରସ୍ତର ମୂର୍ତ୍ତିପରି ଚୁପ୍‌ଚାପ ଠିଆ ହେଲି । ପରବର୍ତ୍ତୀ କାଳରେ ଜଣାଗଲା ଚଟାଣ ଉପରେ କେହି ଯେମିତି କାହାକୁ ଘୋସାଡ଼ି ଘୋସାଡ଼ି ନେଉଛି ।

Digitized by PPRACHIN, SOA

ସେ ଆବାଜ ବେଳେବେଳେ ଘୋ'ର ଶୁଣାଯାଉଥିଲା ତ,
ବେଳେବେଳେ ଧିମା ପଡ଼ିଯାଉଥିଲା । ମୋର ଆଉ
ଧୈର୍ଯ୍ୟ ନ ଥିଲା ସେଠାରେ ଠିଆ ହେବାକୁ । ମୁଁ
ଚୁପ୍‌ଚାପ ବାହାରକୁ ଆସିଲି । ବାବାଙ୍କ ଦୁଆର ଉପରେ
କାନ ଲଗାଇ ଭିତରେ ଶବ୍ଦ ଶୁଣିବାକୁ ଚେଷ୍ଟା କଲି ।
ଶବ୍ଦ ବନ୍ଦ ହୋଇ ଯାଇଥିଲା । ମନରେ ସନ୍ଦେହ ଦେଖା
ଦେଲା । କବାଟରେ ଲଗିଥିବା ହ୍ୟାଣ୍ଡେଲ ଉପରକୁ
ମୋ ହାତ ସ୍ୱତଃ ଚାଲିଗଲା, କବାଟ ଧୀରେ ଧୀରେ
ଖୋଲିଗଲା ।

ତା ମାନେ ତାହା ଭିତରୁ ଲକ୍ କରାଯାଇ
ନଥିଲା ?

ମୁଁ ପ୍ରଶ୍ନ କଲି ।

ମଥା ହଲାଇଲେ ମିସ୍ ଟେମ୍ପଲ୍‌ମା···

: କିନ୍ତୁ ରାତି କାଳରେ ପ୍ରାୟ ଲକ୍ ଥାଏ । ଫିକା
ଅଥବା ମଧ୍ୟମ ଧରଣର ଆଲୋକ ସଦାବେଳେ
ଜଳୁଥାଏ । ତା'ର ଆସ୍ୱେସ କବାଟ ଏବଂ ଝରକା
ଆଡ଼ୁ ଆଲରୁ ଜଣାପଡ଼େ । କିନ୍ତୁ କାଲି ପ୍ରକୋଷ୍ଠର
ଆଲୋକ ଜଳୁ ନଥିଲା । ଭିତରଟା ବୁଡ଼ି ଯାଇଥିଲା
ଘନ ଅନ୍ଧକାର କୋଳରେ । ମୁଁ ସାହାସ କରି
ଭିତରେ ପାଦ ଦେଲି । ଦ୍ୱାର ଦେଶରେ କିଛି ସମୟ
ଠିଆ ହେଲି ।

Digitized by PPRACHIN, SOA

ହଠାତ୍ ଶୁଣାଗଲା ଘୁଙ୍ଗୁଡ଼ ସ୍ୱର । ପୂର୍ବାପେକ୍ଷା ଅଧିକ ଜୋର୍ ଥିଲା ସେ ସ୍ୱର । ମୁଁ ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି କାନ୍ଥରେ ଥିବା ବଜୁଳିବତୀର ସୁଇଚ ଅନ୍ କରିଦେଲି । ପରବର୍ତ୍ତୀ କାଳରେ ସମସ୍ତ ପ୍ରକୋଷ୍ଠ ଉଜ୍ଜ୍ୱଳ ଆଲୋକରେ ଉଦ୍ଭାସିତ ହୋଇ ଉଠିଲା । ଆଲୋକ ଜଳିବା ମାତ୍ରେ ମୋ' ଦୃଷ୍ଟି ପଥ ସ୍ୱତଃ ଲମ୍ବିଗଲା ବାବାଙ୍କ ଶଯ୍ୟା ଉପରକୁ । ବେଡ଼ସିଟ୍ ଅସ୍ତବ୍ୟସ୍ତ ଥିଲା, କମ୍ବଳ ତଳେ ପଡ଼ିଥିଲା, ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ବାବା ଶଯ୍ୟା ଉପରେ ନ ଥିଲେ ।

ଅନେକ ଗୁଡ଼ାଏ କହିବା ପରେ ଟିକଏ ଥମିଗଲେ ମାରଗ୍ରେଟ୍ । ମୁଁ ଟେବୁଲ ଉପରେ ଥିବା ପାଣି ଗ୍ଲାସ ଉଠାଇ ଆଣି ତାଙ୍କ ହାତକୁ ବଢ଼ାଇ ଦେଲି । ଦୁଇ ଢୋକ ପାଣି ପିଇବା ପରେ ସେ ପୁଣି ମତେ ଗ୍ଲାସ୍ ଫେରାଇ ଦେଲେ...

: ମିଷ୍ଟର ମାରଗ୍ରେଟ୍ ତେବେ ପ୍ରକୋଷ୍ଠରେ ନ ଥିଲେ ?

: ଥିଲେ, କିନ୍ତୁ ମୁଁ ହଠାତ୍ ଦେଖିପାରି ନ ଥିଲି । ଶଙ୍କିତ ପାଦରେ ଶଯ୍ୟା ନିକଟକୁ ଗଲି । ବେଡ଼ସିଟ୍ ଓ କମ୍ବଳ ଉପରେ ତାଜା ରକ୍ତ ପଡ଼ିଥିବାର ଦେଖିଲି । ଏ ରକ୍ତ ନିଶ୍ଚୟ ମୋ' ବାପାଙ୍କ ଶରୀରର । ଏକ

Digitized by PPRACHIN, SOA

ଅଜଣା ଅତଙ୍କରେ ମୋ ଆତ୍ମା ଶିହରି ଉଠିଲା, ଠିକ୍ ଏହି କବୋଟ ପଲଙ୍କର ଅପର ପାର୍ଶ୍ୱରୁ ଗୁଁ ଗୁଁ ଶବ୍ଦ ଶୁଣାଗଲା । ମୁଁ ଆସ୍ତେ ଆସ୍ତେ ଆଉ ପାଖକୁ ଗଲି । ଦୃଷ୍ଟି ପଡ଼ିଲା ସେଲ୍‌ଫ ତଳକୁ ଯେଉଁଠୁ ଶବ୍ଦ ଆସୁ-ଥିଲା... । ଓଃ...କ'ଣ କହିବି ମିଷ୍ଟର ରୁଜ, ମୁଁ ଏମିତି କିଛି ଦେଖିବି ବୋଲି ଆଦୌ କଳ୍ପନା କରି ନଥିଲି । ପାଦଅଡ଼ୁ ପୃଥିବୀଟା ଅପସରି ଚଲିଭଳି ମନେ ହେଲା । ମଥା ଉପରେ ଆକାଶଟା ଛିଣ୍ଡିଗଲା ଭଳି ବୋଧହେଲା । ମୁଁ ଭୟରେ ଅଣ୍ଡି ଚିତ୍କାରକରି ଉଠିଲି ।

କହୁ କହୁ ସତରେ ଚିତ୍କାର କରି ଉଠିଲେ ମିସ୍ ମାର୍‌ଗ୍ରେଟ୍ । କାରଣ ସେଲ୍‌ଫ ପାଖରେ ତାଙ୍କ ପିତାଙ୍କର କ୍ଷତବିକ୍ଷତ ଶରୀର ପଡ଼ିଥିଲା । କ୍ଷତ ସ୍ଥାନରୁ ତାଜା ରକ୍ତ ଝରିଆସି କାର୍ପେଟକୁ ରକ୍ତାକ୍ତ କରି ଦେଉଥିଲା । ଅତି ବୀଭତ୍ସ ଦେଖାଯାଉଥିଲା ମିଷ୍ଟର ଟେମ୍ପଲମାଙ୍କ ରକ୍ତଭିଜା ଶରୀର ।

ମିସ୍ ଟେମ୍ପଲମ କହି ଚାଲିଥିଲେ...

: ବାବା କିନ୍ତୁ ଜୀବିତ ଥିଲେ । ତାଙ୍କ ଛାତି ଉଠପଡ଼ ହେଉଥିଲା । କଣ୍ଠରୁ ଏକ ଅସ୍ୱାଭାବିକ ଶବ୍ଦ ବାହାରି ଆସୁଥିଲା । ଶରୀରରେ ତାଙ୍କର ରାତ୍ରୀ ପୋଷାକ ରହିଥିଲା । ସେ ପୋଷାକ ରକ୍ତରେ ବୁଡ଼ି

Digitized by PPRACHIN, SOA

ରହିଥିଲା । କିନ୍ତୁ ଅଂଶ ଫାଟି ଯାଇଥିଲା ମଧ୍ୟ । ବାବାଙ୍କର ଗୋଟାଏ ହାତ ସେଲ୍ ଫ ଆଡ଼କୁ ଲମ୍ବି-ଥିଲା । ଆଉ ଏହି ହାତଟା ସବୁଠାରୁ ଅଧିକ କ୍ଷତ-ବିକ୍ଷତ ହୋଇଥିଲା । ବୋଧହୁଏ ସେ ସେଲ୍ ଫ ଖୋଲିବାକୁ ଉଦ୍ୟତ ହେଉଥିଲବେଳେ, ତାଙ୍କ ଉପରକୁ ଆକ୍ରମଣ ହୋଇଛି ।

ମୁଁ ଧ୍ୟାନ ଦେଇ ମିସ୍ ମାରଗ୍ରେଟ୍‌ଙ୍କ କଥା ଶୁଣୁଥିଲି ।

: ଅଚ୍ଛା ମିସ୍ ବାବାଙ୍କୁ ଆକ୍ରମଣକାରୀ କେଉଁ ଅସ୍ତ୍ର ସାହାଯ୍ୟରେ ହତ୍ୟା କରିଛି । ଛୁରୀ, ଖଣ୍ଡା, ରିଭଲଭର୍...

: ସେଇ ତ ଆଶ୍ଚର୍ଯ୍ୟ । କ୍ଷତ ଚିହ୍ନକୁ ଦେଖିଲେ ଜଣାଯାଏ, ତାହା କୌଣସି ଅସ୍ତ୍ରାଘାତ ନୁହେଁ । କିଏ ଯେମିତି ତା' ମୁନିଆ ନଖରେ ରାମ୍ପି ପକାଇଛି । ସେ ନଖଗୁଡ଼ାକ ଏତେ ତୀକ୍ଷ୍ଣ ଯେ, ହାଡ଼ ପର୍ଯ୍ୟନ୍ତ ମାଂସ ସବୁ ଛେଲି ହୋଇ ଆସିଛି । ଅଉ ସବୁଠାରୁ ବେଶୀ କ୍ଷତ ହୋଇଛି ବାବାଙ୍କ ହାତରେ ।

: ତା' ପରେ ?

: ମୁଁ ଭାବିଲି ମୁଁ ବେହୋସ ହୋଇଯିବି ।

ତଥାପି କୌଣସି ପ୍ରକାରେ ନିଜକୁ ସଞ୍ଜତ କଲି, ତା'ପରେ ନୌକରକୁ ଡ଼ାକିବା ପାଇଁ ବେଲ୍ ମାରିଲି ।

Digitized by PPRACHIN, SOA

ପରେ ପରେ ନୌକର, ନୌକରାଣୀ ସମସ୍ତେ ଧାଇଁ ଆସିଲେ । ବାବାଙ୍କୁ ତଳୁ ଉଠାଇ ଖଟଙ୍କ ଉପରେ ଶୁଆଇଦେଲେ । ଡାକ୍ତରଙ୍କୁ ଫୋନ୍ କଲେ, ଥାନାକୁ ଫୋନ୍ କରାଗଲା । ଡାକ୍ତର ଆସିବା ପୂର୍ବରୁ ରକ୍ତ ପ୍ରବାହକୁ ବନ୍ଦ କରିବା ପାଇଁ ହାଉସ୍ କିପର୍ ମିସେସ୍ ଗ୍ରାଣ୍ଟ ବାବାଙ୍କ ବାହୁ ଉପରେ ପଟିବାନ୍ଧ ଦେଇଥିଲେ । ଏ ସମସ୍ତ କାର୍ଯ୍ୟ ପରେ, ହଠାତ୍ ଆପଣଙ୍କ କଥା ମୋର ମନେ ପଡ଼ିଗଲା । ଏଣୁ ମୁଁ ମୋ ଗାଡ଼ିବାଲାକୁ ଆପଣଙ୍କ ନିକଟକୁ ପଠାଇଲି ।

ଏହା ହେଲା ମିସ୍ ମାରଗ୍ରେଟ୍‌ଙ୍କ ବିପତ୍ତିର କାହାଣୀ । ସେ କାହାଣୀ ଶେଷକଲା ପରେ ମୁଁ ପଚାରିଲି ବାବାଙ୍କ ଅବସ୍ଥା ବର୍ତ୍ତମାନ କେମିତି ଅଛି ?

: ବିଶେଷ ଭଲ ନୁହେଁ । ଡାକ୍ତର କହୁଛନ୍ତି, କ୍ଷତ ବହୁତ ଗଭୀର । ଶରୀରରୁ ଅନେକ ରକ୍ତ ମଧ୍ୟ ବାହାରି ଯାଇଛି, ଏଣୁ ତାଙ୍କୁ ନିକଟବର୍ତ୍ତୀ କୌଣସି ଏକ ହସ୍‌ପିଟାଲକୁ ନେବା ପାଇଁ । କିନ୍ତୁ ମୁଁ ଡାକ୍ତରଙ୍କୁ ମନା କରିଛି । ଯାହା କିଛି ଚିକିତ୍ସା କରିବାର କଥା ସେ ଏଇଠି କରିବେ । ଯାହା କିଛି ହେଉ ପଛେ ବାବାଙ୍କୁ ତାଙ୍କ ଶୟନ କକ୍ଷରୁ ଅନ୍ୟତ୍ର ନିଆଯାଇ ପାରିବ ନାହିଁ ।

Digitized by PPRACHIN, SOA

ମୁଁ ବିସ୍ମିତ ନେତ୍ରରେ ଚାହିଁଲି...

: କାହିଁକି ?

ଏହା ବାବାଙ୍କର ଆଦେଶ । ତାଙ୍କ ଆଦେଶ ଅମାନ୍ୟ କରାଯାଇ ନପାରେ ।

: ମିଃ ଟେଲ୍ରମାଙ୍କ ହୋମ୍ କ'ଣ ମନ୍ଦିରରେ ଆସିଥିଲେ ?

: ନା ସେ ଅଦ୍ୟାବଧି ବେହୋସ ଅଛନ୍ତି ।

: ତେବେ ଆପଣଙ୍କୁ ଆଦେଶ ଦେଲେ କେତେ-ବେଳେ ?

ବାବା ମୋ' ନାମରେ ଗୋଟାଏ ଚିଠି ଲେଖି ଟେବୁଲ ଉପରେ ରଖି ଯାଇଥିଲେ । ଗୃହର ଗୃହକର୍ତ୍ତୀ-ମାନେ ଆସିବା ପରେ ସେ ଚିଠି ଉପରେ ମୋ' ଦୃଷ୍ଟି ପଡ଼ିଯାଇଥିଲା ।

ମିସ୍ ଟ୍ରେଲର ପର୍ସରୁ ସେ ଚିଠି ବାହାର କରି ମୋ' ହାତକୁ ବଢ଼ାଇ ଦେଲେ ।

ଚିଠିରେ ଲେଖାଥିଲା—

ମୋ' ଦେହକୁ ନିଅ ମାରଗ୍ରେଟ୍ !

ମୁଁ ଜାଣେ ବର୍ତ୍ତମାନ ତୋ' ମାନସିକ ଅବସ୍ଥା ଭଲ ନ ଥିବ, ତଥାପି ତତେ ଧୈର୍ଯ୍ୟଧର ମୋ' ନିର୍ଦ୍ଦେଶ

Digitized by PPRACHIN, SOA

ଅନୁସାରେ କାମ କରିବାକୁ ହେବ । କାରଣ ଏଥିରେ ଆମ ଦୁହିଁଙ୍କର ମଙ୍ଗଳ । ବର୍ତ୍ତମାନ ମୁଁ ଯାହା ଲେଖୁଛି ଧ୍ୟାନ ଦେଇ ପଢ଼, ବର୍ତ୍ତମାନ ମୁଁ ଠିକ୍ ଅଛି; କିନ୍ତୁ କେତେବେଳେ କେଉଁ ମୁହୂର୍ତ୍ତରେ ବିପଦ ଆସି ପାରେ ତାହା କହି ହେବ ନାହିଁ । ଧରିପାର ମୁଁ ହଠାତ୍ କୌଣସି ବେମାରରେ ପଡ଼ିଗଲି କିମ୍ବା କୌଣସି କାରଣରୁ ଦେହତ୍ୟାଗ ହୋଇଗଲି । ମତେ କୌଣସି ଆତତାୟୀ ଆଘାତ କଲା ! ଅଥବା ମୁଁ କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇଗଲି...ମନେରଖ ମାର୍ଗ୍ରେଟ୍ ସେ ସମୟରେ ମୁଁ ଯେଉଁଭଳି ଅବସ୍ଥାରେ ଥାଏ ନା କାହିଁକି, ମୃତ ଅଥବା ଜୀବିତ ଯେଉଁ ସ୍ଥାନରେ ଥାଏ ନା କାହିଁକି, ମୋତେ ଖୁବ୍ ଶୀଘ୍ର ମୋ' ଶୟନ କକ୍ଷରେ ପହଞ୍ଚାଇବା ପାଇଁ ହେବ, ଏହା ଏକାନ୍ତ ଜରୁରୀ । ଯେପରି ଭୁଲି ନ ଯାଅ । ଉପରୋକ୍ତ କାରଣରୁ ଯଦି ମୁଁ ସ୍ୱର୍ଗବାସ କରି-ଯାଏ, ତେବେ ଲୋକେ ସମାଧି ଦେଲା ପର୍ଯ୍ୟନ୍ତ ମୋ' ଶବକୁ ଦିନରାତି ରକ୍ଷା କରିବାକୁ ହେବ ; ଗୋଟାଏ ମୁହୂର୍ତ୍ତ ପାଇଁ ମଧ୍ୟ ମୋ' ଶବକୁ ଏକୁଟିଆ କରିବାକୁ ଛାଡ଼ିବ ନାହିଁ । ମୋ' ସୁନା ଝିଅଟା ପରି, ଏ ସମସ୍ତ କାମ ତୋ' ମାର୍ଫତରେ ହେବ । ସେତେବେଳକୁ ଭାଙ୍ଗି ପଡ଼ିଗଲେ ଚଳିବ ନାହିଁ । ସ୍ଥିତିକୁ ପାର କରିବାକୁ ହେବ । ସୂର୍ଯ୍ୟ ଅସ୍ତ ହେବାଠାରୁ ତା'ର ପରଦିନ ସୂର୍ଯ୍ୟୋଦୟ

Digitized by PPRACHIN, SOA

ପର୍ଯ୍ୟନ୍ତ ମୋ' ଶବକୁ ବୈଧବଦ୍ଧ କାମ ପାଇଁ ଅନ୍ତ୍ୟ କମ୍ରେ ଦୁଇଜଣ ଲୋକ ଚବିଶ ଘଣ୍ଟା ମୋ' ଶୟନ କକ୍ଷରେ କର୍ତ୍ତବ୍ୟରତ ରହିବାକୁ ପଡ଼ିବ । ଏ ଦୁଇଜଣ ତୋ'ର କୌଣସି ଘନିଷ୍ଠ ବନ୍ଧୁ ହେବା ଦରକାର । ଯାହାଙ୍କ ଉପରେ ତୋର ଆସ୍ଥା ଏବଂ ବିଶ୍ୱାସ ରହିଛି । ଏହି ଦୁଇ ଜଣଙ୍କ ଭିତରୁ ଜଣେ ପୁରୁଷ ଏବଂ ଆଉ ଜଣେ ସ୍ତ୍ରୀ ହେବା ଅନିବାର୍ଯ୍ୟ ।

ଦୁହେଁ ସମଲିଙ୍ଗୀ ହେଲେ ଚଳିବ ନାହିଁ । ଧରିଯାଉ ମୁଁ ମୃତ୍ୟୁବରଣ ନ କରି କେବଳ ବେହୋସ ଅବସ୍ଥାରେ ଅଛି । ମତେ ହୋସ୍ ଆସିଲା ପର୍ଯ୍ୟନ୍ତ ଜଗି ରହିବାକୁ ହେବ । ହୋସ ଆସିଲା ପରେ ମୁଁ ଆଗାମୀ କାର୍ଯ୍ୟ-ପନ୍ଥାର ସୂଚନା ଦେବି । ଯଦି ମରି ଯାଇଥାଏ କିମ୍ବା ବେହୋସ ଅବସ୍ଥାରେ ମରିଯାଏ, ତେବେ ମୋର ଆଇନ ପରାମର୍ଶଦାତା ମାର୍ଟିନ୍ ଏଣ୍ଡ୍ରୁଜ୍ୟୁକ୍ସ ପାଖରେ ଥିବା ଉଇଲ୍ ଅନୁସାରେ କାର୍ଯ୍ୟ କରାହେବ । ଡ଼ିୟୁର ଗ୍ୱଇଲ୍ଡ଼, ତୋ' ଛଡ଼ା ଏତେବଡ଼ ସଂସାରରେ ମୋର ଆଉ କେହି ନାହାନ୍ତି । ମୁଁ ଜାଣେ, ତୁ ଅତି ଅସହାୟ ହୋଇ ପଡ଼ିଥିବୁ । ଏଣୁ ସ୍ତ୍ରୀ ହେଉ, ପୁରୁଷ ହେଉ ତୁ ତୋ'ର କୌଣସି ବନ୍ଧୁ ଅଥବା ବାନ୍ଧବୀକୁ ନିଜ ପାଖରେ ରଖିବୁ । କିନ୍ତୁ ମନେରଖ, ସେ ମିତ, ନିଷ୍ଠାବାନ, ସାହାସୀ ଏବଂ ଧୈର୍ଯ୍ୟଶୀଳ ହୋଇଥିବ । ତା' ନ ହେଲେ ସେ

Digitized by PPRACHIN, SOA

ମୋ ଶରୀର ଦୋଷାଗୁଣା ଠିକ୍ ଭାବେ କରିପାରିବ ନାହିଁ । ନିଜର ଖିଆଲ ରଖିବୁ । ଏ ଦୁନିଆ ଅତି ବିଚିତ୍ର । ଏଇଠି ପାଦେ ପାଦେ ବିପଦ ପୂରି ରହିଛି । ସଦାସର୍ବଦା ସତର୍କ ରହିଥିବୁ । ବିନା କାରଣରେ କୌଣସି ବିପଦ ମଥା ଉପରକୁ ଆଣିବୁ ନାହିଁ । ମୋର ଏ ଚିଠି ତୋତେ ନିଶ୍ଚୟ ସନ୍ଦେହରେ ପକାଇଥିବ । ତୋ' ମନରେ ମୋ' ସମ୍ପର୍କରେ ବହୁ ପ୍ରଶ୍ନ ଉଠୁଥିବ । ଯଦି ବଞ୍ଚିଯାଏ ତୋତେ ସବୁ କହିବି । ଯଦି ମରିଯାଏ ସମୟାନୁକ୍ରମେ ତୁ ସବୁ କଥା ଆପେ ଆପେ ଜାଣିପାରିବୁ । ତେବେ ଏତିକି ସୂଚନା ପ୍ରଦାନ କରୁଛି, ମୋତେ କେନ୍ଦ୍ର କରି, ଯାହା ଘଟିଯାଇଛି ଏବଂ ଆଗକୁ ଯାହା ଯାହା ଘଟିବାର ଆଶଙ୍କା ଅଛି, ଏ ସବୁର ବିଶେଷ କାରଣ ଅଛି । ଆରେ ମୁଁ ଆଉ ଗୋଟାଏ କଥା ଧ୍ୟାନ ଦେଇ ଶୁଣ, ମୋ' ଶୟନ କକ୍ଷର କୌଣସି ପଦାର୍ଥ ଏପାଖ ସେପାଖ ହେବ ନାହିଁ । ଯାହା ଯେଉଁଠି ଅଛି ତାହା ପୂର୍ବପରି ରହିବ । ଯଦି କିଛି ଏପାଖ ସେପାଖ ହୁଏ ବା ଶୟନ କକ୍ଷରୁ ବାହାରକୁ କେହି ନେଇ ଆସେ, ତେବେ ମତେ ମସ୍ତବଡ଼ କ୍ଷତି ସହିବାକୁ ପଡ଼ିବ । ଏ କଥା ଯେପରି ଭୁଲି ନ ଯାଉ । ପଇସାପତ୍ର ପାଇଁ ଆଦୌ ଚିନ୍ତା କରିବୁ ନାହିଁ । ଯେଉଁଠି ଯେତେ ଦରକାର ମନଇଚ୍ଛା ଖର୍ଚ୍ଚ କରିବୁ । ତୋ' ପାଖରେ କିଛି ଟଙ୍କା ଥିବ । ଆଉ ଯେତେ ଦରକାର ମିଃ

Digitized by PPRACHIN, SOA

ମାରୁନଙ୍କ କକ୍ଷକୁ, ସେ ଯୋଗାଡ଼ି କରି ଦେବେ । ଏ ସମ୍ପର୍କରେ ମୁଁ ତାଙ୍କୁ ପୂର୍ବରୁ ସୂଚନା ପ୍ରଦାନ କରିଛି । ତୋ' ଉପରେ ଭରସା ରଖି ରହିଛି । ଇତି ।

ତୋ'ର ପିତା

ଏବଲ ନର୍ଟନ୍ସ

ବଡ଼ ରହସ୍ୟ ଥିଲା ମିଃ ଏବଲଙ୍କ ଚିଠି । ମୁଁ ଥରେ-ଥର ସେ ଚିଠିକୁ ପାଠ କଲି, ଯେତେ ପଢ଼ିଲି ସେତେ ଉତ୍କଣ୍ଠା ବଢ଼ିଲା ମୋର, କୌଣସି ସମାଧାନରେ ପହଞ୍ଚି ପାରିଲି ନାହିଁ ।

ଶେଷରେ ଚିଠି ଫେରାଇ ଦେଲି ମିସ୍ ଟେମ୍ପଲମାନଙ୍କୁ ।

ପ୍ରଶ୍ନ ଭରା ନେତ୍ରରେ ମିସ୍ ଚାହିଁଲେ ମୋ ମୁହଁକୁ···

: କିଛି ବୁଝି ପାରିଲେ··· !

: ବିଶେଷ କିଛି ନୁହେଁ, ତେବେ ମିଃ ଟେମ୍ପଲମା ଆଗରୁ ଜାଣିପାରିଥିଲେ ଯେ, ଯେକୌଣସି ମୁହୂର୍ତ୍ତରେ ତାଙ୍କୁ ଆକ୍ରମଣ କରାଯାଇ ପାରେ । ସେଇଥିପାଇଁ ଏ ଚିଠି ବହୁ ପୂର୍ବରୁ ଆପଣଙ୍କ ନାମରେ ଲେଖି ରଖିଥିଲେ ।

Digitized by PPRACHIN, SOA

: ଠିକ୍ କହୁଛନ୍ତି ।

: ଆପଣ ଏ ଚୋରି ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ କମ୍ପା ଟେମ୍ପାର୍ ଡାକ୍ତରଙ୍କୁ କହୁ କହିଛନ୍ତି ?

: ନା, ଅଦ୍ୟାବଧି ଜଣାଇ ନାହିଁ । ବର୍ତ୍ତମାନ ସମସ୍ତ ପାଇଁ ଆପଣ ହିଁ ମୋର ଏକମାତ୍ର ବିଶ୍ୱସ୍ତ ବନ୍ଧୁ ଏବଂ ପରାମର୍ଶଦାତା । ଆପଣଙ୍କ ପରାମର୍ଶ ଅନୁସାରେ ମୁଁ କାମ କରିବାକୁ ଚାହେଁ ।

ମୁଁ ଚିନ୍ତାକରି କହିଲି ! ଚୋରିକୁ ଲୁଚାଇ ରଖିବା ଉଚିତ ହେବ ନାହିଁ । କାରଣ ସେମାନଙ୍କ ସାହାଯ୍ୟ ମଧ୍ୟ ଆମର କାମ୍ୟ । ତା' ନହେଲେ ଡାକ୍ତର ଚିତ୍ ଧର ପାରନ୍ତି ମିଃ ଟେଟ୍ରଲାମଙ୍କୁ ହସପିଟାଲ ସ୍ଥାନାନ୍ତରିତ କରିବା ପାଇଁ । ତା'ଛଡ଼ା ଆହମକୋଶ କିଏ, କେଉଁ ଉଦ୍ଦେଶ୍ୟରେ ସେ ବାବାଙ୍କୁ ଆକ୍ରମଣ କରୁଛି । ଏସବୁ ଅତ୍ୟନ୍ତ ରହସ୍ୟମୟ ମନେହୁଏ । ପୋଲିସର ସହାୟତା ବିନା ଆମେ ସେ ରହସ୍ୟ ଉଦ୍ଘାଟନ କରି ପାରିବା ନାହିଁ ।

: ଠିକ୍ ଅଛି । ଆମେ ଦୁହେଁ ବର୍ତ୍ତମାନ ସେମାନଙ୍କ ପରାମର୍ଶନେବା··· । ଆସନ୍ତୁ ମୋ, ସାଥୀରେ ।

ମିସ୍ ଟେଟ୍ରଲାମ ଆଗେ ଆଗେ ଚାଲିଲେ । ମୁଁ ତାଙ୍କୁ ଅନୁସରଣ କରିବାରେ ଲାଗିଲି ।

Digitized by PPRACHIN, SOA

ଏସ୍: ପି: ସାହେବ ନିଜ କାମରେ ଲଗିଥିଲେ । ଡାଲିମ ପାଖ କୁକୁରକୁ ସେ ପ୍ରାସାଦର ପ୍ରତ୍ୟେକ ଅଂଶରେ ବୁଲାଇ କିଛି ସୁରାକ୍ ପାଇବାକୁ ଚେଷ୍ଟା କରୁଥିଲେ; କିନ୍ତୁ ସଫଳ ହୋଇ ପାରି ନ ଥିଲେ ବୋଧହୁଏ ।

ଅତି ରହସ୍ୟଜନକ ପରିସ୍ଥିତିରେ ମିଃ ଟ୍ରେଲମାଙ୍କୁ ଆକ୍ରମଣ କରାଯାଇଥିଲା । ବୁଦ୍ଧିମାନ ଅଫିସର ଶତ-ଚେଷ୍ଟା କରି ସୁଦ୍ଧା ଜାଣି ପାରୁ ନଥିଲେ । ଆକ୍ରମଣକାରୀ କିଏ ହୋଇ ପାରେ । ଶୟନ କକ୍ଷର ସମସ୍ତ ଝରକା ବନ୍ଦଥିଲା । ପ୍ରାସାଦର ମୁଖ୍ୟ ଦରଜା ବନ୍ଦଥିଲା ବେଳେ; ସେ ଆସିଲା କେଉଁ ରାସ୍ତାରେ ଏବଂ ଗଲା କେଉଁ ରାସ୍ତାରେ । ପ୍ରାସାଦ ଭିତରେ . ଅନେକ ସେବକ ଏବଂ ସେବିକା ଅଛନ୍ତି । ଅପରାଧୀ କାହାର ଚକ୍ଷୁ ଗୋଚରକୁ ଆସି ନାହିଁ । ଆକ୍ରମଣକାରୀ ମିଃ ଟ୍ରେଲମାଙ୍କୁ କେଉଁ ଉଦ୍ଦେଶ୍ୟରେ ଆଘାତ କଲା ତାହା ମଧ୍ୟ ଜଣାଯାଉ ନାହିଁ । ତା'ର ଉଦ୍ଦେଶ୍ୟ ଚୋରୀ ଡକାୟତି ନୁହେଁ । କାରଣ ଟ୍ରେଲମାଙ୍କ ଶୟନ କକ୍ଷରେ ବହୁ ମୂଲ୍ୟବାନ ପଦାର୍ଥ ଓ ବସ୍ତୁ । ସେଥିରୁ ଗୋଟାଏ ପଦାର୍ଥ ସୁଦ୍ଧା ଏ ପାଖ ସେପାଖ ହୋଇନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର କଥା, ଆକ୍ରମଣକାରୀ ଟ୍ରେକୋଷ୍ଟର

Digitized by PPRACHIN, SOA

ମଧ୍ୟ କୌଣସି ପ୍ରକାର ଚିହ୍ନ ଛାଡ଼ି ଯାଇନାହିଁ । ସୁପର-ଇଣ୍ଟେଣ୍ଡେଣ୍ଟ ମାଡ଼େଭର ବହୁ ଚେଷ୍ଟା କରି ମଧ୍ୟ, କୌଣସି ପ୍ରକାର ପଦଚିହ୍ନ, ଅଙ୍ଗୁଳି ଚିହ୍ନ ଆବିଷ୍କାର କରି ପାରି ନାହାନ୍ତି । ତାଲିମ ପ୍ରାପ୍ତ କୁକୁର ମଧ୍ୟ ଗନ୍ଧ ବାରିବାରେ ବିଫଳ ହୋଇଛି ।

ମିସ୍ ଟ୍ରେଲମା, ଡାକ୍ତର ଏବଂ ଏସ୍.ପି.ଙ୍କୁ ନବୋଲାକୁ ଡାକି ଆଣି ବାବାଙ୍କ ପତ୍ର ଦେଖାଇଲେ । ସେ ଦୁହେଁ ମଧ୍ୟ ପତ୍ର ପାଠ କରି ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଡ଼ିଲେ । ପତ୍ରରେ ଲେଖା ଥିବା ବିଷୟବସ୍ତୁ ଉପରେ ଦୀର୍ଘ ସମୟ ଆଲୋଚନା ହୋଇ ଶେଷରେ ସ୍ଥିର କରାଗଲା ଯେ, ଏହା ମିଃ ଟ୍ରେଲମାଙ୍କ ଜୀବନ ମରଣର ସମସ୍ୟା ହୋଇଥିବା ହେତୁ ସେ ଚିଠିରେ ଯାହା ନିର୍ଦ୍ଦେଶ ଦେଇ ଯାଇଛନ୍ତି ସେହି ଅନୁସାରେ ଆର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଅଦ୍ୟାବଧି ମିଃ ଟ୍ରେଲମା ବେହୋସ ଅବସ୍ଥାରେ ନିଜ ଶୟନ କକ୍ଷରେ ପଡ଼ିଥିଲେ । ଶ୍ୱାସକ୍ରିୟା ବ୍ୟତୀତ ତାଙ୍କ ଶରୀରରେ ଆଉ କୌଣସି ପ୍ରକାର ସ୍ପନ୍ଦନ ଦେଖାଯାଉ ନଥିଲା । ତାଙ୍କ ପାଖରେ ହାଉସ୍ କପର୍ ମିସେସ୍ ଗ୍ରାଣ୍ଟ ଏବଂ ଜଣେ ସିପାହୀ ଜଗି ରହିଥିଲେ ।

Digitized by PPRACHIN, SOA

ସର୍ବସମ୍ମତ ନିଷ୍ପତ୍ତି ହେଲ ଯେ, ମିଷ୍ଟର ଟ୍ରେଲମାଙ୍କ ହୋସ ଫେର ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ଏବଂ ପାଳିକରି ତାଙ୍କୁ ସକାଳ ପର୍ଯ୍ୟନ୍ତ ଜଗି ରହିବାକୁ ହେବ ।

ଏହିଭଳି ଚିନ୍ତା କରୁ କରୁ ସୂର୍ଯ୍ୟ ଅସ୍ତ ହୋଇ ଗଲେ । ପୃଥିବୀ ଆସ୍ତେ ଆସ୍ତେ ରାତ୍ରି କୋଳକୁ ଆଗେଇ-ବାରେ ଲଗିଲେ ।

୭

ରାତ୍ରୀ ଆସିଲା··· ।

ରାତ୍ରୀ ନୁହେଁ ତ କାଳରାତ୍ରୀ କହିଲେ ଠିକ୍ ହେବ । ସମୁଦାୟ ଘରେ ଆମେ ସାତଜଣ ବ୍ୟକ୍ତି ଥିଲୁ । ମୁଁ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଡ୍ରାନ । ଡାକ୍ତର ବେନ୍‌ଷ୍ଟର, ମିସ୍ ଟ୍ରେଲମା, ହାଉସ କିପର୍ ମିସେସ୍ ଗ୍ରଣ୍ଟ ନର୍ସ କେନେଡ଼ି ଏବଂ ମିଃ ଟ୍ରେଲମା ।

ଆମେ ଛଅଜଣ ହୋସରେ ଥିଲବେଳେ ମିଷ୍ଟର ଟ୍ରେଲମା ବେହୋସ ଅବସ୍ଥାରେ ଥିଲେ । ମିଷ୍ଟର ଟ୍ରେଲମାଙ୍କ ବୟସ ଷାଠିଏ ପାଖା ପାଖି; କିନ୍ତୁ ଦେଖିବାକୁ ଖୁବ ହୃଷ୍ଟପୃଷ୍ଟ । ଏ ବୟସରେ ମଧ୍ୟ ତାଙ୍କ ଶରୀରରେ ଅସାଧାରଣ ଶକ୍ତି ରହିଥିଲା । ଦରକାର ପଡ଼ିଲେ ସେ

Digitized by PPRACHIN, SOA

ପଚିଶ ଛବିଶ ବର୍ଷର ସୁସ୍ଥ ସବଳ ଯୁବକଙ୍କୁ ମଧ୍ୟ ଧରାଶାୟୀ କରିଦେବାର କ୍ଷମତା ରଖିଥିଲେ ।

ସେହି ବିଶାଳକାୟ ଶରୀର ନିସ୍ତେଜ ହୋଇ ପଲଙ୍କରେ ପଡ଼ିଥିଲା । ତାଙ୍କୁ ମଣିଷ, ପଶୁ, ପକ୍ଷୀ ଅଥବା କୌଣସି ବିରାଟ ଜନ୍ତୁ ଆକ୍ରମଣ କରନ୍ତୁ, ତାହା ଅଭିଜ୍ଞ ଡାକ୍ତର ମଧ୍ୟ ନିର୍ଣ୍ଣୟ କରିପାରୁ ନ ଥିଲେ ।

ଏତେଗୁଡ଼ାଏ ରକ୍ତ ବୋହିଯିବା ପରେ ମଧ୍ୟ ମିଃ ଟେମ୍ପଲମ୍ୟାନ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ସତେଜ ଦେଖାଯାଉଥିଲେ । ଡାକ୍ତର ବେଙ୍କଟେଶ୍ୱର ତାଙ୍କୁ ବାରମ୍ବାର ପରୀକ୍ଷା କରୁଥିଲେ । ନାଡ଼ି ଦେଖୁଥିଲେ, ନାଡ଼ିର ଗତି ମଧ୍ୟମ ଥିଲା; କିନ୍ତୁ ତା'ର ପ୍ରଭାବ ଦେହର ଉପରେ ନ ଥିଲା । ହୃଦୟ ଗତି ଚେଷ୍ଟର ଚାର୍ଟ ସବୁକିଛି ସେ ପ୍ରତି ମୁହୂର୍ତ୍ତରେ ନୋଟ୍ କରିଥିଲେ । ସବୁ କିଛି ସ୍ୱାଭାବିକ ଅବସ୍ଥାରେ ଥିଲା ।

ସବୁକିଛି ସ୍ୱାଭାବିକ ଅବସ୍ଥାରେ ଥିଲା ବେଳେ ମିଃ ଟେମ୍ପଲମ୍ୟାନଙ୍କ ହୋସ କାହିଁକି ଫେରୁ ନ ଥିଲା, ତାହା ଥିଲା ଚିନ୍ତାର ବିଷୟ । ଶେଷରେ ଡାକ୍ତର ବେଙ୍କଟେଶ୍ୱରଙ୍କ ଧାରଣା ହେଲା, ଏହା କୌଣସି ମନୁଷ୍ୟକୃତ ଆକ୍ରମଣ ନୁହେଁ । କାରଣ ମନୁଷ୍ୟ ନଖ ଏତେ ତୀକ୍ଷ୍ଣ ଏବଂ

Digitized by PPRACHIN, SOA

ଶକ୍ତିଶାଳୀ ହୋଇ ନ ପାରେ । ସମ୍ଭବତଃ ମିଃ ଟ୍ରେଲମାଙ୍କୁ ଏକ ଭୟଙ୍କର ପ୍ରେତାତ୍ମା ଆକ୍ରମଣ କରିଥିଲା । ବର୍ତ୍ତମାନ ସୁଦ୍ଧା ତାଙ୍କ ଶରୀର ପ୍ରେତ ବାଧାରୁ ମୁକ୍ତ ନୁହେଁ । ସେଇଥିପାଇଁ ଦ୍ରୁଏତ ଡାକ୍ତରୀ ଚିକିତ୍ସା କାମ କରୁନାହିଁ ।

ଡାକ୍ତରଙ୍କ ପ୍ରେତ ତତ୍ତ୍ୱ ସହିତ ସମ୍ମତ ନ ଥିଲେ ସୁପରିଣ୍ଟେଣ୍ଡେଣ୍ଟ ଡ଼ାଲାନ । ଭୂତପ୍ରେତ ଉପରେ ତାଙ୍କର କୌଣସି ପ୍ରକାର ବିଶ୍ୱାସ ନଥିଲା । ସେ ମନ୍ତବ୍ୟ ଦେଲେ ଏହା ମନୁଷ୍ୟକୃତ । ମିଃ ଟ୍ରେଲମାଙ୍କର କୌଣସି ଏକ ପୁରୁଣା ଶତ୍ରୁ କୌଶଳ କ୍ରମେ ତାଙ୍କ ପ୍ରକୋଷ୍ଠ ଭିତରକୁ ପଶିଯାଇ ଆତ୍ମଗୋପନ କରି ରହିଥିଲା । ସମସ୍ତ ସୁବିଧା ଦେଖି ସେ ଆଲମିରାରୁ କିଛି ବସ୍ତୁ ଚୋରି କରିବାକୁ ଚେଷ୍ଟା କଲାବେଳେ ମିଃ ଟ୍ରେଲମାଙ୍କ ଦୃଷ୍ଟି ପଡ଼ିଯାଇଛି । ସେ ତାକୁ ବାଧା ଦେଇଛନ୍ତି; କିନ୍ତୁ ଅପରାଧୀ ତାଙ୍କୁ ବାଘନଖ ଭଳି କୌଣସି ଏକ ଅସ୍ତ୍ର ସାହାଯ୍ୟରେ ଆକ୍ରମଣ କରି ପଳାଇ ଯାଇଛି ।

ମୁଁ ପ୍ରେତ ବାଧାକୁ ବିଶ୍ୱାସ କରୁ ନ ଥିବା ସ୍ଥଳେ ସୁପରିଣ୍ଟେଣ୍ଡେଣ୍ଟଙ୍କ ଯୁକ୍ତିକୁ ମଧ୍ୟ ଗ୍ରହଣ କରିପାରୁ ନ ଥିଲି । ଅପରାଧୀ ପ୍ରସାଦ ମଧ୍ୟରେ ପ୍ରବେଶ କଲା କିପରି ? ପୁଣି ସମସ୍ତଙ୍କ ଆଖିରେ ଧୂଳି ଦେଇ ହଠାତ୍ ଉଭାନ ହୋଇ ଗଲା କେଉଁ ଆଡ଼େ ?

Digitized by PPRACHIN, SOA

ସେ ଯଦି ପ୍ରକୃତିରେ ମଣିଷ ହୋଇଥାଏ । ତେବେ ଧରି ନେବାକୁ ହେବ ଯେ, ଅପରାଧୀ ବାହାରର ନୁହେଁ । ଏଇ ମହଲର, ମିଃ ଟ୍ରେଲମ ତାଙ୍କୁ ଚିହ୍ନିଛନ୍ତି । ନିଜ ଶୟନ କକ୍ଷରେ ପଶିବା ପାଇଁ ସୁଯୋଗ ଦେଇଛନ୍ତି । ଆଜି ସେହି ସୁଯୋଗର ଫାଇଦା ଉଠାଇ ସେଲଫରୁ କିଛି ମୂଲ୍ୟବାନ ପଦାର୍ଥ ନେଇ ଯିବା ପାଇଁ ଚେଷ୍ଟା କରିଛି ଅପରାଧୀ । ସେଲ୍ଫରୁ କିଛି ଅପହୃତ ହୋଇଛି କି ନାହିଁ ତାହା ମିଃ ଟ୍ରେଲମଙ୍କ ବ୍ୟତୀତ ଅନ୍ୟ କେହି କହି ପାରିବେ ନାହିଁ । କାରଣ ସେଲ୍ଫ ଖୋଲିବା ଅଧିକାର ଅନ୍ୟ କୌଣସି ସଦସ୍ୟଙ୍କର ନଥିଲା ।

ବିଚାର କରୁ କରୁ ରାତି ବଢିଲା । ବର୍ତ୍ତମାନ କାର୍ଯ୍ୟକ୍ରମ ହେଲା ମିଃ ଟ୍ରେଲମଙ୍କୁ ସକାଳ ପର୍ଯ୍ୟନ୍ତ ଜଗି ବସିବା । ସେଥିପାଇଁ ଆମେ ପାଳି କରି ଦେଇ ଥିଲୁ ।

ପ୍ରଥମ ପାଳି ପଡ଼ିଲା ଡାକ୍ତର ବେଞ୍ଜଷ୍ଟର ଓ ତାଙ୍କ ସାଥିରେ ଆସିଥିବା ନର୍ସ ଲେନେର୍ଡ଼ୀଙ୍କର । ସେ ଦୁହିଁଙ୍କୁ ଶୟନ କକ୍ଷରେ ଛାଡ଼ି ଆମେ ବାହାରକୁ ଆସିଲୁ ।

ଏକ ବିଚିତ୍ର ପରିବେଶ । ବିଚିତ୍ର ଅନୁଭୂତି । ଯେତେ ସାହସୀ ବ୍ୟକ୍ତି ହେଲେ ସୁଦ୍ଧା କଳିଜା ପାଣି ହୋଇଯିବ ।

Digitized by PPRACHIN, SOA

ସନ୍ଧ୍ୟାବେଳୁ ମଣ୍ଡଳରେ କେମିତି ଗୋଟାଏ ପୈଶାଚିକ ନୀରବତା ବିରାଜମାନ କରୁଥିଲା । ରାତି ବଢ଼ିବା ପରେ ସେ ନୀରବତା ଆହୁରି ଗାଢ଼ ହୋଇଗଲା । ମଣିଷକୁ ମନୁଷ୍ୟ ଏବଂ ପଶୁମାନଙ୍କ ଶବ ଦେହରେ ଲେପନ କରାଯାଇଥିବା କେମିକାଲଗୁଡ଼ାକର ବିଚିତ୍ର ଗନ୍ଧ ମନ ଓ ମସ୍ତିଷ୍କକୁ ଅଧିକ ଦୁର୍ବଳ କରି ଦେଉଥିଲା । ଉଆସ ଭିତରେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା ଥିଲା ମଧ୍ୟ କାହିଁକି କେଜାଣି ପରିବେଶ ଅସ୍ୱାଭାବିକ ମନେ ହେଉ ଥିଲା ।

ଚିନ୍ତାକଲେ ମଧ୍ୟ ମୁଣ୍ଡକୁ କିଛି ଉତ୍ତର ନଥିଲା ।

ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଅଲଗା ଅଲଗା କୋଠରୀର ବ୍ୟବସ୍ଥା କରିଥିଲେ ମିସ୍ ହେଲେନ୍ । ବିଶ୍ରାମ ନେବା ପାଇଁ ଆମେ ନିଜ ନିଜ କୋଠରୀରେ ପ୍ରବେଶ କଲୁ ।

କାହା ଅବସ୍ଥା କପରି ଥିଲା ମୁଁ କହି ପାରିବି ନାହିଁ; କିନ୍ତୁ ମୋ ଚକ୍ଷୁରେ ନିଦ୍ରାର ଲେଶ ମାତ୍ର ଝଲକ ନ ଥିଲା । ମୁଁ କେବଳ ଶୋଇ ଶୋଇ ପ୍ରତ୍ୟେକ କଥାକୁ ମୂଳରୁ ଶେଷ ପର୍ଯ୍ୟନ୍ତ ଗୋଟି ଗୋଟି କରି ଚିନ୍ତା କରିବାରେ ଲାଗିଲି । କିନ୍ତୁ ଶତଚେଷ୍ଟା କରି ଦୁର୍ଘଟଣାର କାରଣ କ'ଣ ? ଆତ୍ମହତ୍ୟା କିଏ ହୋଇ ପାରେ,

Digitized by PPRACHIN, SOA

ତା'ର ଉଦ୍ଦେଶ୍ୟ କ'ଣ, କୌଣସି ଏକ ସିଦ୍ଧାନ୍ତରେ ପହଞ୍ଚି ପାରିଲି ନାହିଁ ।

ଏଇମିତି ଭାବୁ ଭାବୁ ମତେ ନିଦ୍ରା ଆସିଗଲା । ମୁଁ କେତେବେଳେ ଶୋଇ ଗଲି ନିଜେ ମଧ୍ୟ ଜାଣି ନାହିଁ ।

ରାତି କେତେ ହେବ କେଜାଣି ! ! ମତେ ସ୍ୱପ୍ନ ଦେଖିଲି ପରି ଲାଗୁଥିଲା କିନ୍ତୁ ଅତି ଭୟଙ୍କର ଥିଲା ।

ଏକ ବିରାଟ ରାଜ୍ୟରେ ମୁଁ ଭାସି ଯାଉଥିଲି, ଶୁଣା ଗଲା କୌଣସି ଏକ ନାରୀର ଆର୍ତ୍ତ ଚିତ୍କାର । ସେ ଯେମିତି ଅତି ବିକଳରେ ଚିତ୍କାର କରୁଥିଲା । ତା' ଚିତ୍କାରରେ ଗଗନ, ପବନ ପ୍ରକମ୍ପିତ ହୋଇ ଉଠୁଥିଲେ ।

ମୋ ନିଦ ଭାଙ୍ଗି ଗଲା । ମୁଁ ହଡ଼ବଡ଼ ହୋଇ ଆଖି ଖୋଲି ଦେଲି । ଆଶ୍ଚର୍ଯ୍ୟ ହେଲି, ମୋ' କୋଠରୀରେ ଜଳୁଥିବା ବିଦ୍ୟୁତ୍‌ର ଲ୍ୟାମ୍ପ ଲିଭିଯାଇଛି । କିନ୍ତୁ ଶୋଇଲା ପୂର୍ବରୁ ମୁଁ ତାକୁ ଜାଳି ଦେଇଥିଲି ।

ମୋ' ଛାତି ଧଡ଼ଧଡ଼ ହେଲା । ଏତେବଡ଼ ଥଣ୍ଡାରେ ମଧ୍ୟ ସର୍ବାଙ୍ଗ ଝାଳେଇ ଗଲା । ଉପରେ ରୁମ ଠାକୁସ ଉଠିଲା ।

Digitized by PPRACHIN, SOA

ହଠାତ୍ ଶୁଣାଗଲା ତୀବ୍ର ନାରୀ କଣ୍ଠର ଚିତ୍କାର ।

ସ୍ୱପ୍ନ ନୁହେଁ, ବାସ୍ତବରେ କେହି ଚିତ୍କାର କରୁଛି । ଆଉ ସେ ଚିତ୍କାର ମିଃ ଟ୍ରେଲନୀଙ୍କ ଶୟନ କକ୍ଷରୁ ଭାସି ଆସୁଥିଲା ପରି ମନେ ହେଲା ।

ପରକ୍ଷଣରେ ଶୁଣାଗଲା ସୁପରିଣ୍ଟେଣ୍ଡେଣ୍ଟ ଡ୍ରଲିନ ଏବଂ ମିଃ ଫସ୍ ଗ୍ରାଣ୍ଟଙ୍କର ମିଳିତ କଣ୍ଠସ୍ୱର । କିଛି ସମୟ ପାଇଁ ମୁଁ ସ୍ଥାଣୁ ହୋଇଗଲି । ମୋ ଶରୀରର ସମସ୍ତ ରକ୍ତ ପାଣି ପାଲଟିଗଲା ଭଳି ମନେ ହେଲା । କିଛି ଚିନ୍ତା କରିବାକୁ ମୋର ଧୈର୍ଯ୍ୟ ନଥିଲା । ମୁଁ ଜୀବନ ବିକଳରେ କବାଟ ଖୋଲି ମିଃ ଟ୍ରେଲନୀଙ୍କ ଶୟନକକ୍ଷ ଆଡ଼େ ଧାଇଁବାକୁ ଲାଗିଲି ।

ସେଠାରେ ମଧ୍ୟ ବିଜୁଳିବତୀ ଫେଲ୍ ମାରିଥିଲା । କେତୋଟା ମହମବତୀ ଏବଂ ଲ୍ୟାମ୍ପର ଫିକା ଆଲୋକ ସହିତ ଏକ ପ୍ରକାର ବିଚିତ୍ର ଛବି ବାତାବରଣରେ ଖେଳେଇ ହୋଇ ପଡ଼ିଥିଲା ।

ମିଃ ଡ୍ରଲିନଙ୍କ ହାତରେ ଉଦ୍ୟତ ରିଭଲଭର୍ ରହିଥିଲା । ସେ ଗୋଲ ଗୋଲ ଆଖି କରି ଶୂନ୍ୟକୁ ଚାହିଁଥିଲେ । ମୋ ପଦଶବ୍ଦ ଶୁଣି ମଧ୍ୟ ସଠିକ୍ ଭାବରେ ଚାହିଁ ପାରି ନଥିବା ହେଉ ବା ତାଙ୍କ ମାନସିକ

Digitized by PPRACHIN, SOA

ଦୁରବସ୍ଥା ଯୋଗୁଁ ହେଉ, ହାତ ଉଠାଇଲେ ଗୁଳି କରି ଦେବା ପାଇଁ ।

ମୁଁ ଚିତ୍କାର କଲି : ଇଏ କ'ଣ ହେଉଛି ମିଃ ଡୁଲାନ···ମଙ୍ଗଳକୁ ଆସନ୍ତୁ···ମୁଁ ମାଲକମ୍ ରୁଜ୍ । ···ତୁମର ବନ୍ଧୁ···

ହଠାତ୍ ମୋ' ଦୃଷ୍ଟି ପଡ଼ିଲା ମିସ୍ ଟ୍ରେଲମାଙ୍କ ଉପରେ । ସେ ଗୋଟାଏ ପାଖରେ ଠିଆ ହୋଇ ବରଡ଼ା ପତ୍ରପରି ଥରୁଥିଲେ । ତାଙ୍କର ଲୁଗାପଟା ରକ୍ତରେ ବୁଡ଼ି ରହିଥିଲା । କିଏ ଯେମିତି ତାଙ୍କ ଶରୀରରୁ ଖୁଲା ପୁଲା ମାଂସ ଟାଣିନେବାକୁ ଚେଷ୍ଟା କରୁଥିଲା । ଭୟ ଆତଙ୍କରେ ତାଙ୍କ ମୁଖମଣ୍ଡଳ ହଳଦିଆ ପଡ଼ି-ଯାଇଥିଲା ।

କ୍ଷଣକେ ଭିତରେ ମୋ' ଚକ୍ଷୁ ଘୂରିଗଲା ପ୍ରକୋଷ୍ଠ ଭିତରେ । ସବୁକିଛି ଏପାଖ ସେପାଖ ହୋଇ ଯାଇଥିଲା । ହ୍ୱିଟର ବେଞ୍ଚିଷ୍ଟର ଟେବୁଲ ଉପରେ ମୁହଁ ମାଡ଼ି ପଡ଼ିଥିଲେ । ତାଙ୍କ ପାଖରେ ଏକ ସୋଫା ଉପରେ ପଥର ମୂର୍ତ୍ତିପରି ନିଶ୍ଚଳ ହୋଇ ବସିଥିଲେ ନର୍ସ କେନେଡି । ତାଙ୍କ ମୁହଁ ଅଧା ଖୋଲା ଅବସ୍ଥାରେ ଥିଲା । ସମ୍ଭବତଃ ସେ ଚିତ୍କାର କରିବାକୁ ଯାଉଥିଲା କେବଳ ଭୟରେ ଚିତ୍କାର କରିପାରି ନାହାନ୍ତି ।

Digitized by PPRACHIN, SOA

ସବୁଠାରୁ ଆଶ୍ଚର୍ଯ୍ୟର କଥା ମିଃ ଟ୍ରେଲନୀ ପଲଙ୍କ ଉପରେ ନ ଥିଲେ । ତାଙ୍କୁ କିଏ ଉଠାଇ ନେଇ ତଳେ ଫିଙ୍ଗି ଦେଇଥିଲା । ଗତ ବର୍ଷରେ ସେ ଯେଉଁ ସ୍ଥାନରେ ଯେଉଁ ଅବସ୍ଥାରେ ପଡ଼ିଥିବାର ବର୍ଣ୍ଣନା ମୋତେ ମିସ୍ ଟ୍ରେଲନୀ ଦେଇଥିଲେ, ଆଜି ଠିକ୍ ସେହି ସ୍ଥାନରେ ଏବଂ ସେହି ପୋଜିସନ୍‌ରେ ପଡ଼ିଥିଲା ପରି ମନେହେଲା । ତାଙ୍କର ଗୋଟାଏ ହାତ ସୋଫା ଉପରକୁ ଲମ୍ବି ଥିଲା ।

ମିଷ୍ଟର ଟ୍ରେଲନଙ୍କ ସଂଜ୍ଞାହୀନ ଶରୀର ପାଖରେ ଚକ୍ତିରେ ଜୁଡ଼ୁବୁଡ଼ୁ ହୋଇ ଗୋଟାଏ ଆଠହାତ ଲମ୍ବର ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା ପଡ଼ିଥିଲା । ଏ ଖଣ୍ଡା ବାହାରର ନୁହେଁ । ସେହି ପ୍ରକୋଷ୍ଠରେ ସନ୍ଧ୍ୟାବେଳେ ସେ ଖଣ୍ଡା କାନ୍ଥରେ ଖୋସାଯାଇଥିବାର ମୁଁ ଚକ୍ଷୁରେ ଦେଖିଥିଲି ।

ଡାକ୍ତର କପର ମିସେସ୍ ଗ୍ରାଣ୍ଟ୍ ଏ ସମସ୍ତ ଦୃଶ୍ୟ ଦେଖି ସ୍ଥାଣୁ ପାଲଟି ଗଲେ ।

ଆଖି ପିଛୁଳାକେ ମୁଁ ପରିବେଶକୁ ଅଧ୍ୟୟନ କରି ନେଲି । ମିସ୍ ଟ୍ରେଲନୀ ଧାଇଁ ଆସି ମୋ ଗ୍ରୁଡ଼ରେ ଲୋଟି ଯାଇ ଛୋଟ ବାଳକଟିଏ ଭଳି କାନ୍ଦି ଉଠିଲେ ।

ମୁଁ ତାଙ୍କୁ ଯଥା ସମ୍ଭବ ସାନ୍ତ୍ୱନା ଦେବାକୁ ଚେଷ୍ଟା କରୁଥିଲି ବେଳେ ଏସ୍. ପି. ମିସେସ୍ ଗ୍ରାଣ୍ଟଙ୍କୁ

Digitized by PPRACHIN, SOA

ନିର୍ଦ୍ଦେଶ ଦେଲେ ନର୍ସ କେନେଡ଼ିଙ୍କୁ ସମ୍ଭାଳିବା ପାଇଁ । ଆଉ ନିଜେ ଲାଗିଗଲେ ଡ଼କ୍ଟରଙ୍କ ହୋସ୍ ଆଣି-ବାରେ ।

ଅଳ୍ପ ସମୟ ପରେ ଡ଼କ୍ଟର ବେଟଷ୍ଟାଷ୍ଟରଙ୍କ ହୋସ୍ ଫେରି ଆସିଲା । ସେ ଧୀରେ ଧୀରେ ଆଖି ଖୋଲିଲେ । ଆମ ସମସ୍ତଙ୍କୁ ତାଙ୍କ ପାଖରେ ଦେଖି ପ୍ରକୃତିସ୍ଥ ହେଲେ । ତା'ପରେ ଚଟାଣ ଉପରୁ ଉଠି ପାଖରେ ପଡ଼ିଥିବା ସୋଫା ଉପରେ ବସିଲେ ।

କିଛି କହିବାକୁ ଚେଷ୍ଟା କରୁଥିଲେ ବୋଧହୁଏ ।

ତା' ପୂର୍ବରୁ ତାଙ୍କ ଦୃଷ୍ଟି ପଡ଼ିଗଲା ମିସ୍ ଟେଲ୍ମାଙ୍କ ରକ୍ତ-ଭିଜା ପୋଷାକ ଉପରେ ।

ଅସ୍ପଷ୍ଟ ଚିତ୍କାର ସେ କଲେ···

: ମାଇଁ ଗଡ଼୍···! ! ଆପଣଙ୍କର ଅବସ୍ଥା ଏମିତି···! !

: ମୁଁ ପରା ଆପଣଙ୍କୁ ଠିକ୍ ଏଇ ପ୍ରଶ୍ନ ପଚାରୁଛି ? ମୋର ଏ ଅବସ୍ଥା ପାଇଁ ଦାୟୀ କିଏ ?

ଘୃଣିତ କଣ୍ଠରେ ପାଲଟା ପ୍ରଶ୍ନ କଲେ ମିସ୍ ଟେଲ୍ମା··ଡ଼କ୍ଟର କିଛି ଉତ୍ତର ଦେବା ପୂର୍ବରୁ ଶୁଣାଗଲା ମିସେସ୍ ଗ୍ରାଣ୍ଟଙ୍କ କଣ୍ଠସ୍ୱର···।

Digitized by PPRACHIN, SOA

: ଏ ନର୍ସଙ୍କ ସମ୍ପର୍କରେ ମୁଁ କିଛି ଜାଣିପାରୁ ନାହିଁ । ମୋର ଯେମିତି ମନେ ହେଉଛି ସେ ଜୀବିତ ନାହାଁନ୍ତି ।

ଆମେ ସମସ୍ତେ ଏକ ସଙ୍ଗରେ ଚମକି ଉଠିଲୁ । ଯେମିତି ଗୋଟାଏ ଶୀତଳ ଲହରୀ ଆମ ଉପର ଦେଇ ବହି ଚାଲିଗଲା ।

ଡକ୍ଟର ବେଷ୍ଟଲଷ୍ଟର ଧାଇଁଗଲେ ନର୍ସ କେନେଡ଼ିଙ୍କ ପାଖକୁ । ତାଙ୍କୁ ପରୀକ୍ଷା କରିବାରେ ଲାଗିଗଲେ ।

ଆମେ ସମସ୍ତେ ଉଦ୍‌ବିଗ୍ନ ମନରେ ଚାହିଁ ରହିଲୁ । କିଛି ସମୟ ପରୀକ୍ଷା କରିବା ପରେ ଡକ୍ଟର କହିଲେ··· ।

: ଈଶ୍ୱରଙ୍କୁ ଧନ୍ୟବାଦ । ନର୍ସ ଜୀବିତ ଅଛନ୍ତି । ଅତ୍ୟଧିକ ଭୟ ପାଇଥିବା ହେତୁ ତାଙ୍କର ଅବସ୍ଥା ଏପରି ହୋଇଛି । ଦୟାକରି ତାଙ୍କୁ ଅନ୍ୟ ଏକ କୋଠରୀକୁ ନେଇ ଯିବାର ବ୍ୟବସ୍ଥା କରନ୍ତୁ ।

ଏସ୍· ପି: ଓ୍ୱାଲିନ, ନର୍ସଙ୍କୁ ମିଃ ଟ୍ରେଲମାଙ୍କ ଶୟନ କକ୍ଷର ପାଖ କୋଠରୀକୁ ନେଇ ଗଲେ ।

ମିସ୍ ଟ୍ରେଲମା ମିସେସ୍ ଗ୍ରାଣ୍ଟଙ୍କ ସହିତ ଲୁଗା ପାଲଟିବା ପାଇଁ ନିଜ କୋଠରୀକୁ ଚାଲି ଗଲେ ।

ଫେରି ଆସିଲେ ଏସ: ପି: ।

Digitized by PPRACHIN, SOA

ଆମେ ସମସ୍ତେ ମିଃ ଟ୍ରେଲମାଙ୍କୁ ଚଟାଣ ଉପରୁ ଉଠାଇ ପୁଣି ପଲଙ୍କ ଉପରେ ଶୁଆଇ ଦେଲୁ ।

ଗତ ରାତିରେ ଡାକ୍ତର ଯେଉଁ ବ୍ୟାଣ୍ଡେଜ ବାନ୍ଧି-ଥିଲେ ତାହା ଅସ୍ତବ୍ୟସ୍ତ ହୋଇଯାଇଥିଲା । ତାକୁ ପୁଣି ଥରେ ଭଲ ଭାବରେ ବ୍ୟାଣ୍ଡେଜ କରିବାର ଦରକାର ପଡ଼ୁଥିଲା ।

ଆଉ ଥରେ ଔଷଧ ଲଗାଇ ବ୍ୟାଣ୍ଡେଜ ବାନ୍ଧି ଦେଲେ ଡାକ୍ତର ବେଙ୍କୋଷ୍ଟର ।

ପୋଷାକ ବଦଳାଇ ମିସେସ୍ ଟ୍ରେଲମା ଫେରି ଆସିଲେ । ତାଙ୍କ ମୁହଁର ସମସ୍ତ ସରସତା ମରି ଯାଇଥିଲା । ସେ ଅତି ମାତ୍ରାରେ ଶୁଖିଲା ଏବଂ ଦୁର୍ବଳ ଦେଖା ଯାଉଥିଲେ । ଯେମିତି ସେ ଦୀର୍ଘ ଦିନ ରୋଗ ଶଯ୍ୟାରେ ପଡ଼ି ଏଇ ବର୍ତ୍ତମାନ ଉଠିଆସୁଛନ୍ତି ।

ତାଙ୍କ ଅବସ୍ଥା ଦେଖି ମତେ ବହୁତ ଦୁଃଖ ଲାଗୁ-ଥିଲା । ବିଚାରୀ ଏ ସଙ୍କଟରୁ କେମିତି ଉଦ୍ଧାର ପାଇବ କେଜାଣି ? ପରିସ୍ଥିତି ଆମ ସମସ୍ତଙ୍କ ମାନସିକ ସନ୍ତୁଳନକୁ ବିଗାଡ଼ି ଦେଇଥିଲା । ବ୍ୟାଣ୍ଡେଜ କଲା ବେଳେ ଡାକ୍ତରଙ୍କ ହାତ ଥରୁଥିଲା । ଏବଂ ମିଃ ଟ୍ରେଲମା ଯେମିତି ମୂକ ପାଲଟି ଯାଇଥିଲେ । କଳ କଳ କରି ଚାହିଁ ରହିଥିଲେ । ଯନ୍ତ୍ରବତ କାମ କରୁଥିଲେ ସିଏ,

Digitized by PPRACHIN, SOA

ମନରେ କୌଣସି ଆଗ୍ରହ ବା ଉତ୍କଣ୍ଠା ଥିଲାଭଳି ମନେ ହେଉନଥିଲା । ମିସେସ୍ ଗ୍ରାଣ୍ଟଙ୍କ ଦେହରେ ଜୀବନ ନଥିଲା କହିଲେ ଚଳେ । କେବଳ ମିସ୍ ଓଟ୍ରେଲାଙ୍କୁ ସାହସ ଦେବା ପାଇଁ ଏବଂ ସେ ନିଜକୁ ସହଜ ଦେଖାଇବା ପାଇଁ ଚେଷ୍ଟା କରୁଥିଲେ ସିନା ଆଦୌ ସହଜ ନଥିଲେ । ମୋ ଅବସ୍ଥା ମଧ୍ୟ ଆଦୌ ଭଲ ନଥିଲା । ମୁଁ କେବଳ ଦେଖୁଥିଲି; କିନ୍ତୁ ବୁଝିପାରୁନଥିଲି । ମୋର ସମସ୍ତ ଚିନ୍ତାଶକ୍ତି ଲୋପ ପାଇଗଲା ଭଳି ମନେ ହେଉଥିଲା ।

ପ୍ରାସାଦର ପ୍ରତ୍ୟେକ ଅଂଶ ଶତଶଷ୍ଟରେ ଭୟର ରାଜତ୍ୱ । ନିଜ ଗ୍ଲାଭକୁ ମଧ୍ୟ ଭୟ ଲାଗୁଥିଲା । ଆମେ ସମସ୍ତେ ପରସ୍ପରକୁ କେବଳ ଦେଖି ଚୁପ୍ ରହୁଥିଲୁ । କିନ୍ତୁ ପାଟି ଫିଟୁନଥିଲା । ପାଟି ଫିଟେଇବାକୁ ଭୟ ଲାଗୁଥିଲା କେମିତି ।

ଏହି ଭୟାବହ ପରିବେଶରୁ ଆମ୍ଭଙ୍କୁ ଉତ୍ତେଜିତ କରାଇ ଦେଲେ ନର୍ସ କେନେଡ଼ି ।

ଅଳ୍ପ ସମୟ ପରେ ତାଙ୍କର ଚେତା ଫେରି ଆସିଲା ସତ; ମସ୍ତିଷ୍କ ସଂପୂର୍ଣ୍ଣ ବିକୃତ ହୋଇ ଯାଇଥିଲା । ଗୋଟାଏ ହିଷ୍ଟିରିଆ ପେସେଣ୍ଟ ଭଳି ସେ କେତେ-କେତେ ଚିତ୍କାର କରୁଥିଲେ ଓ କେତେବେଳେ

Digitized by PPRACHIN, SOA

ଉନ୍ମାଦିନୀଙ୍କ ଭଳି ଉଚ୍ଚ ସ୍ୱରରେ ଗଳା ଫଟାଇ କାନ୍ଦୁଥିଲେ । ନିଜ ଲୁଗାପଟା ଚିରି ଦେବାକୁ ଚେଷ୍ଟା କରୁଥିଲେ । ପାଗଳା କୁକୁର ଭଳି ପଲଙ୍କ ଉପରୁ ତଳକୁ ପୁଣି ତଳୁ ପଲଙ୍କ ଉପରକୁ ଡେଇଁଥିଲେ ।

ତାଙ୍କ ତୁଣ୍ଡରୁ ଏହି ପ୍ରକାର ଧ୍ୱନି ବ୍ୟତୀତ କୌଣସି ଭାଷା ବାହାରୁ ନଥିଲା । ସେ ବୋଧହୁଏ କିଛି ସ୍ମରଣ କରିପାରୁ ନ ଥିଲେ ।

କୌଣସି ପ୍ରକାରେ ପରିସ୍ଥିତିକୁ ଆୟତ୍ତାଧୀନ କରି ଆମେ ଏକାଠି ହେଲୁ । ବର୍ତ୍ତମାନ ସମସ୍ତଙ୍କ ମନରେ ସେଇ ଗୋଟାଏ ଉତ୍କଣ୍ଠା । ଅଳ୍ପ ସମୟ ପୂର୍ବେ ମିଃ ଟ୍ରେଲମଙ୍କ ଶୟନ କକ୍ଷରେ କ'ଣ ସବୁ ଘଟିଗଲା··· ।

ଦୁର୍ଘଟଣା କେତେବେଳେ ଘଟିଲା, କେମିତି ଘଟିଲା ଆଉ ଏ ସମ୍ପର୍କରେ କିଏ କ'ଣ ଜାଣିଛି ।

ମିସ୍ ଟ୍ରେଲମ୍ କହିଲେ—ଆପଣମାନଙ୍କ ଭଳି ମୁଁ ମୋ କକ୍ଷକୁ ଗଲି । ଶୋଇବାକୁ ଚେଷ୍ଟା କଲି, କିନ୍ତୁ ହଠାତ୍ ନିଦ ଆସିଲା ନାହିଁ । ଏଭଳି ମାନସିକ ଦୁଶ୍ଚିନ୍ତାରେ ନିଦ୍ରା ନ ଆସିବା ସ୍ୱାଭାବିକ । ତଥାପି ଶୋଇବାକୁ ଚେଷ୍ଟା କଲି । ନିଦ୍ରା ଟିକିଏ ଟିକିଏ ଲାଗି ଆସୁଥିଲା, ହଠାତ ମତେ କାହିଁକି କିଛି ଗୋଟାଏ

Digitized by PPRACHIN, SOA

ଅସ୍ୱାଭାବିକ ଘଟଣା ଘଟିଲା ଭଳି ଲାଗିଲା । ଆତ୍ମା ମୋର ବିଳାପ କରି ଉଠିଲା । ମନେ ହେଲା ବାବା ପୁଣି କୌଣସି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ମୁଁ ଆଉ ଶୋଇ ପାରିଲି ନାହିଁ । କୋଠରୀ ପରିତ୍ୟାଗ କରି ଧାଇଁ ଆସିଲି ଏ ସ୍ଥାନକୁ । ଏଠାରେ ଆସି ମତେ ଠିକ୍ ସେହି ଦୃଶ୍ୟ ଦେଖିବାକୁ ପଡ଼ିଲା । ଯାହା ମୁଁ ଗତ ରାତିରେ ଦେଖିଥିଲି । ତା'ପରେ ମୁଁ ଖୁବ୍ ଜୋରରେ ଚିତ୍କାର କରିବାରେ ଲାଗିଲି ।

: ତା' ମାନେ ଆପଣଙ୍କୁ କେହି ଆକ୍ରମଣ କରି ନାହାଁନ୍ତି··· ?

ମୁଁ ପଚାରିଲି··· ।

ସଂକ୍ଷିପ୍ତ ଉତ୍ତର ମିଳିଲା···ନା···

: ତେବେ ଆପଣଙ୍କ ଲୁଗାପଟାରେ ରକ୍ତ ଲାଗିଲା କେମିତି ?

: ସେଇଆ ତ ମୁଁ ଜାଣିବାକୁ ଚାହୁଁଛି ।

ଓଲଟା ପ୍ରଶ୍ନ କଲେ ମିସ୍ ହେନ୍ରୀ ।

: କେମିତି ଲାଗିଲା ମୁଁ କହୁଛି । ଏ କଣ୍ଠସ୍ୱର ଥିଲା ଏସ୍: ପି:ଙ୍କର । ଆମେ ସମସ୍ତେ ଏସ୍: ପି:ଙ୍କ ଆଡ଼କୁ ଘୂରି ଚାହିଁଲୁ ।

ମିଃ ଡ୍ରାଇନ କହିଲେ —ଆପଣମାନଙ୍କ ଭଳି ମୁଁ ମଧ୍ୟ ବିଶ୍ରାମ ନେବାକୁ ଗଲି । ଶୋଇବା ପୂର୍ବରୁ ମୋ'

Digitized by PPRACHIN, SOA

ରିଭଲଭର୍‌କୁ ଭଲ ଭାବରେ ଚେକ୍ କରି ତକିଆ ତଳେ ରଖିଲି । କାରଣ ମୋ ଭିତରେ ପ୍ରେତର ବିଶ୍ୱାସ ନାହିଁ । ମୋର ଧାରଣା ଥିଲା ଅପରାଧୀ ପୁଣି ଆସି-ପାରେ । ଯଦି ଆସେ ରିଭଲଭର୍ ନିଶ୍ଚିତ ଭାବରେ କାମରେ ଲାଗିବ । ମୁଁ ଶୋଇବାକୁ ଚେଷ୍ଟାକଲି; କିନ୍ତୁ ନିଦ୍ରା ଆସିଲା ନାହିଁ । ଶେଷରେ ଏମିତି ଖାଲି ପଡ଼ି ଛଟପଟ ହେବା ଅପେକ୍ଷା ମୁଁ ବାହାରେ ଘେରାଟେ ବୁଲି ଆସିବା ଉଚିତ ମନେକଲି । ହୁଏତ କୌଣସି ସୂତ୍ର ହାତରେ ଲାଗିପାରେ । ତକିଆ ତଳୁ ରିଭଲଭର୍ ବାହାର କରି ପକେଟରେ ରଖିବାକୁ ଯାଉଛି, ହଠାତ୍ ମତେ ମିସ୍ ଟ୍ରେଲନିଙ୍କ ଚିତ୍କାର ଶୁଣାଗଲା । ମୁଁ କାଳ ବିଳମ୍ବ ନକରି ମିସ୍‌ଙ୍କ କୋଠରୀ ଆଡ଼େ ଧାଇଁଲି । କିନ୍ତୁ ସେଠାରେ ତାଙ୍କୁ ପାଇଲି ନାହିଁ । ତା' ପରେ ପରେ ପୁଣି ଚିତ୍କାର ଶୁଣାଗଲା । ଏଥର ମୁଁ ଜାଣିପାରିଲି ଚିତ୍କାର ମିଃ ଟ୍ରେଲନିଙ୍କ ଶୟନ କକ୍ଷରୁ ଆସୁଛି । ସେଠାରେ ପହଞ୍ଚି ଦେଖିଲି ମିଃ ଟ୍ରେଲନି କାଲି ଯେଉଁ ସ୍ଥାନରେ ପଡ଼ିଥିଲେ ଆଜି ଠିକ ସେହି ସ୍ଥାନରେ ସେଇପରି ତଳେ ପଡ଼ିଛନ୍ତି । ମିସ୍ ଟ୍ରେଲନି ତାଙ୍କୁ ଜାବୁଡ଼ି ଧରି ଚିତ୍କାର କରିବାରେ ଲାଗିଛନ୍ତି ।

ଓ ଏବେ ବୁଝିହେଲା । ମିସ୍‌ଙ୍କ ପୋଷାକରେ ଲାଗିଥିବା ରକ୍ତ ମିଃ ଟ୍ରେଲନିଙ୍କର । କାରଣ ସେ ପୂର୍ବ

Digitized by PPRACHIN, SOA

ଛତ ସ୍ଥାନରେ ପୁଣି ଆଘାତ ପାଇଥିଲେ । କିନ୍ତୁ ଓଲ୍ଡଗେ
ବେଞ୍ଜୋଷ୍ଟର ଆଉ ନର୍ସ କେନେଡ଼ି ସେତେବେଳେ
କେଉଁଠି ଥିଲେ ଆଉ କ'ଣ କରୁଥିଲେ ?

ମୁଁ ପ୍ରତ୍ନଜ୍ଞା... ।

ଏସ୍: ମି: କହିଲେ : ଓଲ୍ଡଗେଙ୍କ ଉପରେ ମୋ'
ଆଖି ପଡ଼ିନାହିଁ । ନର୍ସ ବୋଧହୁଏ ସୋଫା ଉପରେ
ବସିଥିବା ଅବସ୍ଥାରେ ବେହୋସ ହୋଇ ଯାଇଥିଲେ ।
ପ୍ରକୋଷ୍ଠରେ ମାତ୍ର ଗୋଟାଏ ଲ୍ୟାମ୍ପ ଜଳୁଥିଲା ।
ଅଧିକାଂଶ ଅଂଶ ଅନ୍ଧକାରରେ ଥିଲା । ସେଥିପାଇଁ ମୁଁ
ପରିଷ୍କାର ଭାବେ କାହାକୁ ହଠାତ ଦେଖିପାରି ନଥିଲି ।
ପ୍ରକୋଷ୍ଠରେ ପଶୁଥିବା ମାତ୍ରେ ମୁଁ ପ୍ରଥମେ ମିସ୍
ଟ୍ରେଲମ୍ପାଙ୍କୁ ଦେଖିଲି । ତା' ପଛରେ ଝାପ୍‌ସା ଆଲୋକ
ଆଉ ଝାପ୍‌ସା ଅନ୍ଧାର ଭିତରେ କେହି ଜଣେ ପ୍ରକୋଷ୍ଠ
ଭିତରେ ବୁଲୁଥିବାର ମୁଁ ଅନୁଭବ କଲି । କିଏ
ବୁଲୁଥିଲା ? ସେ ମନୁଷ୍ୟ ଅଥବା ପଶୁ କିମ୍ବା
ବିଡ଼ାଳ ଥିବ, ତାହା ମୁଁ ସଠିକ୍ କହିପାରିବି ନାହିଁ ।
କିନ୍ତୁ କେହି ଜଣେ ବୁଲୁଥିଲା ଏହା ମୁଁ ଜୋର ଦେଇ
କହିପାରେ ।

: ତା'ପରେ ?

: ଧ... ମାତ୍ର ଗୋଟାଏ ଆଲୁଅ । ସେ ଆଲୁଅ-
ଟିରେ ଆଉ... ଥିଲା ଏବଂ ମୁଁ କାନ ଡେରି ନକରି

Digitized by PPRACHIN, SOA

ସେ ଆଲୁଅ ଉପରକୁ ଗୁଳି ଚଳାଇଲେ । ଗୁଳି ଚଳାଇବା ମାତ୍ରେ ସେ ରହସ୍ୟମୟ ଅନ୍ଧାର ମୂର୍ତ୍ତି ସ୍ଥାନରୁ ବାମ ଦିଗକୁ ଦୌଡ଼ିଗଲା, ଏଣୁ ମୁଁ ପୁଣି ପିସ୍ତଲରୁ ଗୁଳି ଚଳାଇଲି । ତା ପରେ କ'ଣ ହେଲା ମୋର କିଛି ମନେ ପଡୁନି ।

ମିଃ ଉତ୍କଳ ପ୍ରକୃତରେ ଗୁଳି ଚଳାଇଥିଲେ କି ନାହିଁ ତାହା ଆମେ ପରୀକ୍ଷା କଲୁ । ତାଙ୍କ କଥା ସତ ଥିଲା । ଝରକା ପାଖରେ ପଡ଼ିଥିବା ନେପାଳୀ ଦେହରେ ଗୋଟାଏ ବୁଲେଟ ଗଳିଥିଲା ତାହା ଆମେ ବାହାର କଲୁ; କିନ୍ତୁ ପିସ୍ତଲରୁ ବୁଲେଟ !! ଖୋଜା ଚାଲିଲା । ହଠାତ ପୁଣି ଥରେ ଅସ୍ପଷ୍ଟ ଚିତ୍କାର କରିଉଠିଲେ ମିସ୍ ନେତ୍ରମଣି ।

ଏକ ଓଁ ଶବ୍ଦ ତାଙ୍କ ପାଟିରୁ ବାହାରିଲା ।

କବାଟ ଆଉ ଆଗକୁ ଯାଇ ଦେଖିଲି ସେ ଥରୁଥିଲେ । ହେ ଭଗବାନ ! ସେଇଠି ଗୋଟିଏ ଖାକି ରଙ୍ଗର ଭୟଙ୍କର ବିଲେଇର ମମିକୃତ ଶବ ପଡ଼ିଥିଲା । ତା' ଦେହରୁ ରାସାୟନିକ ମସଲାର ଗନ୍ଧ ବାହାରୁଥିଲା । ବିଲେଇ ବେକରେ ଗୋଟାଏ ପଟି ବନ୍ଧା ଯାଇଥିଲା । ସେ ପଟି ଉପରେ ପ୍ରାଚୀନ - ମିଶର ଭାଷାରେ କିଛି ଲେଖା ହୋଇଥିଲା ।

Digitized by PPRACHIN, SOA

ଟେବୁଲ ଉପରୁ ଲ୍ୟାମ୍ପ ଉଠାଇ ଆଣି ପାଖକୁ ଆସିଲେ ମିଃ ଟେମ୍ପଲମ୍ୟା । ମୋ' ହାତକୁ ଲ୍ୟାମ୍ପ ବଢ଼ାଇ ସେ ବାଳକଟିର ମଥା ଉପରକୁ ଝୁଙ୍କି ପଡ଼ିଲେ । ମୁଁ ମଧ୍ୟ ଲ୍ୟାମ୍ପ ଧରି ତଳକୁ ଚାହିଁଲି ।

ମିଃ ଉଲ୍ମାନଙ୍କର ଦ୍ରିଷ୍ଟସ୍ତ ଗୁଳି ଏଇ ବାଳକଟିର ବାମ ପାଖ କାନ ମୂଳରେ ବାଜି କାନକୁ ଭେଦକରି କବାଟରେ ଗଳି ଯାଇଥିଲା ।

ଅତି ବିକଟ ଆଉ ଭୟଙ୍କର ଥିଲା ସେ ବାଳକର ରୂପ । ଠିକ୍ ଗୋଟାଏ ଗ୍ରେଟିଆ ବାଘଭଳି । ତାକୁ ଦେଖିଲେ ତାହା ରାସାୟନିକ ମସଲାରେ ସୁରକ୍ଷିତ ଥିବା ବାଳକର ଶବ ବୋଲି ଜଣାଯାଉ ନଥିଲା । ଜଣା-ଯାଉଥିଲା ଏଇ ବର୍ତ୍ତମାନ ଯେମିତି ବାଳକଟି ମୃତ୍ୟୁ-ବରଣ କରିଛି । ଏକଦମ୍ ସତେଜ ।

ହଠାତ୍ ମୁଁ ଭୟରେ ଶିହରି ଉଠିଲି । ମୋ' ରୁମ ଟାଙ୍କୁଶି ଉଠିଲା । ମିଷ୍ଟର ଉଲମ୍ୟା ମଧ୍ୟ, ସେ ଦୃଶ୍ୟ ଦେଖିପାରିଥିଲେ । ଆମେ ପରସ୍ପରକୁ ମୂକ ଦୃଷ୍ଟିରେ ଚାହିଁ ରହିଲୁ । ତୁଣ୍ଡରେ ଭାଷା ନଥିଲା । ଆମ୍ଭ ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥିଲୁ ।

ତଥାପି ଆଖିଦେଖା କଥାକୁ ଅବିଶ୍ୱାସ କରିଯାଇ ପାରେନା । ବାଳକର ବାମ କାନରେ ଯେଉଁଠି ଗୁଳି

Digitized by PPRACHIN, SOA

ବାଜୁଥିଲା, ସେଇଠାରୁ ଗରମ, ଗରମ ଜାଡା ନାଲ ଠୁକୁଠୁକୁ ତାଳାରକ୍ତ ଥପ୍ ଥପ୍ ହୋଇ ବହି ଆସୁଥିଲା ।

ମିଷ୍ଟର ତ୍ରୁଷ୍ମାନଙ୍କ ଭଳି ସାହାସୀ ବ୍ୟକ୍ତି ସେ ଦୃଶ୍ୟ ଦେଖି ଥରଉଠି ଦୁଇପାଦ ପଛକୁ ଘୁଞ୍ଚି ଆସିଲେ ଏବଂ ଧଡ଼ାସ୍ କରି ତଳେ ପଡ଼ିଗଲେ ।

ଅସଲ କଥା ହେଲା, ସେ ଭୂତପ୍ରେତକୁ ବିଶ୍ୱାସ କରୁ ନଥିଲେ ବେଳେ ମଲା ବିଲେଇର ଲାସ୍ ଦେହରୁ ତାଜାରକ୍ତ ବହିବା ଏଥା ତାଙ୍କ ବିଶ୍ୱାସକୁ ଗଭୀର ଆଘାତ ଦେଇଥିଲା । ତାଙ୍କର ସମସ୍ତ ଶକ୍ତି ସେଇ ବିଶ୍ୱାସ ସହିତ ଦୂର ହୋଇଯିବା ପରେ ସେ ଗୋଟି ଶିଶୁଟିଏ ପରି ମାରିହ ହୋଇ ପଡ଼ିଲେ ।

ମୁଁ ମଧ୍ୟ କୌଣସି ମାତ୍ରାରେ କମ୍ ଉତ୍ତେଜିତ ହୋଇ ନ ଥିଲି । କିନ୍ତୁ ଅନ୍ୟମାନଙ୍କ ଉପସ୍ଥିତି ବିଶେଷକରି ମିସ୍ ଟ୍ରେଲମାଙ୍କ ସହିତ ସାହଚର୍ଯ୍ୟ ମୋ' ଆତ୍ମାକୁ କିଛିଟା ସାହାସ ଯୋଗାଇ ଥିଲା । ତା'ଛଡ଼ା ମୁଁ ଅନୁମାନ କରି ପାରୁଥିଲି, ଏ କାର୍ଯ୍ୟ ମନୁଷ୍ୟକୃତ ନୁହେଁ ।

ଅପର ପାର୍ଶ୍ୱରେ ବୃଦ୍ଧ ଡ଼କ୍ଟରଙ୍କୁ ଧନ୍ୟବାଦ ନ ଜଣାଇ ରହିହେବ ନାହିଁ । ସେ ସବୁ ଜାଣି ମଧ୍ୟ

Digitized by PPRACHIN, SOA

ଅବିଚଳିତ ଥିଲେ ଏବଂ ନିର୍ବିକାର ଭାବେ ଏସ୍. ପି.ଙ୍କ ଚିକିତ୍ସା କରିବାରେ ଲାଗିଗଲେ ।

ବାହାରେ ପକ୍ଷୀମାନଙ୍କର ମୃଦୁ ଗୁଞ୍ଜନ ଶୁଣାଗଲା । ଅଳସ ଭଙ୍ଗି ମାଆଙ୍କ ପଣତ କାନିରୁ ମୁହଁ କାଢ଼ିଲେ ବାଳସୂର୍ଯ୍ୟ । କବାଟ ଏବଂ ଝରକା ଫାଙ୍କରେ ଉଙ୍କି ମାରିଲା ପ୍ରତ୍ୟୁଷର ମିଠା ମିଠା ଆଲୋକ ।

କର୍ମଠ ହସ୍ତରେ ମିସେସ୍ ରାଣ୍ଡ ଝରକା ଓ କବାଟଗୁଡ଼ାକ ଖୋଲିଦେଲେ । ମୁକ୍ତ ଆଲୋକ ଏବଂ ବାୟୁ ସମସ୍ତଙ୍କ ଆତ୍ମାରେ ନୂତନ ପ୍ରାଣ ସଞ୍ଚାର କଲା ।

ହୋସ୍‌କୁ ଆସିଲେ ସୁପରିଣ୍ଟେଣ୍ଡେଣ୍ଟ ।

ବର୍ତ୍ତମାନ ପ୍ରେତତତ୍ତ୍ୱ ଉପରେ ତାଙ୍କର ବିଶ୍ୱାସ ଆସି ଯାଇଥିଲା । ଧୀର କଣ୍ଠରେ ସେ ମତେ ଲକ୍ଷ୍ୟକରି କହିଲେ···

: ମିଷ୍ଟର ରୁଜ, ମୁଁ ଆପଣଙ୍କୁ ଏବଂ ଘରର ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରୁଛି ଆପଣମାନେ

Digitized by PPRACHIN, SOA

ଥୋଇଛି ଏ ପ୍ରାସାଦ ପରିତ୍ୟାଗ କରି ଚାଲିଯାଆନ୍ତୁ । ତା' ନକଲେ କେହି ଜଣେ ହେଲେ ଜୀବନ୍ତ ରହିବେ ନାହିଁ ।

ତାଙ୍କ ଶଙ୍କାକୁ ନେଇ ତଳେ ପଡ଼ିଥିବା ବନ୍ଧୁକ ଉପରକୁ ଯିବାକୁ ଦୂରଗଲା । ସୋଫା ଉପରୁ ଉଠିବା ପାଇଁ ଚେଷ୍ଟା କଲେ । ଗୋଡ଼ ଦୁଇଟା ଥରିଲା ପରି ମନେ ହେଉଥିଲା । ବନ୍ଧୁକ ଉପରୁ ତାଙ୍କ ଦୃଷ୍ଟି ଆସ୍ତେ ଆସ୍ତେ ଫେରିଆସି, ମିସ୍ ଟ୍ରେଲଙ୍କ ଉପରେ ସ୍ଥିର ହେଲା ।

ମିସ୍ ଟ୍ରେଲମ ଗମ୍ଭୀର କଣ୍ଠରେ କହିଲେ : ଜଣେ ପୋଲିସ ଅଫିସର ହୋଇ ଆପଣ ଏତେ ଦୁର୍ବଳ ଏବଂ ଭୟାଳୁ ବୋଲି ଜାଣିଥିଲେ, ମୁଁ ଆପଣଙ୍କୁ କେବେ ଏଠାକୁ ଡାକି ନଥା'ନ୍ତି । ଆପଣ ମତେ ପ୍ରୋଟେକ୍ସନ ଦେବା ପାଇଁ ଏଠାକୁ ଆସିଛନ୍ତି ନା, ଭୟଭୀତ କରାଇବା ପାଇଁ ?

ସୁପରିଣ୍ଟେଣ୍ଡେଣ୍ଟ କିଛି ଉତ୍ତର ଦେଇ ପାରିଲେ ନାହିଁ ।

କାହାରି ମୁହଁରେ ଭାଷା ନ ଥିଲା । ଏହାପରେ ନୀରବତା ଭିତରେ କିଛି ସମୟ ଅତିବାହିତ ହୋଇଗଲା ।

Digitized by PPRACHIN, SOA

ଶେଷରେ ଡଃ ବେଙ୍କଟେଶ୍ୱର ମାରବତା ଭଙ୍ଗ-
କଲେ…

ମୋ’ ମତରେ ଆମେ ସୁସ୍ଥ ଭାବରେ ବସି,
ଥଣ୍ଡା ମସ୍ତିଷ୍କରେ ଏ ବିଷୟ ଉପରେ ବିଚାର
କରିବା । ଆପଣ ମିସ୍ ଫ୍ରେଲମା କଥାକୁ ମାଇଣ୍ଡ
କରିବେ ନାହିଁ । କାରଣ ଆପଣ ନିଜ ମାନସିକ
ଅବସ୍ଥାକୁ ଷ୍ଟଡ଼ିକରି ଜାଣିପାରୁଥିବେ, ସେ ବର୍ତ୍ତମାନ
କଭଳି ଯନ୍ତ୍ରଣା ଭିତରଦେଇ ଗତି କରୁଛନ୍ତି ।

ଅନୁତାପ କଲେ ସୁପରିଟେଣ୍ଡେଣ୍ଟ । ଲଜ୍ଜାରେ
ତାଙ୍କ ମୁହଁ ଝାଉଁଳିଗଲା ।

ଆସ୍ତେ ଆସ୍ତେ ଦିନ ଗାଢ଼ ହେଲା ।

ଉଜ୍ଜ୍ୱଳ ଆଲୋକ ବିଚ୍ଛୁରି ହୋଇ ପଡ଼ିଲା ବାଳିକାର
ଶବ ଉପରେ । ମୁହଁ ପୋଡ଼ି ଠିଆ ହୋଇଥିଲେ ମିଷ୍ଟର
ଡ୍ରାଇନ । କିନ୍ତୁ ତାଙ୍କ ମନରେ ଲାଗି ରହିଥିଲା ବାଳିକାର
ଆତଙ୍କ । ଏଣୁ ସ୍ୱତଃ, ତାଙ୍କ ଚକ୍ଷୁଦ୍ୱୟ ପୁଣିଥରେ
ଘୂରିଗଲା ବାଳିକାର ଉପରକୁ ।

ଡାକ୍ତର ବେଙ୍କଟେଶ୍ୱର, ମିସ୍ ଫ୍ରେଲମା ଏବଂ ମୁଁ
ଆମେ ତିନୀଜଣ ବାଳିକା ପାଖକୁ ଯାଇ ଚକ୍ଷୁ ସ୍ଥିର
କରି ରହିଲୁ ।

ପୁଣି ଏକ ଆଶ୍ଚର୍ଯ୍ୟ…

Digitized by PPRACHIN, SOA

ଝିଟେଲିଙ୍କ କାନ ମୂଳରୁ ଯେଉଁଠୁ ଅଳ୍ପ ସମସ୍ତ ପୂର୍ବେ ତାଜା ରକ୍ତ ଥପ୍ ଥପ୍ ହୋଇ ବହୁଥିଲା, ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଶୁଖିଲା ଥିଲା । ଟୋପାଏ ରକ୍ତ ସୁଦ୍ଧା ଦେଖିବାକୁ ମିଳିଲା ନାହିଁ । ଯେମିତି ସୂର୍ଯ୍ୟକିରଣ ପଡ଼ିବା ମାତ୍ରେ ତାହା ଆପେ ଆପେ ହଜିଗଲା ।

ମିସ୍ ଟ୍ରେଲିଙ୍ଗ ଘୁରି ଚାହିଁଲେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ; ମିସେସ୍ ଗ୍ରାଣ୍ଟ ଏବଂ ଡାକ୍ତରଙ୍କ ମୁହଁର ରଙ୍ଗ ବଦଳି ଯାଇଥିଲା । କାହାରି ମୁହଁରେ ଭାଷା ନଥିଲା ।

ଏସ୍ : ପି: କିଛି କହିବାକୁ ଉଦ୍ୟତ ହେଉଥିଲେ, ତା' ପୂର୍ବରୁ ମିସ୍ ଟ୍ରେଲିଙ୍ଗ କହିଉଠିଲେ—ପ୍ଲିଜ୍, ଏ ବିଷୟରେ ଆଉ ଆଲୋଚନା କରି ମତେ ଦୁର୍ବଳ କରି ଦିଅନ୍ତୁ ନାହିଁ । ହୁଏତ ଆମ ସମସ୍ତଙ୍କର ଦେଖିବା ଭୁଲ ହୋଇ ପାରିଥିବ । ଶବ ଦେହରୁ ତାଜା ରକ୍ତ ବାହାରିବ କେଉଁଠୁ ?

ମୁଁ ଡାକ୍ତର ବେଚେଷ୍ଟରଙ୍କୁ ଝଣ୍ଟି ଦୂରକୁ ଡାକି ନେଇଗଲି । ଧୀର କଣ୍ଠରେ କହିଲି : ଆପଣ ଏପର୍ଯ୍ୟନ୍ତ ଆପଣଙ୍କ ଅନୁଭୂତି ସମ୍ପର୍କରେ କିଛି କହି ନାହାନ୍ତି । ଅସଲ ଦୃଶ୍ୟ ଆପଣ ଏବଂ ନର୍ସ କେନେଡ଼ି ହିଁ ଦେଖିଥିବେ, କିନ୍ତୁ ନର୍ସଙ୍କର ଅବସ୍ଥା ଯାହା ସେ

Digitized by PPRACHIN, SOA

କିଛି କହିବା ଅବସ୍ଥାରେ ନାହାନ୍ତି । ଦୟାକରି ଆପଣ ବେହୋସ କପରି ହେଲେ ମତେ ଜଣାଇବେ କି ?

ଚନ୍ଦ୍ରାକଲେ ଡାକ୍ତର··· । କିଛି ସମୟ ଚନ୍ଦ୍ରାକରି କହିଲେ—

: ମୁଁ ନିଜେ ମଧ୍ୟ ଆଶ୍ଚର୍ଯ୍ୟ ହେଉଛି ମିଷ୍ଟର ରୁଜ, ମୁଁ ବେହୋସ ହେଲି କାହିଁକି ? ଏତିକି ମାତ୍ର ସ୍ମରଣ ଆସୁଛି, ହଠାତ୍ ଶ୍ୱାସରୁଦ୍ଧ ହୋଇଗଲା ଭଳି ଲାଗିଲା, ତା'ପରେ ମୁଁ ବେହୋସ ହୋଇ ସୋଫା ତଳକୁ ଖସିପଡ଼ିଲି । ତା'ପରେ ଆପଣମାନେ ଆସିବା ପରେ ମୋର ସେନ୍ସ ଆସିଥିଲା ।

ମିଃ ଟେଲମାଙ୍କ ଅବସ୍ଥା କ୍ରମଶଃ ଖରାପ ଆଡ଼କୁ ଯାଉଥିଲା । ଡାକ୍ତର ବେଞ୍ଚେଷ୍ଟର ଯେତେ ପଟି ବାନ୍ଧିଲେ ମଧ୍ୟ ରକ୍ତସ୍ରାବ ବନ୍ଦ ହେଉ ନ ଥିଲା । ତା' ସହିତ ମିଃ ଟେଲମାଙ୍କ ଶରୀରର ରଙ୍ଗ ମଧ୍ୟ ମଳିନ ପଡ଼ି ଆସୁଥିଲା ।

ଏତେ ରକ୍ତସ୍ରାବରେ କେହି ବଞ୍ଚିରହିବା ସମ୍ଭବ ନୁହେଁ । ସେ ସେଭଳି ସୁସ୍ଥ ଏବଂ ଶକ୍ତିବାନ ଥିଲେ ବୋଲି ବୋଧହୁଏ ଏପର୍ଯ୍ୟନ୍ତ ବଞ୍ଚିରହିଛନ୍ତି ।

ତଥାପି ତାଙ୍କର ଅବସ୍ଥା ଗୋଟାଏ ଜୀଅନ୍ତା ଶବ-ଠାରୁ ଅଧିକ ନଥିଲା । ଗୋଟାଏ କାଠଗଡ଼ ଭଳି ସେ

Digitized by PPRACHIN, SOA

ପଡ଼ିଥିଲେ । ବେକ ଓ ହୃତ୍‌ପିଣ୍ଡଟା ଧକ୍‌ଧକ୍ ହେଉ-ଥିଲା ।

ଏଭଳି ପରିସ୍ଥିତିରେ ଆମେ କ୍ଷୁଧା ଭୁଲି ଯାଇଥିଲୁ । ସମସ୍ତେ ଅତିଷ୍ଠ ହୋଇଗଲେ, ଅଥଚ ଜଳଖିଆ କରିବାକୁ କାହାର ଖିଆଲ ନାହିଁ ।

ନୀରବତା ଭଙ୍ଗକରି ମିସ୍ ଟ୍ରେଲିସ୍ ଡାକ୍ତର ବେଞ୍ଚେଷ୍ଟରଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନକଲେ : ଡାକ୍ତର ଅଙ୍କଲ, ଆପଣ ମୋ ବାବାଙ୍କର ସବୁଠାରୁ ପୁରୁଣା ଏବଂ ବିଶ୍ୱାସୀ ବନ୍ଧୁ ଅଟନ୍ତି । ସେହି ଦୃଷ୍ଟିରୁ ଆପଣ ଏ ଦୁଃଖଦ ଘଟଣା ସମ୍ପର୍କରେ କିଛି ଧାରଣା କରି ପାରୁଛନ୍ତି କି ? ଆପଣ ତ ଜାଣନ୍ତି, ବାବାଙ୍କ ସହିତ ମୁଁ ବିଶେଷ ମିଳାମିଶା କରିବାର ସୁଯୋଗ ପାଇ ନଥିଲି । ମାତ୍ର ଅଳ୍ପଦିନ ହେଲା ସେ ମତେ ପାଖକୁ ଆଣିଥିଲେ ।

ନିଜ ପକେଟରେ ହସ୍ତ ସଞ୍ଚାଳନ କଲେ ଡାକ୍ତର... ତା'ପରେ ଶାନ୍ତ ଏବଂ ମଧୁର କଣ୍ଠରେ କହିଲେ : ଝିଅ, ତୋ' ବାବାଙ୍କ ସହିତ ମୋ'ର ବହୁତ ଦିନର ସମ୍ପର୍କ; କିନ୍ତୁ ତାଙ୍କ ବିଷୟରେ ମୁଁ

Digitized by PPRACHIN, SOA

ଖୁବ କମ୍ ଜାଣିଛୁ । କମ୍ ଜାଣିବାର କାରଣ ମିଷ୍ଟର ଟ୍ରେଲମ ପ୍ରାୟତଃ ନିଜ ଚେଷ୍ଟା ନେଇ ବ୍ୟସ୍ତ ଥାଆନ୍ତି । ଖୁବ୍ କମ୍ ସମୟ ପାଇଁ ତାଙ୍କ ସହିତ ମୋର ଦେଖା ହୁଏ । ବିଶେଷତଃ ଏଇ କେତେ ମାସ ହେଲ ପ୍ରାୟ ଦେଖା ହେଉଥିଲ । କାରଣ ମୁଁ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଅସୁଥିଲ । ଏଇ ମିଳାମିଶାରେ ମୋର ଯାହା ଅନୁଭବ ହୋଇଛି, ତୁମ ବାବା ଜଣେ ଧର୍ମ ଭୂମିଆର, ରହସ୍ୟମୟ ଏବଂ ଅତ୍ୟଧିକ ଜ୍ଞାନୀ ବ୍ୟକ୍ତି ଅଟନ୍ତି । ବହୁ ବିଚାର ତଥା ରହସ୍ୟମୟ ତନ୍ତ୍ର ଉପରେ ତାଙ୍କର ଜ୍ଞାନ ଥିଲ ଏବଂ ସେ ସବୁ ଉପରେ ଗବେଷଣା କରୁଥିଲେ । ସେହି ଦୃଷ୍ଟିରୁ ଚିନ୍ତା କରାଗଲେ, ପ୍ରାଚୀନ ମିଶର ଦେଶରୁ ଏଗୁଡ଼ିକ ଜଣାଯାଇ, ଏହି ପ୍ରାସାଦରେ ସେଉଁସବୁ ମମିକୃତ ଶବଗୁଡ଼ାଙ୍କୁ ରଖାଯାଇଛି, ତାହା ଉଦ୍ଦେଶ୍ୟହୀନ ଭାବରେ ରଖା ଯାଉନାହିଁ । ବର୍ତ୍ତମାନ ଦୁଇଦିନ ଧରି ଯେଉଁ ଘଟଣା ଘଟିଯାଉଛି ସେ ଘଟଣାଗୁଡ଼ାକ ସହିତ ଏହି ଶବ-ଗୁଡ଼ାକର ସମ୍ପର୍କ ଅଛି । ଅନ୍ୟ ଅର୍ଥରେ କହିବାକୁ ଗଲେ, ଏ ପ୍ରାସାଦରେ ଯାହା ଘଟିଯାଇଛି ତାହା ପଛରେ ଏକ ଅଦୃଶ୍ୟ ଶକ୍ତିର ହାତ ଅଛି । ତା' ନ ହେଲେ ଆମେ ଏତେ ଲୋକ ଥାଉ ଥାଉ ସେ ମିଃ ଟ୍ରେଲମଙ୍କୁ ବାରମ୍ବାର, ଆକ୍ରମଣ କରି ଚାଲିଯାଉଛି ଅଥଚ ଆମେ କେହି ଦେଖିପାରୁ ନାହୁଁ ?

Digitized by PPRACHIN, SOA

ମାତବ ରହିଲେ ମିସ୍ ଟ୍ରେଲମା । ତାଙ୍କ ଚକ୍ଷୁରେ ଏକ ସଙ୍ଗରେ ଅନେକ ରଙ୍ଗ ଦେଖାଯାଇ ପୁଣି ଉଭେଇଗଲା ।

ମୁଁ କହିଲି : ଡାକ୍ତର ! ସେ ଅଦୃଶ୍ୟ ଶକ୍ତି କିଏ, ବା କ'ଣ ହୋଇପାରେ ବୋଲି ଆପଣ ଭାବୁଛନ୍ତି ।

: ମୋ' ଭଳି ଜଣେ ବିଜ୍ଞାନ ସମର୍ଥକ ଡାକ୍ତର ଭାବିବା ଉଚିତ୍ ନୁହେଁ । ତଥାପି ଭାବିବାକୁ ବାଧ ହେଉଛି । କାରଣ ଘଟଣାଟି ସେହିଭଳି ରହସ୍ୟମୟ ହୋଇ ଉଠିଛି । ମୁଁ କିନ୍ତୁ ଚିନ୍ତା କରିବା ପୂର୍ବରୁ ବେହୋସ ହୋଇଗଲି । ନର୍ସ କେନେଡ଼ିଙ୍କ ଅବସ୍ଥା ତ ଦେଖୁଛନ୍ତି । ମିଃ ଟ୍ରେଲମାଙ୍କୁ ଆମେ ଦୁଇଥରଯାକ ଲୁହା ଆଲମିରା ତଳେ ପଡ଼ିଥିବାର ଦେଖିଲେ । ଦୁଇଥରଯାକ ତାଙ୍କ ଡାହାଣ ହାତକୁ ଗେଣ୍ଠ ମରା-ଯାଇଥିଲା । ଏପଟକୁ ପୋଲିସ ସୁପରିଟେଣ୍ଡେଣ୍ଟ ମିଃ ଡ୍ରାମ୍ଲିନ୍, ଯିଏ ଅତି ସାହାସୀ ଏବଂ ବାହାଦୁର ବୋଲି ପୋଲିସ ମହଲରେ ରେକର୍ଡ଼ ଅଛି, ସେ ବର୍ତ୍ତମାନ ଅର୍ଦ୍ଧ ବିକ୍ଷିପ୍ତ ଅବସ୍ଥାରେ ଅଛନ୍ତି । ଏଇ ଘରେ କାହାକୁ ବୁଲୁଥିବାର ଦେଖି ସେ ଗୁଳି କରିଥିଲେ । ବୁଲେଟ୍ ମିଳିଥିବା ହେତୁ ସେ ଗୁଳି କରିଥିବା କଥା ସତ୍ୟ; କିନ୍ତୁ ସେ ଗୁଳି ଆମ୍ଭମାନଙ୍କ ଭିତରୁ କାହା ଦେହରେ ବାଜିନାହିଁ । ଏହା ଏକ ସଂଯୋଗ ଅଥବା ସ୍ୱା' ଭିତରୁ

Digitized by PPRACHIN, SOA

କିଛି ରହସ୍ୟ ଅଛି । ତାହା ମୁଁ ଅଦ୍ୟାବଧି ଶନ୍ତା ଜାଣି-ପାରି ନାହିଁ । ତା'ପରେ ଝଟେଲଇର ଲସ୍ ଉପରକୁ ଆସନ୍ତୁ । ତା' କାନ ମୂଳରୁ ଟପ୍‌ଟପ୍ ହୋଇ ତାଜା ରକ୍ତ ଝରି ପଡ଼ିବାର ଆପଣ ନିଜେ ସ୍ୱଚକ୍ଷୁରେ ଦେଖିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା, ସୂର୍ଯ୍ୟକିରଣ ଗାତ୍ର ହେବା ମାତ୍ରେ ସେ ରକ୍ତ କେଉଁଆଡ଼େ ଉଭେଇଗଲା । ଆପଣମାନେ ନିଜେ କହନ୍ତୁ, ଏହା ପଛରେ କାହାର ହାତ ଥାଇ ପାରେ ? କି ରହସ୍ୟ ଥାଇପାରେ ଏସବୁ ଅପ୍ରାକୃତିକ ଘଟଣାଗୁଡ଼ାକ ପଛରେ ?

କହୁ କହୁ ଅଟକିଗଲେ ଡକ୍ଟର ବେଙ୍କଟେଶ୍ୱର । ବାହାରୁ କାହାର ପାଦ ଶବ୍ଦ ଶୁଣାଗଲା । ସେ ଶବ୍ଦ ଥିଲା ବରଓ୍ୱାନ ମୋର୍ସର··· ।

ସେ କହୁଥିଲେ : ମିଃ ଟ୍ରେଲାମ ଆରାମ କରୁଛନ୍ତି । ଏଣୁ ଦୁଃଖର ସହିତ କହିବାକୁ ପଡ଼ୁଛି ଯେ, ଆପଣ ତାଙ୍କୁ ବର୍ତ୍ତମାନ ସାକ୍ଷାତ କରିପାରିବେ ନାହିଁ ।

: ଠିକ୍ ଅଛି; ମିସ୍ ଟ୍ରେଲାମ ନିଶ୍ଚୟ ଥିବେ··· ? ଆଗନ୍ତୁକ ପ୍ରଶ୍ନ କଲେ ।

ବରଓ୍ୱାନ୍ ଉତ୍ତର ଦେଲା : ମେମ୍ ସାହେବ ଅଛନ୍ତି । କିନ୍ତୁ ସେ ମନା କରିଛନ୍ତି ବର୍ତ୍ତମାନ କାହାକୁ ସାକ୍ଷାତ ଦେଇପାରିବେ ନାହିଁ ।

Digitized by PPRACHIN, SOA

ଆଗନ୍ତୁକର ଅସ୍ପଷ୍ଟ ଚିତ୍କାର ଶୁଣାଗଲା : ନର୍କକୁ ଯାଅ ଭୂତମାନେ ସବୁ । ହଁ ତିନଥର ଆସି ଫେରି-ଗଲିଣି, ଅଥଚ ପ୍ରତ୍ୟେକ ଥର କହୁ ନା କହୁ ବାହାନା କରି ମତେ ଫେରାଇ ଦିଆଯାଉଛି । ଏହାଦ୍ୱାରା ମୋର କ୍ଷତି ହେବନାହିଁ, ମୂର୍ଖ ମନୁଷ୍ୟ ମତେ ଭିତରକୁ ଯିବାକୁ ଦିଅ, ନଚେତ ପଛରେ ଅନୁତାପ କରିବ···।

ମୁଁ ବନ୍ଧୁମାନଙ୍କୁ କହିଲି : ଆପଣମାନେ ଅପେକ୍ଷା କରନ୍ତୁ, ମୁଁ ଦେଖି ଆସେ, କିଏ ସେହି ଆଗନ୍ତୁକ !

ଦଳର ମୁଖ୍ୟ ଦରୱାନର ମୋର୍ସ ଠିଆ ହୋଇ-ଥିଲା । ମତେ ଦେଖିଲା ମାତ୍ରେ କହି ଉଠିଲା : ଦେଖନ୍ତୁ, ଏ ମହାଶୟ ବିନା କାରଣରେ ମୋ ସହିତ ଝଗଡ଼ା କରିବାରେ ଲାଗିଛନ୍ତି । ମୁଁ ନୌକର ଲୋକ, ଆଦେଶ ପାଳିବା ମୋ କାମ ।

ଆଗନ୍ତୁକ ମୋ ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲା ।

: ଆପଣ କ'ଣ ମିଃ ଟ୍ରେଲନିଙ୍କର ସେକ୍ରେଟେରୀ ? ପ୍ରଶ୍ନ କଲା ସେ··· ।

: ନା ମୁଁ ଶାନ୍ତ ସ୍ୱରରେ ଉତ୍ତର ଦେଲି··· । ମୁଁ ମିସ୍ ଟ୍ରେଲନିଙ୍କର ବନ୍ଧୁ । ଅଧୀନକୁ ମାଲକମ ବ୍ରୁକ କହନ୍ତି ।

: ମିଃ ବ୍ରୁକ, ଆଇ ମାଇଁ ସେଲଫ୍ ମିଃ କାରବେକ୍ । ଦୁଃଖର କଥା ମୋ ପାଖରେ ମୋ ନେମ କାର୍ଡ଼ ନାହିଁ ।

Digitized by PPRACHIN, SOA

: ନେଭର ମାଇଣ୍ଡ...। ଆପଣ ଭିତରକୁ ଆସି ପାରନ୍ତି...।

ଅନ୍ୟଜନ ଭିତରକୁ ଆସିଲେ । ତା'ପରେ ମୁଁ ମୋଉସିଙ୍କୁ ନିର୍ଦ୍ଦେଶ ଦେଲି ମିସ୍ ଟେଣ୍ଡୁଲଙ୍କୁ ଡାକିଦେବା ପାଇଁ ।

ମିଃ କାରବେକ ହଲରେ ପଡ଼ିଥିବା ମୂଲ୍ୟବାନ ସୋଫା ଉପରେ ଥକା ମାରିଲା ଭଳି ବସିଗଲେ । ଅଳ୍ପ ଉଚ୍ଚତାର ମଣିଷଟିଏ । ମୁଣ୍ଡ ଶରୀର ତୁଳନାରେ ବଡ଼, ବେଶ୍ ଗୋଲଗାଲ ଚେହେରା । ଶରୀରର ରଙ୍ଗ ଫିକା ତାମ୍ରମଙ୍ଗ ।

ଚକ୍ଷୁ ଦୁଇଟି ତାଙ୍କର କିନ୍ତୁ ବେଶ୍ ଉଜ୍ଜ୍ୱଳ ଥିଲା । ବସ୍ତୁକ ମୁହଁର ଗାମ୍ଭୀର୍ଯ୍ୟ, ଅକ୍ଷିତଳ ଏବଂ ଗାଲ ଉପରେ ବସିଥିବା ବୟସ ରେଖା ସୂଚିତ ଦେଉଥିଲା ଯେ, ଆଗନ୍ତୁକ କ୍ଷମା ଏବଂ ଅଭିଜ୍ଞତାର ମାଲିକ ।

ଖଟ ପଦଶବ୍ଦ କରି ମିସ୍ ଟେଣ୍ଡୁଲମ ଆସିଲେ; କିନ୍ତୁ ଆଗନ୍ତୁକଙ୍କ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ଏକଦମ୍ ନରମି ଗଲେ । ଶାନ୍ତ ସ୍ୱରରେ କହିଲେ : କ୍ଷମା କରିବେ ! ମୋ' ପାଇଁ ଆପଣଙ୍କୁ ଏତେ କଷ୍ଟ ସହିବାକୁ ପଡ଼ିଲା । ପ୍ରକୃତରେ ବାବାଙ୍କ ଦେହ ଆଜେଦୀ ଭଲ ନାହିଁ । ତାଙ୍କୁ ଦେଖାଶୁଣା କରିବାରେ ମୁଁ ବ୍ୟସ୍ତ ରହିଯାଇଥିଲି । ଛାଡ଼ନ୍ତୁ ସେ କଥା, ବର୍ତ୍ତମାନ ଆସିବାର ଅଭିପ୍ରାୟ ଜଣାଇଲେ ମୁଁ ଖୁସି ହୁଅନ୍ତି ।

Digitized by PPRACHIN, SOA

କାରବେକ୍ କିଛି କହିବା ପୂର୍ବରୁ ମୋ ମୁହଁକୁ ସନ୍ଧାନ ନେତ୍ରରେ ଚାହିଁଲେ । ତାଙ୍କ ନେତ୍ରର ଭାଷା ବୋଧହୁଏ ବୁଝିପାରିଲେ ମିସ୍ ଟ୍ରେଲମ । ଏଣୁ ପୂର୍ବ ଭଳି କହିଲେ—

: ଆପଣ ଯାହା କହିବା କଥା ନିଃସଙ୍କୋଚରେ କହିପାରନ୍ତି । ମିଷ୍ଟର ରୁଜ ମୋର ଅତି ବିଶ୍ୱାସୀ ବନ୍ଧୁ । ମୋର କୌଣସି କଥା ତାଙ୍କ ପାଖରେ ଗୋପନୀୟ ନାହିଁ ।

ମିସ୍ ଟ୍ରେଲମ କଣ୍ଠରେ ଏଇ କେଇପଦ କଥା ମତେ ନାହିଁକି ବହୁତ ସୁନ୍ଦର ଶୁଣାଗଲା । କାରଣ ତାଙ୍କ କଣ୍ଠସ୍ୱରରେ ଭରି ରହିଥିଲା ମୋ ପ୍ରତି ଦୃଢ଼ ବିଶ୍ୱାସ ଏବଂ ଆତ୍ମୀୟତା ।

କାରବେକ୍ ଗୋଟାଏ ମିନିଟ ପାଇଁ କିଛି ଚିନ୍ତା-କଲେ । ତା'ପରେ କହିଲେ : ମୋର ପୂରାନାମ ୟୁଜେନ କାରବେକ୍ । ମୁଁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଏମ୍. ଏ. କରିଛି । ତା' ପରେ ସେହି ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଅଫ୍ ସର୍ଜରୀ ଡିଗ୍ରୀ ହାସଲ କରିଛି । ଏହାଛଡ଼ା ଅକ୍ସଫୋର୍ଡରୁ ଲିଟେରେଚରରେ ଡକ୍ଟରେଟ୍, ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଡକ୍ଟର ଅଫ୍ ସାଇନ୍ସ, ବର୍ଲିନ ବିଶ୍ୱବିଦ୍ୟାଳୟରୁ ଡକ୍ଟର ଅଫ୍ ଫିଲୋସଫି ଏବଂ ପ୍ୟାରିସ୍ ବିଶ୍ୱବିଦ୍ୟାଳୟରୁ ଯୁନେଦ ଓର ଭାଷାଗୁଡ଼ିକ ଉପରେ

Digitized by PPRACHIN, SOA

ଉଲ୍ବରେଟ ତଥା ଡିଗ୍ରୀ ମଧ୍ୟ ହାସଲ କରିଛି । ପୃଥିବୀର ବହୁ ବିଶ୍ୱବିଦ୍ୟାଳୟର ଡିଗ୍ରୀ ଏବଂ ସମ୍ମାନପତ୍ର ମୋ ପାଖରେ ଅଛି । ସେ ସବୁର ଲମ୍ବା ତାଲିକା ଦେଇ ମୁଁ ଆପଣମାନଙ୍କ ସମୟ ବରବାଦ କରିବାକୁ ଚାହେଁନା । ତଥାପି ଏହି ଡିଗ୍ରୀ ଆଉ ଡକ୍ଟରେଟଗୁଡ଼ିକର ତାଲିକା ଏଇଥିପାଇଁ ଶୁଣାଇବାକୁ ପଡ଼ିଲା ଯେ, ଆପଣମାନେ ମୋତେ କୌଣସି ଅଜ୍ଞମ, ଅଶିକ୍ଷିତ ବା ଅକ୍ଷମ ବ୍ୟକ୍ତି ବୋଲି ଭାବନ୍ତୁ ନାହିଁ । ମିଃ ଟେ୍ରଲମାଙ୍କ ଶପ୍ନ କଷ୍ଟକୁ ଦିବା ପାଇଁ ବାଧା ଦିଅନ୍ତୁ ନାହିଁ । କାରଣ ସେ ମୋର ପୁରୁଣା ମିତ୍ର ଅଟନ୍ତି । ତାଙ୍କ ସହିତ ମିଶରରେ ମୋର ସାକ୍ଷାତ ହୋଇଥିଲା । ଆମେ ଦୁହେଁ ମିଶି ହଜାର ହଜାର ବର୍ଷ ତଳର ଗୋଟାଏ କଫିନ ଖୋଳିଥିଲୁ ।

ଆଗନ୍ତୁକ ବକ୍ତବ୍ୟ ସେତିକିରୁ ଯାହା ଜଣାପଡ଼ୁଥିଲା, ତାହା ଅତି ରହସ୍ୟମୟ ଥିଲା । ତଥାପି ତାଙ୍କର ଯୋଗ୍ୟତା ଆଗରେ ମୋର ମସ୍ତିଷ୍କ ସ୍ୱତଃ ନଇଁ ଆସୁଥିଲା ।

ମୁଁ ବିସ୍ମିତ ନେତ୍ରରେ ଏହି ମହାନ ଆଗନ୍ତୁକଙ୍କୁ ଚାହିଁରହିଲି । କିଏ ଜାଣେ କେତେ ଜ୍ଞାନର ଭଣ୍ଡାର ତାଙ୍କ ଗର୍ଭରେ ଲୁଚି ନ ରହିଛି । ସୌଭାଗ୍ୟ ଥିଲେ ଏଭଳି ବ୍ୟକ୍ତିର ସାନିଧ୍ୟ ମିଳେ ।

ମିସ୍ ଟେ୍ରଲମା ମଧ୍ୟ ମୋ' ଭଳି ବିସ୍ମିତ ନେତ୍ରରେ ସମ୍ମୁଖରେ ବସିଥିବା ସାଧାରଣ ପୁରୁଣାକାଳିଆ

Digitized by PPRACHIN, SOA

ପୋଷାକ, ଅଳ୍ପ ଉଚ୍ଚତା, କିନ୍ତୁ ଉଜ୍ଜ୍ୱଳ ନେତ୍ରଧାରୀ ବ୍ୟକ୍ତିଟିକୁ ଗୃହୀ ରହିଥିଲେ ।

ଆମ୍ଭ ଦୁହିଁଙ୍କୁ ନୀରବ ରହିବା ଦେଖି, କାରବେକ ପୁଣି କହିବା ଆରମ୍ଭ କରିଦେଲେ : ମିସ୍ ଟ୍ରେଲନୀ ଏକ ଖାସ୍ ମିଶନ ଉପରେ ଏବଂ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଉଦ୍ଦେଶ୍ୟରେ ମୁଁ ଆପଣଙ୍କ ବାବାଙ୍କୁ ସାକ୍ଷାତ କରିବା ପାଇଁ ଗୃହେ । କାରଣ ତାଙ୍କର ଉଦ୍ଦେଶ୍ୟ, ଇଚ୍ଛା ଏବଂ ଅଭିଳାଷ ସମ୍ପର୍କରେ କେବଳ ମୁହିଁ ଜାଣେ । ଠିକ୍ ଭାବରେ କହିବାକୁ ଗଲେ ମିଃ ଟ୍ରେଲନୀ ଏଭଳି ଏକ ଜିନିଷକୁ ଖୋଜି ବାହାର କରିବା ପାଇଁ ଚେଷ୍ଟା କରୁଥିଲେ, ଯାହା କେତେ ହଜାର ବର୍ଷ ତଳୁ ନଷ୍ଟ ହୋଇ ଯାଇଛି ।

ଆଶ୍ଚର୍ଯ୍ୟ ଯାହା ହଜାର ହଜାର ବର୍ଷ ତଳେ ନଷ୍ଟ ହୋଇ ଯାଇଛି, ତାହା ପୁନଃ ଏ ସଂସାରକୁ ଆସିବ କପର ?

ସନ୍ଦେହ ବ୍ୟକ୍ତ କଲେ ମିସ୍ ଟ୍ରେଲନୀ ।

ଏକ ଅର୍ଥପୂର୍ଣ୍ଣ ହସ ଖେଳିଗଲା କାରବେକଙ୍କ ଅଧରରେ ।

: ଏକ ଅଲୌକିକ ବିଦ୍ୟା ଦ୍ୱାରା ଏ କାର୍ଯ୍ୟ ସମ୍ଭବ । ହୁଏତ ଆପଣମାନେ ବିଶ୍ୱାସ କରି ପାରିବେ ନାହିଁ; କିନ୍ତୁ

Digitized by PPRACHIN, SOA

ମୁଁ ଜାଣେ, ସେ ବିଦ୍ୟା ଉପରେ ମିଃ ଟ୍ରେଲନୀ ଦକ୍ଷତା ହାସଲ କରି ପାରିଥିଲେ ।

ମତେ ଜଣାଗଲା ମୁଁ ଯେମିତି ସ୍ୱପ୍ନ ରାଜ୍ୟରେ ବିଚରଣ କରୁଛି । କିନ୍ତୁ ଟ୍ରେଲନୀ ପ୍ରକୃତିସ୍ଥ ଥିଲେ । ଶାନ୍ତ ସ୍ୱରରେ କହିଲେ : ଅବଶୋଷ⋯ଅବଶୋଷ ରହିଗଲା କାରେବିକ୍ ପାଇଁ ହେବ, ଆପଣ ଯଦି ଆଉ ଦୁଇଦିନ ପୂର୍ବରୁ ଆସି ଯାଇଥାନ୍ତେ ! ଏନି ଓ୍ୱେ, ଆପଣ ଆସନ୍ତୁ, ନିଜ ଆଖିରେ ବାବାଙ୍କର ଅବସ୍ଥା ଦେଖନ୍ତୁ, ହୁଏତ କିଛି ଉପଯୁକ୍ତ କରି ପାରନ୍ତି !

ମିସ୍ ଟ୍ରେଲନୀଙ୍କ ବକ୍ତବ୍ୟ ଶେଷ ହୋଇଛି କି ନାହିଁ, ବସିଥିବା ଆସନରୁ ଭୂତଭଳି ଉଠି ପଡ଼ିଲେ କାରେବିକ୍ । ଆମକୁ ଅପେକ୍ଷା ନ କରି ସେ ଆଗେଇ ଗଲେ ଆଗକୁ⋯

ଅଳିନ୍ଦ ପରେ ଅଳିନ୍ଦ—ଗବାକ୍ଷ ପରେ ଗବାକ୍ଷ, କକ୍ଷ ପରେ କକ୍ଷ, ସତେ ଯେମିତି ଏ ପ୍ରାସାଦ ସହିତ ସେ ପୂର୍ବରୁ ପରିଚିତ । ଏ ପ୍ରାସାଦର ପ୍ରତ୍ୟେକ କୋଣ, ଅନୁକୋଣ ତାଙ୍କର ଚଳପଥ ।

ତାଙ୍କର ଚଳପଥ ଶେଷ ହେଲା ମିଷ୍ଟର ଟ୍ରେଲନୀଙ୍କ ଶୟନକକ୍ଷ ସାମନାରେ ।

ଭିତରୁ ଡାକ୍ତର, ଏସ୍: ପିଃ ଏବଂ ହାଉସ୍ କିପରଙ୍କ ମିଳିତ କଣ୍ଠସ୍ୱର ଶୁଣାଯାଉଥିଲା ।

Digitized by PPRACHIN, SOA

: ଯାହା ଜଣାଯାଏ, ଆଗ୍ରଣ ଦସ୍ୟୁଙ୍କ ବ୍ୟଷ୍ଟାତ ଆଡୁର ଅନେକ ବ୍ୟକ୍ତି ଏଠାରେ ଉପସ୍ଥିତ ଅଛନ୍ତି… ଏନ୍ନି ରେଡ୍ୟ…

ଭିତରେ ପ୍ରବେଶ କଲେ କାରବେକ୍ ।

ତାଙ୍କର ଏ ପ୍ରକାର ଅପ୍ରତ୍ୟାଶିତ ଆଗମନ ପାଇଁ ପ୍ରସ୍ତୁତ ନଥିଲେ । ଏଣୁ ଭିତରେ ବସି ଆଳାପ କରୁଥିବା ସଦସ୍ୟମାନେ ହଡ଼ବଡ଼ ହୋଇ ନିଜ ନିଜ ଆସନ ଉପରୁ ଉଠି ପଡ଼ିଲେ ।

ସେଥିପ୍ରତି ଧ୍ୟାନ୍ ନଥିଲା ମି: କାରବେକଙ୍କର । ସେ ଆଗେଇଯାଇ ମି: ଟ୍ରେଲମାଙ୍କ ଶଯ୍ୟା ଆଗରେ ଠିଆ ହୋଇ ତାଙ୍କୁ ଚୁମ୍ବିଲେ ।

କୌଣସି ଭାବାନ୍ତର ନଥିଲା ତାଙ୍କ ପାଖରେ । ସେ ହୁଏତ ମି: ଟ୍ରେଲମାଙ୍କ ଅବସ୍ଥା ସଂପର୍କରେ ଆଗରୁ ସୂଚନା ପାଇ ସାରିଥିଲେ ଅଥବା ନିଜ ଜ୍ଞାନ ବଳରେ ଜାଣି ପାରିଥିଲେ, ମି: ଟ୍ରେଲମାଙ୍କୁ ଏପରି ଅବସ୍ଥାରେ ଦେଖିବାକୁ ମିଳିବ ବୋଲି ।

ଓକୋଠରୀ ମଧ୍ୟରେ ପୈଶାଚିକ ନୀରବତା । ଏକ ରହସ୍ୟମୟ ବାତାବରଣ । ସମସ୍ତଙ୍କ ଚକ୍ଷୁ

Digitized by PPRACHIN, SOA

ସ୍ଥିର ଥିଲ ଏହି ରହସ୍ୟମୟ ଆଗନ୍ତୁକ ପ୍ରଫେସର୍ କାରବେକ୍‌ଙ୍କ ଉପରେ ।

ପ୍ରଫେସର ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ରହିଥିଲେ ମିଃ ଟ୍ରେଲନିଙ୍କ ଜୀବନ୍ତ ଅଥଚ ଶବ ଭଳି ପ୍ରତୀୟମାନ ହେଉଥିବା ଶରୀରକୁ ।

କିଛି ସମୟ ପରେ ତାଙ୍କ ଅଧରରେ ଏକ ରହସ୍ୟ ପୂର୍ଣ୍ଣ ହସ ଖେଳିଗଲା । ସେ ମିସ୍ ଟ୍ରେଲନିଙ୍କ ଆଡ଼କୁ ବୁଲିପଡ଼ି କହିଲେ : ମୁଁ ବର୍ତ୍ତମାନ ମିଃ ଟ୍ରେଲନିଙ୍କ ଦୁର୍ଘଟଣାର ବିଷୟବସ୍ତୁ ଆପଣଙ୍କଠାରୁ ଶେଷଥରଟିଏ ବିଶଦ ଭାବରେ ଶୁଣିବାକୁ ଚାହେଁ । ଶୁଣି ସାରିଲା ପରେ ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ଚିନ୍ତା କରିବି । ମିଃ ଟ୍ରେଲନିଙ୍କ ଶଯ୍ୟା ପାଖରୁ ଦୁଇଟି ଆସି ସୋଫା ଉପରେ ଲଥ୍‌କିନା ବସିଗଲେ ମିଃ କାରବେକ୍ ।

ଏହି ରହସ୍ୟମୟ ଆଗନ୍ତୁକ ବ୍ୟକ୍ତିତ୍ୱ ସମସ୍ତଙ୍କୁ ପ୍ରଭାବିତ କରିଥିଲା । ସେ ଯେମିତି ଆମ ସମସ୍ତଙ୍କୁ ସମ୍ମୋହନ କରି ଦେଇଥିଲେ । ଆମେ ତାଙ୍କ ଆଗରେ ନିଜକୁ ଗୋଟାଏ ଗୋଟାଏ ଅସହାୟ ଶିଶୁ ବୋଲି ଭାବୁଥିଲୁ ।

ମିସ୍ ଟ୍ରେଲନି, ସମସ୍ତ ଘଟଣାବଳୀ ବିଶଦ୍ ଭାବରେ ବର୍ଣ୍ଣନା କଲେ ।

ଧ୍ୟାନ ଦେଇ ଶୁଣିଲେ ପ୍ରଫେସର୍ କାରବେକ । ମଝିରେ କୌଣସି ପ୍ରକାର ପ୍ରଶ୍ନ ପଚାରି ନଥିଲେ କି ମନ୍ତବ୍ୟ ମଧ୍ୟ ଦେଇ ନଥିଲେ ।

Digitized by PPRACHIN, SOA

ମିସ୍ ଟ୍ରେଲ୍ମାଙ୍କ ବକ୍ତବ୍ୟ ଶେଷ ହେବା ପରେ, ନିଜ ଆସ୍ଥାନରୁ ଉଠି ପ୍ରଫେସର ମିଷ୍ଟର ଟ୍ରେଲ୍ମାଙ୍କ ଶଯ୍ୟା ନିକଟକୁ ଆସିଲେ । ପୁଣି ଥରେ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ । ନଇଁପଡ଼ି ମିଃ ଟ୍ରେଲ୍ମାଙ୍କ ଆଘାତ ପ୍ରାପ୍ତ ସ୍ଥାନକୁ ଲକ୍ଷ୍ୟ କଲେ । ତା'ପରେ ଶାନ୍ତ ସ୍ୱରରେ କହିଲେ : ଆପଣମାନେ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ଏ ଭଳି ଏକ ଦୁର୍ଘଟଣା ଘଟିପାରେ, ତା'ର ପୂର୍ବାଭାସ ମିଃ ଟ୍ରେଲ୍ମା ଜାଣି ସାରିଥିଲେ ଏବଂ ସେହି ଦୃଷ୍ଟିରୁ ସେ ନିଜର ସୁରକ୍ଷା ନିଜେ କରି ଯାଇଛନ୍ତି । ସେ ଯାହା ହେଉ ମୁଁ ଆସିଗଲିଣି ଯେତେବେଳେ ଆଉ ଚିନ୍ତା ନାହିଁ । ମୋ ଦ୍ୱାରା ଯାହା ସମ୍ଭବ ହେବ ମୁଁ ନିଶ୍ଚୟ କରିବି ।

ମିସ୍ ଟ୍ରେଲ୍ମାଙ୍କ ଆଖିରୁ କୃତଜ୍ଞତାର ଅଶ୍ରୁ ଝରି ଆସିଲା । ପ୍ରଫେସର ତାଙ୍କ ମସ୍ତକରେ ସ୍ନେହପୂର୍ଣ୍ଣ ସ୍ପର୍ଶ ଦେଇ ପୂର୍ବ ଭଳି ଶାନ୍ତ ଏବଂ କୋମଳ କଣ୍ଠରେ କହିଲେ : ଶିଲ୍କସ···ଶିଲ୍କ୍ ଏ··· ମାଇଁ ଗୁଡ଼ଲେଡ଼ି । ବି ଇଜି···ଧୈର୍ଯ୍ୟ ଏବଂ ସାହସର ସହିତ କାମ କର । ଈଶ୍ୱର ଚାହିଁଲେ ସବୁ ଠିକ୍ ହୋଇଯିବ । ମତେ ଟିକିଏ ଚିନ୍ତା କରିବାକୁ ଦେ···

ପୁଣି ଥରେ ସୋଫା ଉପରେ ବସିଲେ ପ୍ରଫେସର କାରବେକ୍ । ମନକୁ ମନ କହିଲା ଭଳି କହିବାରେ ଲାଗିଲେ···

Digitized by PPRACHIN, SOA

ମୁଁ ଗତ କାଲି ଷଷ୍ଠୀରେ ଏଠାରେ ଆସି ପହଞ୍ଚିଥିଲି । ମୁଁ ଏଠାକୁ ଆସିବା ଖବର କାହାକୁ ଜଣା ନାହିଁ । ମୁଁ ମୋ ସାଥିରେ ଏକ ମୂଲ୍ୟବାନ ପଦାର୍ଥ ନେଇ ଆସିଥିଲି । ଯାହାକୁ ଖୋଜିବା ପାଇଁ ମତେ ପୂର୍ବ ତିନି ବର୍ଷ ପାଗଳଙ୍କ ଭଳି ସାରା ପୃଥିବୀ ଘୂରିବାକୁ ପଡ଼ିଥିଲା । କିନ୍ତୁ ଆଜି ସକାଳେ ମୁଁ ଶଯ୍ୟା ତ୍ୟାଗ କରି ଦେଖିଲି, ସେ ପଦାର୍ଥ ମୋ ପାଖରେ ନାହିଁ । ତାହା ରହସ୍ୟପୂର୍ଣ୍ଣ ଭାବେ ଉଭାନ ହୋଇ ଯାଇଛି । ମୁଁ ଯେଉଁଠି ଥିଲି ତା'ର ଏକ ସୁରକ୍ଷିତ ସ୍ଥାନ ଥିଲା । ଶୋଇଲା ପୂର୍ବରୁ ମୁଁ ସେ କୋଠରିର କବାଟ ଝରକା ଦେଇଦିଏ । ତ୍ୟଇ ରାସ୍ତା ଦେଇ କେହି ଭିତରକୁ ଆସିବା ସମ୍ଭବ ନୁହେଁ । ତଥାପି ମୁଁ ସମ୍ପୂର୍ଣ୍ଣ ସତର୍କ ଥିଲି । କାରଣ ମୁଁ ବୁଝୁଁ ଥିଲି ଯେଉଁ ପଦାର୍ଥଟିକୁ ମୁଁ ଏତେ ପରିଶ୍ରମ କରି ଲଣ୍ଡନ ପର୍ଯ୍ୟନ୍ତ ଆଣିଛି ତା'ର ସନ୍ଧାନ କେହି ପାଆନ୍ତୁ ବୋଲି । କିନ୍ତୁ ଆଶ୍ଚର୍ଯ୍ୟର କଥା ଏତେ କଥା ସତ୍ତ୍ୱେ ଯେ ପଦାର୍ଥଟି କେଉଁ ଆଡ଼େ ଉଭାନ ହୋଇଗଲା···?

ଆମେ ସମସ୍ତେ ତନ୍ମୟ ହୋଇ ତାଙ୍କ କଥା ଶୁଣୁଥିଲୁ । ହଠାତ୍ ପ୍ରଶ୍ନ କଲେ ମିସ୍ ମେଟ୍ରେଲିମା : ସେ ପଦାର୍ଥଟି କ'ଣ ପ୍ରକାଶ କରିବେ କି ପ୍ରଫେସର ?

: ଅର୍ଫ୍ କେର୍ସ···ତାହା ଥିଲା ଗୋଟିଏ ଲ୍ୟାମ୍ପ ।

: ଲ୍ୟାମ୍ପ···କି ପ୍ରକାର ଲ୍ୟାମ୍ପ ପ୍ରଫେସର ?

Digitized by PPRACHIN, SOA

ଏକ ସଙ୍ଗରେ ଅନେକ କଣ୍ଠସ୍ୱର ଶୁଣାଗଲା···
ଦୀର୍ଘଶ୍ୱାସ ତ୍ୟାଗକଲେ ପ୍ରଫେସର କାରବେକ ।

: ସେ ଲ୍ୟାମ୍ପ ବଣପୁରେ କ'ଣ କହିବି ବନ୍ଧୁ - ଶୁଣ···ଯାହାକୁ ଶତଚେଷ୍ଟା କରି ମିଃ ଟ୍ରେଲମ ମଧ୍ୟ ହାସଲ କରିପାରି ନ ଥିଲେ; କିନ୍ତୁ ମୁଁ ବହୁ କଷ୍ଟକରି ଜୀବନକୁ ପାଣିଛଡ଼େଇ ତାହା ପାଇଥିଲି । ଆଜି ସେହି ଲ୍ୟାମ୍ପକୁ ମୋ' ପ୍ରିୟ ବନ୍ଧୁ ମିଃ ଟ୍ରେଲମଙ୍କୁ ଦେବା ପାଇଁ ଆସିଥିଲି । କିନ୍ତୁ···

ପ୍ରଫେସରଙ୍କ ଚକ୍ଷୁଦ୍ୱୟ କରୁଣ ଦେଖାଗଲା !

ମିସ୍ ଟ୍ରେଲମ ସାନ୍ତ୍ୱନା ପ୍ରଦାନ କଲେ···

: ଆପଣ ନିରାଶ ହୁଅନ୍ତୁ ନାହିଁ ମିଃ କାରବେକ୍ । ଆମେ ସେ ଲ୍ୟାମ୍ପକୁ ପାଇବା ପାଇଁ ଯଥାସମ୍ଭବ ପ୍ରୟାସ କରିବା । ପ୍ରସିଦ୍ଧ ଗୋଇନ୍ଦାମାନଙ୍କ ସାହାଯ୍ୟ ନେବା । ଏଇତ' ଆପଣଙ୍କ ସମ୍ମୁଖରେ ସ୍କଟଲ୍ୟାଣ୍ଡ ୟାର୍ଡ଼ର ପୋଲିସ ସୁପରିଟେଣ୍ଡେଣ୍ଟ ମିଷ୍ଟର ଡ୍ରଲାନ ଉପବେଶନ କରିଛନ୍ତି ।

ପ୍ରଫେସର କାରବେକଙ୍କ ମୁହଁରେ ପ୍ରସନ୍ନତା ଦେଖାଗଲା । ସେ ମୃଦୁ ନେତ୍ରରେ ମିଃ ଡ୍ରଲାନଙ୍କୁ ଚାହିଁଲେ ।

: ଆଇ ସି··· । ଆପଣ ତା'ହେଲେ ମିଷ୍ଟର ଡ୍ରଲାନ । ବହୁତ ଖୁସିହେଲି ଆପଣଙ୍କୁ ଏଠାରେ

Digitized by PPRACHIN, SOA

ଦେଖି । କିନ୍ତୁ ମିଃ ଡ୍ରାଇନ, ମୁଁ ଏଇଥିପାଇଁ ବ୍ୟସ୍ତ ନୁହେଁ ଯେ, ଲ୍ୟାମ୍ପଟି ଶୁଦ୍ଧ ସୁବର୍ଣ୍ଣରେ ତିଆରି । ମୋ' ବ୍ୟସ୍ତତାର କାରଣ ସେ ଲ୍ୟାମ୍ପ ସହିତ ପ୍ରାଚୀନ ଇତିହାସର ସମ୍ପର୍କ ରହିଛି । ସୁନା ଲୋଭରେ କେହି ତାକୁ ଚୋରି କରି ଯଦି ନିଆଁରେ ପକାଇ ଆଉଟି ଦିଏ ତେବେ ମୋର ସବୁ ପରିଶ୍ରମ ବୃଥା ହୋଇଯିବ । ଲ୍ୟାମ୍ପ ବଦଳରେ ତମେ ଯେତେ ହଜାର ଚାହିଁବ, ମୁଁ ସେତେ ହଜାର ପାଉଣ୍ଡ ପାରିଶ୍ରମିକ ଦେବା ପାଇଁ ରାଜିଅଛି; କିନ୍ତୁ ମୋ'ର ଅନୁରୋଧ ଲ୍ୟାମ୍ପର ଅସଲ ମହତ୍ତ୍ୱ ସମ୍ପର୍କରେ କେହି ଯେପରି କିଛି ଜାଣିବାକୁ ନ ପାଆନ୍ତି ।

: ଆପଣ ନିଶ୍ଚିନ୍ତ ରହନ୍ତୁ । ସେ ଲ୍ୟାମ୍ପର ମହତ୍ତ୍ୱ ସମ୍ପର୍କରେ କେହି କିଛି ଜାଣିବାକୁ ପାଇବେ ନାହିଁ ।

ପ୍ରତିଶ୍ରୁତି ପ୍ରଦାନ କଲେ ଏମ୍: ପି: ଡ୍ରାଇନ ଏବଂ ଆମ ସମସ୍ତଙ୍କଠାରୁ ବିଦାୟ ନେଇ ଚାଲିଗଲେ ।

ହୋଟେଲରେ ରହିବା ପାଇଁ ଚାହୁଁଥିଲେ ପ୍ରଫେସର କାରବେକ୍ । କିନ୍ତୁ ମିସ୍ ଟ୍ରେଲିମାଙ୍କ ଅନୁରୋଧକୁ ସେ ଭାଙ୍ଗି ପାରିଲେ ନାହିଁ । ଅନ୍ୟ ସମସ୍ତ

Digitized by PPRACHIN, SOA

ହୋଇଥିଲେ ହୁଏତ ସେ ଭୁଲି ଯାଇଥାନ୍ତେ । କିନ୍ତୁ ବର୍ତ୍ତମାନ ପରିସ୍ଥିତି ଯୋଗୁଁ ତାଙ୍କୁ ମିଃ ଟ୍ରେଲମଙ୍କ ପାଖରେ ରହିବାକୁ ବାଧ୍ୟ କରିଗଲା । କାରଣ ସେ ତାଙ୍କର ଘନିଷ୍ଠ ବନ୍ଧୁ ଥିଲେ । ତାହା ଛଡ଼ା ତାଙ୍କ ପ୍ରକୃତି ତଥା ଆଚରଣ ସମ୍ପର୍କରେ ଆମ୍ଭମାନଙ୍କ ଅପେକ୍ଷା ପ୍ରଫେସର ଅଧିକ ଜାଣିଥିଲେ ।

ପ୍ରଫେସର ଏତେଗୁଡ଼ାଏ ବିଷୟରେ ଡକ୍ଟରେଟ୍ କପଟ କଲେ, ଡିଗ୍ରୀ ଓ ଡିପ୍ଲୋମା କପଟ ହାସଲ କଲେ, ସେ ବିଷୟରେ ମୋର ସନ୍ଦେହ ହେଉଥିଲା; କିନ୍ତୁ ମୋର ସନ୍ଦେହକୁ ମୋଚନ କଲେ ମିସ୍ ଟ୍ରେଲମ ।

ପିଲାଦିନେ ସେ କୁଆଡ଼େ ଥରେ ଦୁଇଥର ପ୍ରଫେସରଙ୍କୁ ତାଙ୍କ ବାବାଙ୍କ ସହିତ ଦେଖିଥିଲେ । ସେ ସମସ୍ତଗୁଡ଼ାକରେ ବାବା ଟିକେ ପ୍ରସନ୍ନ ଦେଖା ଯାଆନ୍ତି ଏବଂ କୋଠିନିଧି ପାଇଲା ପରି ହୁଅନ୍ତି । ଏହି ଦୃଷ୍ଟିରୁ ବିଚାର କରିଗଲେ ମିଃ ଟ୍ରେଲମ ଓ ପ୍ରଫେସର କାରେବେକଙ୍କ ଅନ୍ତରଙ୍ଗତାକୁ ବିଶ୍ୱାସ କରାଯାଇ ନ ପାରେ ।

ତା'ଛଡ଼ା ପ୍ରଫେସର ଆସିବା ପରେ ବହୁମାତ୍ରାରେ ସାନ୍ତ୍ୱନା ପାଇଥିଲେ ମିସ୍ ଟ୍ରେଲମ । ତାଙ୍କ ଆତ୍ମ-ବିଶ୍ୱାସ ଏବଂ ଧୈର୍ଯ୍ୟ ବହୁ ମାତ୍ରାରେ ବଢ଼ିଗଲା ପରି

Digitized by PPRACHIN, SOA

ମନେ ହେଲା । ଏଣୁ ମୁଁ ତାଙ୍କର ଏ ବିଶ୍ୱାସକୁ ଭାଙ୍ଗିବା ପାଇଁ ଚେଷ୍ଟା ନ କଲି ।

ସୂର୍ଯ୍ୟକିରଣ ଗାଢ଼ ହେଲା ।

ପରିଷ୍କାର ଉଜ୍ଜ୍ୱଳ ଆଲୋକ ବିସ୍ତୃତ ହୋଇ ପଡ଼ିଲା ମିଃ ଟ୍ରେଲିମାଙ୍କ ଶୟନ କକ୍ଷରେ ।

ଏହା ପୂର୍ବରୁ ଏତେ ଭଲଭାବରେ ମୁଁ କୋଠରୀକୁ ଦେଖିବାର ସୁଯୋଗ ପାଇ ନ ଥିଲି ।

ଶୟନ କକ୍ଷ ଏକ ଲମ୍ବା ଚଉଡ଼ା ହଲ୍ ଭଳି ଥିଲା । ହଜାର ହଜାର ସଂଖ୍ୟାର ମୂଲ୍ୟବାନ ବସ୍ତୁ ଯେମିତି ପ୍ରାଚୀନ ସେମିତି ଐତିହାସିକ ବୋଧହୁଏ । ନିଜେ ମିଃ ଟ୍ରେଲିମା ମାଟି ଖୋଳି ସେଗୁଡ଼ିକୁ ସଂଗ୍ରହ କରିଥିଲେ ।

ପ୍ରତ୍ୟେକଟି ବସ୍ତୁରେ ତାଙ୍କ ହାତର ସ୍ପର୍ଶ ରହିଛି । ସେ ନିଜ ନିଜେ ହାତରେ ବସ୍ତୁଗୁଡ଼ିକର ପରିଚୟ ଲେଖିଛନ୍ତି । କିନ୍ତୁ ଦୁଃଖର କଥା, ପରିଚୟପତ୍ର ଉପରେ ଯାହା ଲେଖା ଥିଲା, ସେ ଭାଷା ବୁଝିବା ମୋ ଯୋଗ୍ୟତାର ବାହାରେ ଥିଲା ।

ହଠାତ୍ ମିଃ ଟ୍ରେଲିମାଙ୍କ ଶଯ୍ୟାର ଅଳ୍ପ ଦୂରରେ ଥିବା ଏକ କଫିନ ଉପରେ ମୋ ଦୃଷ୍ଟି ପଡ଼ିଲା । ଏହା ଖୁବ୍ ବଡ଼ ଥିଲା ଏବଂ ସ୍ୟାହ୍ମ ରଙ୍ଗର କୌଣସି

Digitized by PPRACHIN, SOA

ଅଲଗା ପଥର ଦ୍ୱାରା ନିର୍ମିତ ହୋଇଥିଲା । ତା' ଉପରେ ସୁନ୍ଦର ନକ୍ସା ଅଙ୍କନ କରାଯାଇଥିଲା । ସେହି ନକ୍ସା ଉପରକୁ ଉଠି ଆସିଥିଲା ପରି ଦେଖା ଯାଉଥିଲା । ଏତେ ପରିଷ୍କାର ଏବଂ ସତେଜ ଥିଲା ଯେ, ମନେ ହେଉଥିଲା ଯେପରିକି ବର୍ତ୍ତମାନ ଶିଳ୍ପୀ ତାହା ଅଙ୍କନ କରିଛନ୍ତି । କଫିନ୍‌ଟି ଛଟେଟି ଚକ ଉପରେ ରହିଥିଲା, ଏହି ଚକ ଗୁଡ଼ାକ ପଥରରେ ତିଆରି ହୋଇଥିଲା ଏବଂ ତା' ଉପରେ ମନୁଷ୍ୟ ଶରୀରର ରଙ୍ଗଭଳି ସରୁ ସରୁ ଗାରମାନ ପଡ଼ିଥିଲା । ଚକାର ତଳଭାଗ, ଯେଉଁ ଭାଗ ଚଟାଣ ସ୍ପର୍ଶ କରୁଥିଲା ତାହା ଦେଖା ଯାଉଥିଲା ବଧିଆର ପଞ୍ଝାଭଳି ଏବଂ ପ୍ରତ୍ୟେକ ଚକାରେ ସୁନେଲି ରଙ୍ଗର ଏକ କୃତ୍ରିମ ଅଜଗର ସାପ ଗୁଡ଼େଇ ହୋଇ ରହିଥିଲା ।

ଅଜଗରଗୁଡ଼ାକ ଶୁଦ୍ଧ ସୁବର୍ଣ୍ଣରେ ନିର୍ମିତ ହୋଇ ଥିଲା । ମୁହଁଗୁଡ଼ାକ ଏଭଳି ଭାବରେ ଖୋଲିଥିଲା ଯେ, ଦେଖିଲା ମାତ୍ରେ ଶରୀରରେ କମ୍ପନ ସୃଷ୍ଟି ହେଉଥିଲା ।

ମିସ୍ ଟ୍ରେଲଣି ମମି' ପଛ ପାଖରେ ଆସି ଠିଆ-ହେଲେ । ତାଙ୍କ ଦୃଷ୍ଟି ମଧ୍ୟ ଶବାଧାର ଉପରେ ଆବଦ୍ଧ ଥିଲା । କାରଣ ଏହା ପୂର୍ବରୁ ସେ ପିତାଙ୍କ ଶୟନକକ୍ଷକୁ ଆସିବା ପାଇଁ ଅନୁମତି ପାଇ ନଥିଲେ । ତେଣୁ, ଭଲ ଭାବେ ଦେଖିବାର ସୁଯୋଗ ମଧ୍ୟ ପାଇ ନଥିଲେ ।

Digitized by PPRACHIN, SOA

ଆ.ମ ବୃଦ୍ଧିଙ୍କ ହୃଦୟ ଧଡ଼ ଧଡ଼ ହେଲା । କାଗଜ ଉପରେ ଅଙ୍କିତ ନକ୍ସାଗୁଡ଼ାକ ଦେହରେ ହୀରା ସଂଯୁକ୍ତ ହୋଇଥିଲା । ପୃଥିବୀର ସବୁଠାରୁ ମୂଲ୍ୟବାନ ରତ୍ନ ଖଞ୍ଜା ଯାଇଥିଲା ।

ନୀଳମ, ଗୋମେଦ, ପୁଷ୍କରାଗ, ପ୍ରବାଳ, ମୋତି, ମାଣିକ ଆଦିର କେତେ କ'ଣ... ।

ମୁଁ କହିଲି, : ଯେଉଁ କଫିନର ବାହାର ରୂପ ଏତେ ମୂଲ୍ୟବାନ, ଭିତରେ ଥିବା ବସ୍ତୁ କେତେ ମୂଲ୍ୟବାନ ହୋଇଥିବ, ତାହା କଳ୍ପନାତୀତ ? ଏହା ଭିତରେ କ'ଣ ଅଛି, ତାହା ଆପଣ କେବେ ଦେଖିଛନ୍ତି ମିସ୍ ହେଲମା ।

: ନା, ସେ ସୁଯୋଗ ମିଳି ନାହିଁ । ମୋର ବାବା ଥରେ କହୁଥିଲେ, ଯା' ଭିତରେ ଏଭଳି ପଦାର୍ଥ ଅଛି, ଯାହା ଆଗରେ ସଂସାରର କୌଣସି ବସ୍ତୁ ସମାନ ନୁହେଁ । ଏହା ଶୁଣି ମୋ' ମନରେ କୌତୂହଳ ଜାତ ହୋଇଥିଲା । କିନ୍ତୁ ଦୀର୍ଘ ନିଶ୍ୱାସ ପକାଇ ବାବା କହିଲେ—ନା ଝିଅ, ଏହାକୁ ଦେଖିବାର ସମୟ ବର୍ତ୍ତମାନ ତୋ'ର ଆସିନାହିଁ । କିନ୍ତୁ ଯଦି ବଞ୍ଚିଥାଏ, ତେବେ ଦିନେ ନା ଦିନେ ଦେଖାଇ ଦେବି ଯା' ଭିତରେ କ'ଣ ଅଛି । ଏ କଥା ଶୁଣିବା ପରେ ମୁଁ ଉତ୍ସୁକିତ

Digitized by PPRACHIN, SOA

ହୋଇ ପଡ଼ିଥିଲା । ଆଜି ସେହିଦିନଠାରୁ କେବେ କିଛି କରି ନାହିଁ । ଘୁ' ଭିତରେ କ'ଣ ଅଛି ଦେଖିବା ପାଇଁ ।

ମୋର ସ୍ମରଣ ଆସିଲା··· । ମିଃ ଟ୍ରେଲମ୍ ତାଙ୍କ କନ୍ୟା ପାଖକୁ ଲେଖିଥିବା ଚିଠିରେ ସତର୍କ କରାଇ ଦେଇଥିଲେ ଯେ, ତାଙ୍କ ଶୟନ କକ୍ଷର କୌଣସି ପଦାର୍ଥ ବାହାରକୁ ନିବନାହିଁ କିମ୍ବା ରଖାଯାଇଥିବା ସ୍ଥାନ ଏପାଖ ସେପାଖ ହେବ ନାହିଁ; କିନ୍ତୁ କେହି ଯଦି କୌଣସି ପଦାର୍ଥ ଦେଖିବାକୁ ଚାହେଁ, ତେବେ ତାକୁ ଦେଖିବାକୁ ଅନୁମତି ମିଳିବ ନାହିଁ ବୋଲି କେଉଁଠି ଉଲ୍ଲେଖ କରାଯାଇ ନଥିଲା ।

ଏହି ପରିପ୍ରେକ୍ଷୀରେ ମୁଁ ଇଚ୍ଛା କଲି କଫିନ ଭଳି ଦେଖାଯାଉଥିବା ବାକ୍ସକୁ ଖୋଲି ତା' ଭିତରେ କ'ଣ ଅଛି ଦେଖିବା ପାଇଁ; କିନ୍ତୁ ମିସ୍ ଟ୍ରେଲମ୍ ଅନୁମତି ଦେବେ କି ନାହିଁ ତାହା ଥିଲା ସନ୍ଦେହ ।

ତଥାପି ମୁଁ ମୋ ଅଭିଳାଷ ବ୍ୟକ୍ତ କଲି ।

ମିସ୍ ଟ୍ରେଲମ୍ କହିଲେ : ମିଃ ରୁଜ, ଆପଣ ଯାହା ଚାହାନ୍ତି ତାହା ଦେଖି ପାରନ୍ତି, କିନ୍ତୁ ବି କେୟାର୍ ଫୁଲ୍, କୌଣସି ପଦାର୍ଥ ଏପାଖ ସେପାଖ ନ ହୁଏ ଦେଖିବ !!

Digitized by PPRACHIN, SOA

ମୁଁ ଆଶ୍ୱାସନା ଦେଲି । କୌଣସି ପଦାର୍ଥ କୋଠରୀ ବାହାରକୁ ଯିବ ନାହିଁ କି ନିଜ ଆସ୍ଥାନରୁ ଗୋଟିଏ ଇଞ୍ଚ ଏପାଖ ସେପାଖ ହେବ ନାହିଁ ।

କଫିନ ଖୋଲିବା ପାଇଁ କୌଣସି ଅସୁବିଧା ନଥିଲା । ତଥାପି ଭୟ ଏବଂ ଉତ୍ତେଜନାରେ ହାତ ଥରୁଥିଲା । ସର୍ବାଙ୍ଗ ଶରୀର ଝାଳେଇ ଉଠିଥିଲା, ହୃଦପିଣ୍ଡର ସ୍ପନ୍ଦନ ବଢ଼ି ଯାଇଥିଲା । କାରଣ ମୁଁ ଡବାପାର ଭିତରେ ଏଭଳି ପଦାର୍ଥ ଦେଖିବାକୁ ଯାଉଛି, ଯାହା ସଂସାରର ସବୁଠାରୁ ଅଧିକ ମୂଲ୍ୟବାନ ଏବଂ ଦୁର୍ଲ୍ଲଭ ବସ୍ତୁ ଅଟେ ।

ଗୋଟାଏ ଝଟ୍କାରେ ଖୋଲିଗଲା କଫିନ । ତା'ପରେ କେବଳ ବିସ୍ମୟ ଆଁ ବିସ୍ମୟ । ମୋ' ପଛ ପାଖରେ ମିସ୍ ଷ୍ଟେଲମା ମୋ' କାନ୍ଧ ଉପରେ ହାତ ରଖି ଠିଆ ହୋଇଥିଲେ ।

ମୁଁ ଅନୁଭବ କଲି ତାଙ୍କ ହାତର ସ୍ପର୍ଶ ମୋ କାନ୍ଧ ଉପରେ ଗାଢ଼ ହୋଇ ଉଠିଛି । ଯେମିତି ସେ ମୋ' ଦୁଇ କାନ୍ଧକୁ ଖୁବ୍ ଜୋରରେ ଜାବୁଡ଼ି ଧରିଛନ୍ତି ।

ମୋ' ଅବସ୍ଥା କହିବାକୁ ନ ସରେ । ସମସ୍ତ ରକ୍ତ ପାଣି ପାଟିଗଲା ପରି ମନେ ହେଲା । ସତେ ଯେମିତି ମୋର ସମସ୍ତ ଅବୟବ ପାରାଲିସିସ୍ ହୋଇ ଯାଉଛି ।

Digitized by PPRACHIN, SOA

କଫିନ ଭିତରେ ଏକ ଅତି ସୁନ୍ଦର ଯୁବତୀର ମମିକୃତ ଶବ ରହିଥିଲା । ତାହା ରାସାୟନିକ ମସଲା ଦ୍ୱାରା ଏଭଳି ସୁରକ୍ଷିତ ଥିଲା ଯେ, ମନେ ହେଉଥିଲା ତାହା ଶବ ନୁହେଁ । ଯେମିତି ରୂପସୀଟିଏ ମହା ଆନନ୍ଦରେ କଫିନ ଶଯ୍ୟାରେ ଶୋଇ ଯାଇଛି ।

ତା' ଶରୀରରେ ମୂଲ୍ୟବାନ ନରମ ସିଲ୍କ ଲୁଗା ରହିଥିଲା ଏବଂ ବହୁ ମୂଲ୍ୟବାନ ଆଭୂଷଣରେ ସର୍ବାଙ୍ଗ ଭରି ହୋଇ ଯାଇଥିଲା ।

ସେ ଶବ ମିଶର ରାଜବଂଶର କୌଣସି ରାଜକୁମାରୀର ବୋଲି ମନେ ହେଲା । ତା' ଶୁଖିଲା ଓଠ ଉପରେ ଏକ ସୁନ୍ଦର ହସ ଖେଳି ଯାଇଥିଲା । ଯେମିତି ରାଜକୁମାରୀ ଶୋଇ ଶୋଇ ସ୍ୱପ୍ନରେ ତା' ରାଜକୁମାରଙ୍କୁ ଦେଖି ମୁରୁକି ମୁରୁକି ହସି ଉଠୁଛି ।

ଏତେ ସୁନ୍ଦର ଝିଅଟି ଆମକୁ ଭୟ ଲାଗିବାର କାରଣ ଯୁବତୀର ଡାହାଣ ହାତ କଟା ହୋଇ ତା' ଛାତି ଉପରେ ରହିଥିଲା । ଅତି ସୁନ୍ଦର ହାତଟା କଟା ହୋଇଥିବାରୁ ଅସୁନ୍ଦର ଦେଖା ଯାଉଥିଲା । ସେ ହାତ ଠିକ୍ କହୁଣି ପାଖରୁ କଟା ଯାଇଥିଲା ଏବଂ କଟା ସ୍ଥାନରେ ରକ୍ତ ଜମାଟ ବାନ୍ଧି ରହିଥିଲା । ଅବଶ୍ୟ ତାଜା ରକ୍ତ ନୁହେଁ, ଶୁଖିଲା ରକ୍ତ ।

ଏହାଠାରୁ ଅଧିକ ଆଶ୍ଚର୍ଯ୍ୟର କଥା ଯେ ହାତ ପାପୁଲିରେ ପାଞ୍ଚ ବଦଳରେ ମାତ୍ର ଅଙ୍ଗୁଳି

Digitized by PPRACHIN, SOA

ରହିଥିଲା । ଅଙ୍ଗୁଳିଗୁଡ଼ିକ ଏତେ ସୁନ୍ଦର ଥିଲା ଯେ, ଘଣ୍ଟା ଘଣ୍ଟା ଧରି ଚାହିଁଥିଲେ ମଧ୍ୟ ମନ ସନ୍ତୁଷ୍ଟ ହେବ ନାହିଁ । ଆଖି ତା' ଉପରୁ ଫେରି ଆସିବ ନାହିଁ ।

ବଡ଼ ବିଚିତ୍ର ସଂଯୋଗ ।

ଭୟ ଆଉ ରୋମାନ୍ସର ଉଭୟ ମିଶ୍ରଣ ରହିଥିଲା ସେ ହାତ ପାପୁଲିରେ । କାରଣ ପ୍ରତ୍ୟେକ ଅଙ୍ଗୁଳିରେ ଅତି କମ୍‌ରେ ଦେଢ଼ଇଞ୍ଚ ଲମ୍ବାର ମୁନିଆ ମୁନିଆ ନଖ ରହିଥିଲା । ସେ ନଖଗୁଡ଼ିକରେ ଲାଲ ଲାଲ ରକ୍ତ ଲାଗିଥିଲା । ଯେମିତି ସେ ହାତ ବର୍ତ୍ତମାନ କାହାର ଛାତି କଣାକରି ଆସିଛି ।

ଧୈର୍ଯ୍ୟ ହରାଇ ବସିଲେ ମିସ୍ ଚେଟ୍ରିଲମା ..

: ପ୍ଲିଜ୍...ବନ୍ଦକର ..ବନ୍ଦକର ସେ କଫିନକୁ... ଈଶ୍ୱରଙ୍କ ପାଇଁ ବନ୍ଦକର ..

ମୁଁ କଫିନ ବନ୍ଦ କରିବାକୁ ଯାଉଥିଲି, ସେହି ସମୟରେ ଦ୍ୱାର ଉନ୍ମୁକ୍ତ ହେଲା । ପ୍ରଫେସର କାର-ବେକଙ୍କ ସହିତ ମିଃ ଡ୍ରୁଲିନ କକ୍ଷ ମଧ୍ୟକୁ ପ୍ରବେଶ କଲେ ।

ପରକ୍ଷଣରେ ପ୍ରଫେସରଙ୍କ ଦୃଷ୍ଟି ପଡ଼ିଲା କଫିନରେ ଶୋଇ ରହିଥିବା ମିଶର ସୁନ୍ଦରୀ ଉପରେ । ବିସ୍ମୟାଭି-ଭୂତ ହୋଇ ଉଠିଲେ ସେ । ତାଙ୍କ ଚକ୍ଷୁରେ ଭୟ ଏବଂ ଆତଙ୍କର ଛାୟା ଦେଖାଗଲା ।

Digitized by PPRACHIN, SOA

ସେ ଚିତ୍କାର କଲେ : ବନ୍ଧକର...ବନ୍ଧକର ସେ ଶବଧାରକୁ...କଣ୍ଠସ୍ୱର ତାଙ୍କର ଥରୁଥିଲା । ମୁଖମଣ୍ଡଳ ସ୍ୱେଦବାରିରେ ଭିଜି ଯାଇଥିଲା ।

ମୁଁ ଶବଧାରକୁ ବନ୍ଦ କରିଦେଲି ।

ଆମେ ସମସ୍ତେ ଭୟପୂର୍ଣ୍ଣ ଦୃଷ୍ଟିରେ ପ୍ରଫେସର କାରବେକଙ୍କୁ ଚାହିଁଲୁ ।

ଉତ୍ସାହକୁ ସମ୍ବରଣ କରି ପାରିଲେ ନାହିଁ ମିସ୍ ଟ୍ରେଲମା । ପ୍ରଶ୍ନ କଲେ ; ପ୍ରଫେସର ଅଙ୍କଲ...ଆପଣ ଏ ଶବ ବିଷୟରେ ଆମକୁ କିଛି ସୂଚନା ଦେଇ ପାରିବେ ?

: କହିବି, ସବୁ କହିବି ମାଇଁ ଗୁଇଲର୍...କିନ୍ତୁ ତା' ପୂର୍ବରୁ ମୋ ହଜିଲା ଲ୍ୟାମ୍ପ ମିଳିଯିବା ଦରକାର । ତା' ନହେଲେ ମୁଁ କିଛି କହିପାରିବି ନାହିଁ । ଏଇ ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ଶୁଣିବାକୁ ପାଇଲି ସେ ବିଫଳ ହୋଇ ଫେରି ଆସିଛନ୍ତି ।

ମୋ ଲ୍ୟାମ୍ପ ସମ୍ପର୍କରେ କୌଣସି ସୂଚନା ତାଙ୍କର ହସ୍ତଗତ ହୋଇପାରି ନାହିଁ । ବର୍ତ୍ତମାନ କ'ଣ ହେବ ତାହା କେବଳ ଈଶ୍ୱର ହିଁ ଜାଣନ୍ତି ।

ପ୍ରଫେସର କାରବେକ ପଲଙ୍କ ନିକଟକୁ ଆଗେଇ ଗଲେ । ମିଃ ଟ୍ରେଲମାଙ୍କ ଅଘାତପ୍ରାପ୍ତ ହସ୍ତକୁ ପରୀକ୍ଷା କରିବାପାଇଁ ବସିଗଲେ ।

Digitized by PPRACHIN, SOA

ମନକୁ ମନ କହିଲେ ଭାଇ କହିଲେ : ନମା ବନ୍ଧୁ କ'ଣ ଏମିତି ପଡ଼ି ରହିଥିବ !! ନା, କିଛି କରିବାକୁ ହେବ । କିନ୍ତୁ କେମିତି ? ଲ୍ୟାମ୍ପ ବିନା କିଛି ହୋଇ-ପାରିବ ନାହିଁ । ଆମକୁ ଯେମିତି ହେଉ ସେ ଲ୍ୟାମ୍ପକୁ ଖୋଜି ବାହାର କରିବାକୁ ହେବ । ହାଇ ଏନି ମିନସ୍ ···।

ବ୍ୟସ୍ତ ହୋଇ ଉଠିଲେ ପ୍ରଫେସର । କକ୍ଷ ଭିତରେ ଅସ୍ଥିର ପଦଚାରଣା କଲେ । ଝରକା ପାଖକୁ ଗଲେ । ସେଠାରୁ ଫେରି ଆସି ଗୋଟାଏ ସୁନ୍ଦର ଆଲମାରି ସମ୍ମୁଖରେ ଠିଆ ହେଲେ । ପୂର୍ବଭଳି ଗୁଣୁ ଗୁଣୁ ହେଲେ —ଦେଖିଛି···ଦେଖିଛି···ଏ··· ଆଲମାରିକୁ ··· କିନ୍ତୁ କେଉଁଠି ଦେଖିଛି···କେଉଁଠି··· । ପୁଣି ପଦଚାରଣ କଲେ । ହଠାତ୍ ପଦଚାରଣ ବନ୍ଦ କରି ମିସ୍ ଟ୍ରେଲନାଙ୍କୁ ପ୍ରଶ୍ନ କଲେ । ଝିଅ, କହିପାରିବୁ ଏ ଆଲମାରି ଭିତରେ କ'ଣ ଅଛି ? ଟିକଏ ଖୋଲିଲ···ମୁଁ ଦେଖେ···

କିନ୍ତୁ କେହି ଖୋଲିବା ପୂର୍ବରୁ ନିଜେ ଆଲମାରିର ହ୍ୟାଣ୍ଡେଲ ଧରି ଟାଣି ଆଣିଲେ ପ୍ରଫେସର ।

ଆଲମାରି ଭିତରେ ଆଉ ଗୋଟାଏ ଶ୍ରେଷ୍ଠ ଆଲମାରି ଥିଲା । ସେ ଶ୍ରେଷ୍ଠ ଆଲମାରିକୁ ଯେମିତି ପ୍ରଫେସର ଛୁଇଁଲେ, ତାହା କଟକଟ ଆବାଜ କରି ସ୍ୱତଃ ଖୋଲିଗଲା ।

Digitized by PPRACHIN, SOA

ଆଶ୍ଚର୍ଯ୍ୟ... । ସମସ୍ତଙ୍କ ଦୃଷ୍ଟି ଘୁରିଗଲା ସେଇ ଗ୍ଲେଜ୍ଡ୍ ଆଲମାରୀ ଭିତରକୁ । ତା' ଭିତରେ ଚକ୍ ଚକ୍ କରୁଥିଲା ତିନୋଟି ସୁବର୍ଣ୍ଣ ଲ୍ୟାମ୍ପ ।

ଖୁସିରେ ଉଚ୍ଛୁଳି ଉଠିଲେ ପ୍ରଫେସର କାରବେକ ।

: ମିଳିଗଲା...ମୋ ଲ୍ୟାମ୍ପ ମିଳିଗଲା... । ଲ୍ୟାମ୍ପ ତିନୋଟିକୁ ଛାତିରେ ଚାପିଧରି ପାଗଳଙ୍କ ଭଳି ନାଚି ଉଠିଲେ ପ୍ରଫେସର ।

କିନ୍ତୁ ସମସ୍ତ ପରେ ସେ ପ୍ରକୃତିସ୍ଥ ହେଲେ । ଆମ ସମସ୍ତଙ୍କ ଉଦ୍ଦେଶ୍ୟରେ କହିଲେ : କ୍ଷମା କରିବେ, ମୁଁ ଟିକିଏ ଅଧିକ ଖୁସି ହୋଇଗଲି । ବାଇ ଦ ବାଇ, ମୋ ଲ୍ୟାମ୍ପ ଏ ଭିତରକୁ ଆସିଲା କେମିତି ? ସେ ରହସ୍ୟ ବର୍ତ୍ତମାନ ଆମକୁ ଖୋଜି ବାହାର କରିବାକୁ ହେବ ।

ଆପଣ କ'ଣ ନିଶ୍ଚିନ୍ତ ଯେ, ଏଇ ଲ୍ୟାମ୍ପଗୁଡ଼ାକ ସେଇ ଲ୍ୟାମ୍ପ ! ଆଉମିନ୍ ଆପଣଙ୍କ ହଜିଯାଇଥିବା ଲ୍ୟାମ୍ପ ?

ପ୍ରଶ୍ନ କଲେ ସୁପରିଟେଣ୍ଡେଣ୍ଟ...

: ଅଫ୍‌କୋର୍ସ...ଏଥିରେ ଦ୍ୱିଧା କରିବାର ନାହିଁ । ଏହା ହିବାଟେଲିକ ପରି ସତ୍ୟ । କାରଣ ଏ ଲ୍ୟାମ୍ପ ଅଦ୍ୱିତୀୟ । ସାରା ସଂସାର ଖୋଜିଲେ ମଧ୍ୟ ମିଳିବ ନାହିଁ ।

Digitized by PPRACHIN, SOA

ସୁପରିଣ୍ଟେଣ୍ଡେଣ୍ଟ ମନରେ ସନ୍ଦେହ ଦେଖା ଯାଇଥିଲା । ଦେଖାଯିବା ସ୍ୱାଭାବିକ । କାରଣ ସେ ପୋଲିସବାଲା । ପୋଲିସବାଲା ଏ ପ୍ରକାର ଅଲୌକିକ କଥାକୁ ହଠାତ୍ ବିଶ୍ୱାସ କରିଦିବା ଆଦୌ ସମ୍ଭବ ନୁହେଁ ।

ମୋ ମନରେ ମଧ୍ୟ ସନ୍ଦେହ ଦେଖାଯାଇଥିଲା । ହୋଟେଲରୁ ଚୋରି ହୋଇଥିବା ଲ୍ୟାମ୍ପ ମିଃ ଟ୍ରେଲମାଙ୍କ ଆଲମାରି ଭିତରକୁ ଆସିଲା କିପରି ?

ଶୁଣାଗଲା ସୁପରିଣ୍ଟେଣ୍ଡେଣ୍ଟଙ୍କ ପୋଲିସ କାଇଦା କଣ୍ଠସ୍ୱର···

: ପ୍ରଫେସର !

: ଇଏସ୍ ।

: ମୁଁ ମାନୁଛି ଏ ଲ୍ୟାମ୍ପଗୁଡ଼ାକ ଅଦ୍ୱିତୀୟ । ଏଭଳି ଲ୍ୟାମ୍ପ ସଂସାରରେ ଅନ୍ୟ କେଉଁଠି ମିଳିବ ନାହିଁ । କିନ୍ତୁ ଲ୍ୟାମ୍ପ ଚାରୋଟିର ମାଲିକ, ସ୍ୱୟଂ ମିଃ ଟ୍ରେଲମା । ଏ ଲ୍ୟାମ୍ପ ଆପଣଙ୍କର ହୋଇନପାରେ । ଆପଣ ଯେଉଁ ଲ୍ୟାମ୍ପ କଥା କହୁଛନ୍ତି, ତାହା ହୁଏତ ବାସ୍ତବରେ ନକଲ ହୋଇପାରିଥାଏ କିମ୍ବା ଆପଣ ନିଜ ସାଥୀରେ କୌଣସି ଲ୍ୟାମ୍ପ ଆଣି ଏ ଲ୍ୟାମ୍ପ ଚାରୋଟିକୁ ହାସଲ କରିବା ପାଇଁ ଏକ କପୋଳକଳ୍ପିତ କାହାଣୀ ଆମକୁ ଶୁଣାଇ ପାରିଥାନ୍ତି । ଆପଣ ଏହା ପୂର୍ବରୁ

Digitized by PPRACHIN, SOA

ଅନେକ ଥର ଏ ପ୍ରକୋଷ୍ଠକୁ ଆସିଛନ୍ତି । ଆପଣ ଜାଣିଥିଲେ ମିଃ ଟ୍ରେଲମ୍ୟାନ ଲ୍ୟାମ୍ପଗୁଡ଼ିକୁ କେଉଁଠି ରଖି-ଛନ୍ତି, ଏଣୁ ତାଙ୍କ ଅସୁସ୍ଥତାର ସୁଯୋଗ ନେଇ··· !

ଆଉ ଶୁଣିବାର ଧୈର୍ଯ୍ୟ ନଥିଲା ପ୍ରଫେସର । ସେ ଚିତ୍କାର କଲେ : ମିଃ ଡ୍ରିଲନ···ସଂଯତ କରନ୍ତୁ । ଆପଣ କାହାକୁ ଆକ୍ଷେପ କରୁଛନ୍ତି ଜାଣି ପାରୁଛନ୍ତି ତ !

ରାଗ, ଉତ୍ତେଜନାରେ ତାଙ୍କର ସର୍ବାଙ୍ଗ ଥରି ଉଠୁଥିଲା । ମୁଖମଣ୍ଡଳ ଏକଦମ୍ ଲାଲ ପଡ଼ି-ଯାଇଥିଲା ।

ଅବସ୍ଥା ଖରାପ ଆଡ଼କୁ ଗତି କରୁଛି ଦେଖି ମୁଁ ଶାନ୍ତ ସ୍ୱରରେ କହିଲି : ପ୍ରଫେସର । ପୋଲିସର ଧର୍ମ ହେଲା ସନ୍ଦେହ କରିବା । କିନ୍ତୁ ଆପଣ ଏତ ବଡ଼ ଜ୍ଞାନୀ ବ୍ୟକ୍ତି ହୋଇ ହଠାତ୍ ଉତ୍ତେଜିତ ହୋଇ ପଡ଼ିବା ସୁନ୍ଦର ନୁହେଁ ।

ଏ ଲ୍ୟାମ୍ପଗୁଡ଼ାକ ଆପଣଙ୍କର ବୋଲି ଆପଣ ପ୍ରମାଣିତ କରି ଦେଉ ନାହାନ୍ତି ?

ମୋ କଥାକୁ ସମର୍ଥନ ଜଣାଇଲେ ସୁପରିଟେଣ୍ଡେଣ୍ଟ । : ଯାହା ହେଲେ ସୁଦ୍ଧା, ଆପଣ ଆମ୍ଭମାନଙ୍କ ପାଇଁ ସଂପୂର୍ଣ୍ଣ ଅଜଣା । ବିନା ପ୍ରମାଣରେ କାହାକୁ ବିଶ୍ୱାସ କରିବା ଧର୍ମ ଅନ୍ତତଃ ପୋଲିସର ନାହିଁ ।

Digitized by PPRACHIN, SOA

ପୂର୍ବଭଳି ଚିତ୍କାର କଲେ ପ୍ରଫେସର...

: ଏ ମୂର୍ଖ ଲୋକଟାକୁ ଗୋଟାଏ ପୋଲିସ ଅଫିସର କିଏ କଲା ? ତୁମେ ମତେ ଚିହ୍ନିବା ଦରକାର ନାହିଁ । ତୁମର ଚିହ୍ନିବା ନ ଚିହ୍ନିବା ମୋ ପାଖରେ ସମାନ । ଟିକିଏ ଆଗରୁ ଯେଉଁ ଧୃଷ୍ଟତା ତୁମେ କରିଛ, ମିଃ ଟେମ୍ପଲଙ୍କ ଆଗରେ ଯଦି କହିଥାନ୍ତ, ସେ ତୁମ ମୁହଁ ଭାଙ୍ଗି ଦେଇଥାନ୍ତେ । ଯେଉଁ ଲ୍ୟାମ୍ପ ଯୋଗାଡ଼ିବାକୁ ମୋ ଜୀବନର ଅର୍ଦ୍ଧେକ ବିତିଯାଇଛି । ତାକୁ ତୁମେ କହୁଛ ମୋର ନୁହଁ । ମୋ ଲ୍ୟାମ୍ପ ନକଲି, ମୁଁ ଏଠାକୁ ଆସିଛି ମିଃ ଟେମ୍ପଲଙ୍କ ଲ୍ୟାମ୍ପ ଆତ୍ମସାତ କରିବାକୁ ? ଆରେ ମୂର୍ଖ...ମତେ ଏ ପ୍ରଶ୍ନ ପଚାରିବାକୁ ତୋର ସାହସ ହେଲା କେମିତି ଶୁଣେ ? ହେ ଭଗବାନ, ଗୁଡ଼ାଏ ଗଧଙ୍କ ହାବୁଡ଼ରେ ମତେ ଆଣି ପକେଇଦେଲ । ମୁଁ ଏବେ କ'ଣ କରିବି ?

ଆମେ ସମସ୍ତେ ସ୍ତବ୍ଧ ହୋଇଗଲୁ । ପ୍ରଫେସର କାରଟେକଙ୍କ ଅବସ୍ଥା ଗୋଟାଏ ଉନ୍ମାଦ ରୋଗୀଠାରୁ କୌଣସି ଗୁଣରେ ଊଣା ନଥିଲା ।

ସେ ଲ୍ୟାମ୍ପ ଦୁଇଟିକୁ ମିଃ ଉଇଲନଙ୍କ ମୁହଁ ସାମନାରେ ହଲାଇବାରେ ଲାଗିଲେ... ।

: ଦେଖ ମୂର୍ଖ, ଭଲ କରି ଦେଖ...ଯା ଉପରେ ଯେଉଁ ନକ୍ସା ଆଉ ଲିପି ଅଛି, ପଢ଼, ଜ୍ଞାନ ଅଛି ଯଦି ପଢ଼ । ଆଉ କହ, ଏହିଭଳି ଅନ୍ୟ ଦୁଇଟି ଲ୍ୟାମ୍ପ

Digitized by PPRACHIN, SOA

ତିଆରି କରାଯାଇ ପାରିବ ? ଯଦି କରାଯାଇପାରିବ, ତେବେ ସେ, ଆଉ ତିନିଟା ସ୍ଲାମ୍ପ ତିଆରି କରି ଆଣେ···ନେ । ଆରେ ମୂର୍ଖ, ସ୍ତ୍ରୀ ଉପରେ ଶ୍ରେଷ୍ଠ ନକ୍ସା ଆଜ ଲିପି ଅଛି ମୁଁ ତାଙ୍କୁ ଯୁଗ ତିନିମାସ ଅଧ୍ୟୟନ କରି ତା' ଭାବାର୍ଥ ବୁଝିପାରିଛି । ଆରେ ଅଜ୍ଞାନ, ଦୁନିଆଯାକର ମ୍ୟୁଜିୟମ୍ ମୁଁ ଭ୍ରମଣ କରି ମାରିଛି । ଈଶ୍ୱରଙ୍କ ଦ୍ୱାହିଦେଇ କହୁଛି, ଏଭଳି ଦୁର୍ଲ୍ଲଭ ବସ୍ତୁ ଆଜ କେଉଁଠି ନାହିଁ । କେଜାଣି ଯଦି ଥାଏ, ତୁମ ସ୍କଟଲ୍ୟାଣ୍ଡ ୟାର୍ଡ଼ରେ ଥାଇପାରେ : କାରଣ ତୁମ ନଷ୍ଟଦର୍ପଣରେ ସ୍କଟଲ୍ୟାଣ୍ଡ···

ଆମ ମୁହଁରେ ଭାଷା ନ ଥିଲା । ଲଜ୍ୟା ଆଉ ଅପମାନରେ ମିଷ୍ଟର ଓ୍ୱାଲିନଙ୍କ ମୁହଁ ଏକଦମ୍ ଲାଲ୍ ପଡ଼ିପଡ଼ିଯାଇଛି । ପ୍ରକୃତ ଦେଖିବାକୁ ଗଲେ, ସେ ନିଜ କର୍ତ୍ତବ୍ୟ ଦୃଷ୍ଟିରୁ ଯାହା କହିବା କଥା କହିଥିଲେ । କିନ୍ତୁ ଏଇ ସାମାନ୍ୟ କଥାରେ ପ୍ରଫେସର କାରବେଙ୍କ ଦୁର୍ଦ୍ଦଶା ଭଳି ଘଟି ଉଠିବ ଏ ଧାରଣା ତାଙ୍କର ନଥିଲା ।

ଅଗତ୍ୟା ତାଙ୍କୁ ନୀରବ ରହିବାକୁ ପଡ଼ିଲା ।

ପ୍ରଫେସର ନିଜ ପ୍ରତିଭା ସମ୍ପର୍କରେ ଏବଂ ମୂଲ୍ୟବାନ ଲ୍ୟାମ୍ପଗୁଡ଼ିକର ଐତିହାସିକ ତଥ୍ୟ ସମ୍ପର୍କରେ ଏକ ଲମ୍ବା ଚଉଡ଼ା ଭାଷଣ ଦେବା ଆରମ୍ଭ କରିଦେଲେ ।

Digitized by PPRACHIN, SOA

ତାଙ୍କର ଅସାଧାରଣ ଜ୍ଞାନ ଦେଖି ଆମେ ସ୍ତବ୍ଧ ହୋଇଗଲୁ । ତାଙ୍କ ପ୍ରତି ମନ ଭିତରେ ଥିବା ସମସ୍ତ ଅବିଶ୍ୱାସଭାବ ଆପେ ଆପେ ଦୂରେଇଗଲା ।

ପ୍ରଫେସର ହଠାତ୍ ଭାଷଣ ଦେବା ବନ୍ଦ କରି ମୋ ଆଡ଼କୁ ସନ୍ଧାନ ନେଲାପରେ ଚାହିଁଲେ । ତା'ପରେ ପ୍ରଶ୍ନ କଲେ : କହିପାରିବେ ମିଃ ରୁଦ୍ର, ଲ୍ୟାମ୍ପଗୁଡ଼ିକ ଏ ଆଲମାରୀ ଭିତରକୁ ଆସିଲା କିପରି ?

ମୁଁ ହଡ଼ବଡ଼େଇ ଗଲି ।

ଏ ପ୍ରକାର ପ୍ରଶ୍ନ ମୋ ପ୍ରତି ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା ।

: କିଛି କହିଲ ନାହିଁ ଯେ !!

ପୁଣି ଥରେ ପଚାରିଲେ ପ୍ରଫେସର୍...

କାନ୍ଦିଲା ଭଳି ମୁଁ କହିଉଠିଲି : ମତେ ବିଶ୍ୱାସ କରନ୍ତୁ ପ୍ରଫେସର, ଈଶ୍ୱରଙ୍କ ଦୋହାଇ ଦେଇ କହୁଛି, ମୁଁ କିଛି ଜାଣିନାହିଁ । ମୋ ବୁଦ୍ଧି ବିବେକ କିଛି ହେଲେ କାମ କରୁନାହିଁ ।

ମୁଁ ଗତ ରାତିରେ ଏ କକ୍ଷର ପଛ ପାଖ ଖିଡ଼କି ଖୋଲା ଯିବା ଭଳି ଶବ୍ଦ ଶୁଣିଛି । ମୋର ବିଶ୍ୱାସ ଏ ଘରରେ କୌଣସି ମନୁଷ୍ୟ ସହିତ ଅପହରଣକାରୀର ଯୋଗସୂତ୍ର ରହିଛି । ସମ୍ଭବତଃ ସେଇମାନଙ୍କ ମାର୍ଫତରେ ଏ କାମ ହୋଇଛି ।

Digitized by PPRACHIN, SOA

ଏ ମନ୍ତବ୍ୟ ଥିଲା, ସୁପରିଣ୍ଟେଣ୍ଡେଣ୍ଟଙ୍କର । ମନ୍ତବ୍ୟ ଦେଇ ସାରି, ସେ ମତେ ଏବଂ ମିସ୍ ଟେଲ୍ସନଙ୍କୁ ଘୂରି ଚାହିଁଲେ ।

ମୋର ମନେ ହେଲା ସୁପରିଣ୍ଟେଣ୍ଡେଣ୍ଟ ଆମ ଦୁହିଁଙ୍କୁ ସନ୍ଦେହ କରୁଛନ୍ତି । ମତେ ଖୁବ୍ ଖରାପ ଲାଗିଲା, ମୁଁ ଉତ୍ତେଜିତ ହୋଇ କିଛି କହିବାକୁ ଉଦ୍ୟତ ହେଉଛି, ମିସ୍ ଟେଲ୍ସନ ମତେ ଚକ୍ଷୁର ଇଙ୍ଗିତରେ ନୀରବ ରହିବାକୁ ସଙ୍କେତ ଦେଇ ନିଜେ ନମ୍ର ସ୍ୱରରେ କହିଲେ:

ବଡ଼ ଦୁଃଖ ଲାଗୁଛି—ସୁପରିଣ୍ଟେଣ୍ଡେଣ୍ଟ ସାହେବ ! ଆପଣ ଏଠାକୁ ଆସିଛନ୍ତି ମତେ ସାହାଯ୍ୟ କରିବାକୁ ନା ମାନସିକ ଆଘାତ ଦେବାକୁ ?

ଉତ୍ତର ମିଳିଲା···

: ସନ୍ଦେହ ମୁଁ କରୁନାହିଁ, ପ୍ରମାଣସବୁ କାରବାର୍ କରୁଛନ୍ତି । ଏଣେତ ମୋର କର୍ତ୍ତବ୍ୟ ପଡ଼ି ଆପଣଙ୍କୁ କଷ୍ଟ ଦେଇଛି ସେଥିପାଇଁ ମୁଁ କ୍ଷମା ମାଗି ନେଉଛି; କିନ୍ତୁ ପ୍ରକୃତରେ ମୋର ସନ୍ଦେହ ଗ୍ରହକର୍ତ୍ତାମାନଙ୍କ ଉଦ୍ଦେଶ୍ୟରେ ଥିଲା ।

ବର୍ତ୍ତମାନ ପରିସ୍ଥିତି ଯୁକ୍ତି ସଙ୍ଗତ ହେଲା ।

ଷ୍ଟୋରର ପ୍ରତ୍ୟେକ କର୍ମୀଙ୍କୁ ଅଲଗା ଡାକି, ସେମାନଙ୍କ ଷ୍ଟେଟମେଣ୍ଟ ନେଲେ ମିଷ୍ଟର ଡ଼ାଲ୍ଟନ ।

କିନ୍ତୁ ସେମାନଙ୍କୁ ଲ୍ୟାମ୍ପ ସଂପର୍କରେ କୌଣସି ପ୍ରଶ୍ନ ପଚରାଗଲା ନାହିଁ । କେବଳ ଏତିକି ପଚରାଗଲା, ଏ

Digitized by PPRACHIN, SOA

ଆଲମାରୀକୁ କେହି ଖୋଲିଥିଲା କି ? ଏ ଆଲମାରୀରେ କୌଣସି ପଦାର୍ଥ ରଖାଯାଇଥିଲା କି ? ଏ ଆଲମାରୀରୁ କୌଣସି ପଦାର୍ଥ ବାହାର କରାଯାଇଥିଲା କି ?

କାହାଠାରୁ କୌଣସି ପ୍ରକାର ସନ୍ତୋଷଜନକ ଉତ୍ତର ମିଳିଲା ନାହିଁ । ସମସ୍ତେ ସେହି ଗୋଟାଏ କଥା କହିଲେ । ଆମେ ଗତ ବର୍ଷଠାରେ ଏ ପ୍ରକୋଷ୍ଠକୁ ଆସି-ନାହୁଁ । ମାଲିକଙ୍କ ଅନୁମତି ବିନା ଏଠାକୁ ଆସିବା ଅଧିକାର କାହାର ନାହିଁ ।

ଆଲମାରୀରେ କିଛି ରଖିବା ବା କିଛି ବାହାର କରିବା, ଏ ତ' ପରବର୍ତ୍ତୀ କଥା । ଆମେ ଏ ଆଲମାରୀ ସ୍ପର୍ଶ ମଧ୍ୟ କରିନାହୁଁ ... ।

ଏହିଭଳି ଜେରା ଚାଲିଥିଲାବେଳେ, ପୁଣି ଏକ ଅପୂର୍ବ ଘଟଣା ଘଟିଲା ... ।

ମିସ୍ ଟ୍ରେଲମାଙ୍କ ପୋଷା ବିଲେଇ କେଉଁଠି ଥିଲା ହଠାତ୍ ଏକ ବିକଟ ପ୍ରକାର ସ୍ୱର କରି ଚଟାଣ ଉପରେ ପଡ଼ିଥିବା ମଣିକୁନ୍ତଳ ବଟ୍ଲରଙ୍କ ଶବ ଉପରକୁ ଡେଇଁ ପଡ଼ିଲା ।

ଖାଲି ଡେଇଁ ପଡ଼ିଲା ନୁହେଁ, ତା' ମୁନିଆ ଦାନ୍ତରେ ସେ ବଟ୍ଲରଙ୍କ ଶବକୁ କଟେଇକଟେଇ କାମୁଡ଼ିବାରେ ଲାଗିଗଲା ।

ଧାଇଁଗଲେ ମିସ୍ ଟ୍ରେଲମା... ତାଙ୍କ ପଛେ ପଛେ ମୁଁ, ମୋ ପଛେ ପଛେ ସୁପରିଣ୍ଟେଣ୍ଡେଣ୍ଟ ... ।

Digitized by PPRACHIN, SOA

ବହୁତ କଷ୍ଟରେ ଆମେ ମିସ୍ ଟେମ୍ପଲଙ୍କ ପୋଷା ପୁଷିକୁ ଆୟତ୍ତାଧୀନ କଲୁ; କିନ୍ତୁ ସେ ଏମିତି ଅଧୈର୍ଯ୍ୟ ହେଉଥିଲା ଯେ, ଯେମିତି ଗୋଟାଏ ବିଲେଇ ନୁହେଁ, ଗୋଟାଏ ଭୟଙ୍କର ମହାବଳ ବାଘ ।

ସାମାନ୍ୟ ଗୋଟିଏ ବିଲେଇର ଏତେ ଶକ୍ତି ଦେଖି ଆମେ ଆଶ୍ଚର୍ଯ୍ୟ ହେଲୁ । ତାକୁ ସେ ଘରରୁ ବାହାରକୁ ଅଣାଯାଇ ନ ଥିଲେ ସେ ବୋଧହୁଏ ଶାନ୍ତ ହୋଇ ନ ଥାନ୍ତା ।

ବାହାରକୁ ଆସିବା ପରେ ସେ ଏକଦମ୍ ଶାନ୍ତ ହୋଇଗଲା । ମିସ୍ ଟେମ୍ପଲଙ୍କ କୋଳରେ ବସି ଘୁଡ଼ୁ ଘୁଡ଼ୁ ହେବାକୁ ଲାଗିଲା ।

ପ୍ରଫେସର କାରବେକ୍ ପ୍ରସ୍ତର ମୂର୍ତ୍ତିଭଳି ଠିଆ ହୋଇ ଏ ଦୃଶ୍ୟ ଦେଖୁଥିଲେ; କିନ୍ତୁ ମୋର ଯାହା ଅନୁମାନ ସେ ଖାଲି ଦୃଶ୍ୟ ଦେଖୁ ନ ଥିଲେ, ଦୃଶ୍ୟ ଉପରେ ନଜର ବିଦ୍ୟାବୁଦ୍ଧି, ସବୁକିଛି ପ୍ରୟୋଗ କରି ଯାଉଥିଲେ ।

ତା'ପରେ ସେ 'ମହଲ୍ଦିଆ' ମଲା ବିଲେଇର ପରୀକ୍ଷା କଲେ ।

ମଲା ବିଲେଇର ଶରୀର ଉପରେ ଜୀଅନ୍ତା ବିଲେଇର ଆକ୍ରମଣ । ମଲା ହେଉ, ଜୀଇଁଲା ହେଉ ଛଡ଼ାଛିଣ୍ଡା ତ ନିଶ୍ଚୟ ସୃଷ୍ଟି ହେବ ।

Digitized by PPRACHIN, SOA

ପ୍ରଫେସର କାର୍ତ୍ତିକଙ୍କ ପରୀକ୍ଷା କଲେ ।

ତା'ପରେ ମନକୁ ମନ କହିଲାଭଳି କହିଲେ : ବୁଝିଗଲି ...ବୁଝିଗଲି...ଏବେ ଅସଲ କଥାଟା କ'ଣ ମୁଁ ବୁଝିଗଲି... ।

ପ୍ରଫେସରଙ୍କ ମୁଣ୍ଡରୁ କଥା ସରିଛି କି ନାହିଁ ହଠାତ୍ ଅମାଅନ୍ଧକାରର ଚଡ଼କ ପଡ଼ିଲା ଭଳି ଏକ ଉଜ୍ଜ୍ୱଳ ଆଲୋକରେ କକ୍ଷ ଯେଣି ପ୍ରଜ୍ୱଳିତ ହୋଇ ଉଠିଲା... ।

କିନ୍ତୁ କ୍ଷଣକ ମଧ୍ୟରେ ଆମେ କିଛି ବୁଝିବା ପୂର୍ବରୁ ପ୍ରଫେସର କାର୍ତ୍ତିକ୍ ମୃତ ବାଳକର ପେଟ ଭିତରୁ କିଛି ଗୋଟାଏ ପଦାର୍ଥ ବାହାର କରି ଆଣିଥିଲେ ।

ସେ ବସ୍ତୁଟି କ'ଣ କେଜାଣି ତାହା ମୁଁ ଜାଣେ ନାହିଁ । କିନ୍ତୁ ତାହା ଶୁଷ୍କ ହେଲେ ବି, ମଣିଭଳି ଉଜ୍ଜ୍ୱଳ ଥିଲା । ସେ ପଦାର୍ଥଟିକୁ ପାଇ ପ୍ରଫେସର ଯେମିତି ପାଗଳ ହୋଇଗଲେ ।

ତା'ପରେ ପାଗଳଙ୍କ ଭଳି ଡେଇଁବାରେ ଲାଗିଲେ ।

ମଲା ବାଳକର ପେଟ ଭିତରୁ ସ୍ୱର୍ଣ୍ଣ ମୂଲ୍ୟବାନ ଏବଂ ଚକ୍‌ଚକ୍ କରୁଥିବା ପଦାର୍ଥଟିକୁ ପ୍ରଫେସର

Digitized by PPRACHIN, SOA

ଲୋଗେବକ୍ ବାହାର କରିଆଣି ପାଗଳ ଭଳି ଦେଖୁଁ-ଥିଲେ ତାହା ଥିଲା ଏକ ବଡ଼ବ ପ୍ରକାରର ମଣି ।

ତା' ଉପରେ ସାତୋଟି ନକ୍ଷତ୍ରର ନକ୍ସା ଖୋଳା ହୋଇଥିଲା । ସେହି ନକ୍ସା ଦେହରୁ ଉଜ୍ଜ୍ୱଳ ଆଲୋକ ଛିଟିକି ଆସୁଥିଲା । ଲମ୍ବା ଥିଲା ତିନି ଇଞ୍ଚ ଏବଂ ଦୁଇ ଇଞ୍ଚ ଚଉଡ଼ା, ମୋଟେଇ ଅଧ ଇଞ୍ଚ ।

ପ୍ରଫେସର ମଣିଟିକୁ ଆମ ସମ୍ମୁଖରେ ତୋଳି ଧରିଲେ । ମୁଁ ତାକୁ ସ୍ପର୍ଶ କଲି । ମନେ ତାହା ଗରମ ଜଣାପଡ଼ିଲା ।

ପ୍ରଫେସର କହିଲେ : ବୁଝିଲୁ ଝିଅ, ଏ ମଣିର ନାମ ଗନ୍ଧର୍ବ ମଣି । ଏହା ଏକ ଲକେଟ୍ ଭଳି ସଦା-ସର୍ବଦା ତା'ର ଗଳାରେ ଝୁଲୁଥିଲା । ସେଇଥି ପାଇଁ ସେ ଏଇଟାକୁ ଫେର ପାଇବା ପାଇଁ ପାଗଳୀ ହୋଇ ଉଠିଛି ।

କଥା କହିବା ସମୟରେ ସେ କଫିନ୍ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ । ଏଥିରୁ ଆମେ ଅନୁମାନ କଲୁ, କଫିନ୍ ଭିତରେ ଥିବା ଯୁବତୀର ନାମ ତାରା । ତା' ଗଳାରେ ମୃତ୍ୟୁ ପୂର୍ବରୁ ଏଇ ମଣି ଲକେଟ୍ ଥିଲା । ଯାହା ପରବର୍ତ୍ତୀ କାଳରେ କାଢ଼ି ନିଆଯାଇଛି ।

ସେହି ଅମୂଲ୍ୟ ମଣି ଲକେଟ୍‌କୁ ଫେର ପାଇବା ପାଇଁ ତାହା ଏତେ ଦୃଢ଼ ପ୍ରୟାସ କରୁଛି ।

Digitized by PPRACHIN, SOA

କିନ୍ତୁ ଗୋଟାଏ ଶବ ପାଖରେ ଏପରି କିପରି ସମ୍ଭବ ହେଲା ତାହା ମୁଁ ବୁଝିପାରୁ ନଥିଲି ।

ମନକଥା ମନରେ ରହିଗଲା ।

ପୁଣି ଥରେ ଶୁଣାଗଲା ପ୍ରଫେସର କାରନେରିଙ୍କ କଣ୍ଠସ୍ୱର । ସେ ମିସ୍ ଚେତ୍ଲିଙ୍କୁ ଲକ୍ଷ୍ୟ କରି କହୁଥିଲେ ।

: ଝିଅ, ତୁ ତୋ' ବାପାଙ୍କୁ ଜୀବନ୍ତ ଅବସ୍ଥାରେ ପୁଣିଥରେ ଦେଖିବାକୁ ଚାହୁଁନା ?

: ଇଏ କ'ଣ ଗୋଟାଏ ପଚାରିବା କଥା ଅଙ୍କଲ ? ମୁଁ ମୋ' ବାବାଙ୍କ ପାଇଁ ନିଜ ଜୀବନ ଦେବାକୁ ମଧ୍ୟ ପ୍ରସ୍ତୁତ ଅଛି । ଆପଣ ତାଙ୍କୁ ପୂର୍ବ ଅବସ୍ଥାକୁ ଫେରାଇ ଆଣନ୍ତୁ ଅଙ୍କଲ । ଆପଣଙ୍କ ଋଣ ମୁଁ ଜୀବନ ସାରା ସୁଝିପାରିବି ନାହିଁ ।

: ସିଏ କେବଳ ତୋ'ର ପିତା ନୁହଁନ୍ତି ମା', ମୋର ଘନିଷ୍ଠ ବନ୍ଧୁ ମଧ୍ୟ । କିନ୍ତୁ ଜାଣିରଖ, ତୋ' ବାବାଙ୍କୁ ଫେରି ପାଇବାକୁ ହେଲେ ଏ ମୂଲ୍ୟବାନ ରତ୍ନ ମଣି ଆଉ ତା'ର ମାଲିକାଣି ଭାବରେ ତୁମ ଆମ ହାତରୁ ଖସିଯିବ । ଯାହାକୁ ପାଇବା ପାଇଁ ତୋ' ବାବାଙ୍କୁ ଜୀବନରେ ଅନେକ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା ।

: ସେ ଯାହାହେଉ, ମୋ' ପାଇଁ ଏ ସଂସାରରେ ସବୁଠାରୁ ମୂଲ୍ୟବାନ ହେଲା ମୋ' ବାବାଙ୍କ ଜୀବନ ।

Digitized by PPRACHIN, SOA

ସେ ଧାନ୍ଧ ନାହାନ୍ତି; ଏ ସବୁର ମୂଲ୍ୟ କିଛି ନୁହେଁ ଅଙ୍କଲ । ମୁଁ କେବଳ ମୋ' ବାବାଙ୍କୁ ଫେରି ପାଇବାକୁ ଚାହେଁ । ତା' ବଦଳରେ ଆପଣ ଯାହା ଚାହାଁନ୍ତି ମୁଁ ତାହା ଦେବାକୁ ପ୍ରସ୍ତୁତ ଅଛି ।

କହୁ କହୁ କାନ୍ଦି ପକାଇଲେ ମିସ୍ ଟ୍ରେଲ୍ମା ।

: ରିଲକ୍ସ...ରିଲକ୍ସ ମାଇଁ ଗର୍ଲ୍ । ଆଜି ରାତି ବାରଟା ପରେ ମୁଁ ମୋ' କାମ ଆରମ୍ଭ କରିବି । ବର୍ତ୍ତମାନ ମୋ' ପାଖରେ ସମସ୍ତ ଆବଶ୍ୟକୀୟ ପଦାର୍ଥ ମହଜୁଦ ଅଛି । ସୁନ୍ଦରୀ ନାରୀର ଲସ୍, ନଷ୍ଟ ଖଚର ମଣି, କୁକୁର ଲୋମ ଓ ଉ ବିଲେଇର ଶବ ।

ଉପରୋକ୍ତ ପଦାର୍ଥଗୁଡ଼ିକ ଦ୍ୱାରା ମିଷ୍ଟର ଟ୍ରେଲ୍ମା କିପରି ସୁସ୍ଥ ହୋଇ ଉଠିବେ ତାହା ଆମେ ବୁଝି ପାରୁ ନଥିଲୁ । ତଥାପି ପ୍ରଶ୍ନ ପଚାରିବାକୁ କାହାର ସାହାସ ନଥିଲା ।

ଅଗତ୍ୟା ଆମ ସମସ୍ତଙ୍କର ମଧ୍ୟବର୍ତ୍ତୀ ପର୍ଯ୍ୟନ୍ତ ପ୍ରତୀକ୍ଷା କରିବା ଛଡ଼ା ଅନ୍ୟ କିଛି ଉପାୟ ନଥିଲା ।

ପ୍ରତୀକ୍ଷାର ଅନ୍ତ ହେଲା ।

କାନ୍ଥଘଣ୍ଟାର ପେଣ୍ଡୁଲମ ରାତି ବାରଟାର ସୂଚନା ଦେଲା । ଆମେ ସମସ୍ତେ ମିଃ ଟ୍ରେଲ୍ମାଙ୍କ ଶୟନ କକ୍ଷରେ ଏକତ୍ରିତ ହେଲୁ ।

Digitized by PPRACHIN, SOA

ସମସ୍ତଙ୍କ ମନରେ ଉତ୍ତେଜନା । ପ୍ରଫେସର କାରବେକ ବର୍ତ୍ତମାନ ତାଙ୍କର ଅଲୌକିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ ।

ରାତି ଭୟଙ୍କର ଥିଲା ।

ଗୃହଆଡ଼େ ପୈଶାଚିକ ନୀରବତା । ନିଜ ଶରୀରଟା ମଧ୍ୟ ନିଜ ଆଖିକୁ ଅଶରୀରୀ ପରି ଦେଖା ଯାଉଥିଲା ।

ଏହା ସ୍ୱାର୍ଥିକୁ ପାଇ ମଧ୍ୟ ଦାଉ ସାଧିଥିଲା । ସନ୍ଧ୍ୟାବେଳୁ ଆରମ୍ଭ ହୋଇ ଯାଇଥିଲା ବର୍ଷା । ରାତି ନଅଟା ବେଳକୁ ଲଣ୍ଡନର ଗଳିକନ୍ଦି ସବୁ ଶୂନ୍‌ଶାନ୍ ହୋଇଗଲା ।

ଆମ ସମସ୍ତଙ୍କ ଉତ୍କଣ୍ଠାର କେନ୍ଦ୍ରବିନ୍ଦୁ ଥିଲେ ପ୍ରଫେସର କାରବେକ । ସେଦିନ ଅପେକ୍ଷା ଅଧିକ ଗମ୍ଭୀର ଦେଖା ଯାଉଥିଲେ । ସତେ ଯେମିତି ଏଇ କେତେ ଘଣ୍ଟା ଭିତରେ ସେ ସମ୍ପୂର୍ଣ୍ଣ ବୃଦ୍ଧ ପାଲଟି ଯାଇଛନ୍ତି ।

ସମସ୍ତ ଉପକରଣ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିଲା । ବାରଟା ବାଜିବା ମାତ୍ରେ ପ୍ରଫେସର ନିଜର ବିଦ୍ୟା ଆରମ୍ଭ କରିଦେଲେ ।

ମଝିରେ ଏକ ଲୁହାକେଡ଼େଇ ରଖା ଯାଇଥିଲା । ସେ କଡ଼େଇ ପାଖରେ ଦୁଇହାତକୁ ଛାତି ଉପରେ ଛନ୍ଦି ପ୍ରଫେସର ଠିଆ ହୋଇଥିଲେ । ମଥା ସାମନାକୁ

Digitized by PPRACHIN, SOA

କଣ୍ଠଟା ଫୁଙ୍କି ଆସିଥିଲା । ସେହି ଅବସ୍ଥାରେ ଠିଆ-ହୋଇ ସେ ଗୁଣୁଗୁଣୁ ହୋଇ କ'ଣ ପଢ଼ିବାରେ ଲାଗିଥିଲେ ।

ବୋଧହୁଏ କୌଣସି ମନ୍ତ୍ରପାଠ କରୁଥିଲେ ।

ହଠାତ୍ ନୀରବ ହୋଇ ଗଲେ ପ୍ରଫେସର । ତା'ପରେ ମୁହଁ ବୁଲାଇ ଆମ ସମସ୍ତଙ୍କୁ ଚାହିଁଲେ । କହିଲେ—

: ବନ୍ଧୁଗଣ ! ଏବେ ଅସଲ କାମ ଆରମ୍ଭ ହେବ । ବର୍ତ୍ତମାନର କ୍ରିୟାକଳାପ ଆପଣମାନଙ୍କ ମନରେ ଭୟସଞ୍ଚାର କରିପାରେ । କିନ୍ତୁ ଭୟ କରିବାର କାରଣ କିଛି ନାହିଁ । ସ୍ତ୍ରୀ ଲୋକମାନେ ଯଦି ଚାହୁଁଥାନ୍ତି ଏଠାରେ ରହିପାରନ୍ତି । ନଚେତ୍ ଅନ୍ୟ କୋଠରୀକୁ ଚାଲିଯାଇ ପାରନ୍ତି ।

: ଆପଣ ଥାଉ ଥାଉ ମୋ'ର ଭୟ କରିବାର କୌଣସି କାରଣ ନାହିଁ ଅଛି । କିନ୍ତୁ ଅନ୍ୟମାନଙ୍କ ବିଷୟ ମୁଁ କହିବା ଉଚିତ୍ ମନେ କରୁନାହିଁ । ଯେଉଁ-ମାନେ ଚାହୁଁଛନ୍ତି ଦୟାକରି ଅନ୍ୟ କୋଠରୀକୁ ଚାଲିଯାଇ ପାରନ୍ତି; କିନ୍ତୁ ମିଃ ଚେଟ୍ରଲୀଙ୍କ ଶୟନ କକ୍ଷ ଛାଡ଼ି ଅନ୍ୟତ୍ର ଯିବା ପାଇଁ କେହି ରାଜି ହେଲେ ନାହିଁ । ସମ୍ଭବତଃ ମିସ୍ ଚେଟ୍ରଲୀଙ୍କ ବକ୍ତବ୍ୟ ସମସ୍ତଙ୍କ ମନରେ ଏକ ଅପୂର୍ବ ଉତ୍ସାହ, ଉନ୍ମାଦନା ସୃଷ୍ଟି କରାଇ ଥିଲା ।

Digitized by PPRACHIN, SOA

ଆମେ ସମସ୍ତେ ସେଇ କୋଠରୀରେ ରହିଲୁ । କିନ୍ତୁ ଏହା ପରେ ଯାହାସବୁ ଘଟିଗଲା, ତାହା ଚିନ୍ତା କଲାବେଳେ ଆଜି ମଧ୍ୟ ମୋ' ରୋମମୂଳ ଟାଙ୍କୁରି ଉଠୁଛି ।

ତାହା ବାସ୍ତବ ଅଥବା ଏକ ଦୁଃସ୍ୱପ୍ନ ଥିଲା, ମୁଁ ଆଜି ପର୍ଯ୍ୟନ୍ତ ନିର୍ଣ୍ଣୟ କରିପାରୁ ନାହିଁ କି ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ନିର୍ଣ୍ଣୟ କରିପାରିବି ନାହିଁ ।

ଚଟାଣ ଉପରେ ଏକ କୋଠି ଆଙ୍କି ଥିଲେ ପ୍ରଫେସର ଯେମିତି ତାନ୍ତ୍ରିକମାନେ ଆଙ୍କନ୍ତି । କୋଠାଟି ବିଭିନ୍ନ କୋଠରୀରେ ବିଭକ୍ତ ହୋଇଥିଲା । ପ୍ରତ୍ୟେକ କୋଠରୀରେ କିଛି ନା କିଛି ସୁମିଷ୍ଟ ଖାଦ୍ୟ ଏବଂ ମୂଲ୍ୟବାନ ଅଳର ରହିଥିଲା । ମଝିରେ କଣ୍ଡେଇ ଭିତରେ ହୋମ କୁଣ୍ଡ । ହୋମ କୁଣ୍ଡରୁ ପ୍ରଜ୍ୱଳିତ ଅଗ୍ନି ଶିଖା ମଧ୍ୟ ଟେକି ଉଠୁଥିଲା ।

ତିନୋଟିଯାକ ଲ୍ୟାମ୍ପ ତିନୋଟି କୋଠରୀରେ ରହିଥିଲା । ଗୋଟାଏ କୋଠରୀରେ ମଲି ଷ୍ଟେଲିଙ୍ଗର ଲସ୍, ଅନ୍ୟ ଏକ କୋଠରୀରେ ଷ୍ଟେଲିଙ୍ଗ ପେଟରୁ ବାହାରିଥିବା ମୂଲ୍ୟବାନ ଗନ୍ଧର୍ବ ମଣି ।

ପୁଣି ଥରେ ସକ୍ରିୟ ହୋଇ ଉଠିଲେ ପ୍ରଫେସର ମନେ ମନେ କିଛି ମନ୍ତ୍ରପାଠ କରି । ମଲି ଷ୍ଟେଲିଙ୍ଗଙ୍କୁ ମ୍ରୁନଦେହର କୋଠରୀରୁ ଉଠାଇ ଆଣି ହୋମ କଣ୍ଡେଇକୁ ଫିଙ୍ଗି ଦେଲେ ।

Digitized by PPRACHIN, SOA

ଓଃ । ଚକ୍ଷୁ ଝଲସି ହୋଇ ଉଠିଲା । କର୍ଣ୍ଣଗହ୍ୱର ବଧିର ହୋଇଗଲେ । ସବୁ ଅଲୌକିକ···ସବୁ ଅବିଶ୍ୱାସନୀୟ । ଆମ ଶ୍ୱାସ ରୁଦ୍ଧ ହୋଇଗଲା ପରି ଲାଗିଲା । ପାଦତଳୁ ପୃଥିବୀଟା ଅପସରି ଗଲାଭଳି ବୋଧ ହେଲା ।

ଯେମିତି ପ୍ରଳୟ ଆସୁଛି···ଭୂମିକମ୍ପ ହେଉଛି ।

ମଲା ବିଲେଇଟା ଅଗ୍ନିରେ ପଡ଼ିବା ମାତ୍ରେ, ପ୍ରକୋଷ୍ଠର ଭୌତିକ ପରିସ୍ଥିତି ଏକଦମ୍ ବଦଳି ଗଲା । ଶୁଣାଗଲା ଖାଲି ଚିତ୍କାର··· । ଆର୍ତ୍ତନାଦ··· । ପ୍ରଳାପ ।

ଯେମିତି ଶହ ଶହ ବିଲେଇ ଏକ ସଙ୍ଗରେ ଚିତ୍କାର କରି ଉଠୁଛନ୍ତି, ନିଜ ନିଜ ଭିତରେ ମାରପିଟ୍ ଲାଗି ଯାଇଛନ୍ତି ।

ପ୍ରାୟ ପାଞ୍ଚମିନିଟ୍ କାଳ ଏଭଳି ଚିତ୍କାର ଶୁଣାଗଲା । ତା'ପରେ ଆସ୍ତେ ଆସ୍ତେ ସେ ଚିତ୍କାର ଫିକାପଡ଼ି ଆସିଲା । ତା'ପରେ ଏକଦମ୍ ଶାନ୍ତ । ଯେମିତି ଏଠି କିଛି ହୋଇନାହିଁ । ଏଠି କିଛି ଘଟିଯାଇ ନଥିଲା··· ଏଠାକାର ପରିବେଶ ଆଦୌ ଭୟଙ୍କର ହୋଇ ନ ଥିଲା ।

ଶାନ୍ତ···ପ୍ରଶାନ୍ତ · ପୁଣି ଅଖଣ୍ଡ ନୀରବତା···କିନ୍ତୁ ଆସ୍ତେ ଆସ୍ତେ ସେ ନୀରବତା ପୈଶାଚିକ ନୀରବତାର ରୂପ ନେଲା । ଯେମିତି ଆମେ ପୃଥିବୀ ପୃଷ୍ଠରେ ନାହୁଁ ।

Digitized by PPRACHIN, SOA

ଜନସମାଜରେ ନାହଁ । କୌଣସି ପ୍ରସାଦ ଭିତରେ ନାହଁ । ଏକ ଅଜଣା ରହସ୍ୟମୟ ସ୍ଥାନରେ ରହିଛି । ଯେଉଁ ରାଜ୍ୟରେ ସମସ୍ତେ ମୂକ ସମସ୍ତେ ବଧିର... ...ଆଉ ସମସ୍ତ ଅନ୍ଧ ।

ଜଡ଼ତା ଗ୍ରାସିଗଲା ଆମ ଉପରେ ।

କିନ୍ତୁ ପରକ୍ଷଣରେ ପ୍ରଫେସରଙ୍କ ଗୁରୁଗମ୍ଭୀର ତଥା ସମ୍ମୋହିତ କଣ୍ଠସ୍ୱର ଆମ ସମସ୍ତଙ୍କ ଜଡ଼ତାକୁ ଭାଙ୍ଗି ଦେଲା ।

ସେ ବଟଲର ଗର୍ଭରୁ ଆବିଷ୍କାର କରିଥିବା ମଣି, ପାର୍ଶ୍ୱ ଦେଶରେ ଥିବା ଶବାଧାର ଉପରେ ରଖି, ଗମ୍ଭୀର କଣ୍ଠରେ କହୁଥିଲେ : ହେ ମୋର ମିଶର ଦେଶର ସୁନ୍ଦରୀ ତାରା...ତୋ'ର ଏକ ପୁରୁଣା ସେବକ ଆଜ ତତେ ଅନୁରୋଧ କରୁଛି, ତୁ ତୋ'ର ରାଗ ଭୁଲିଯା, ଆମମାନଙ୍କୁ ମନରୁ ଦୂରେଇ ଦେ । ତୋ'ର ସମସ୍ତ ଦ୍ୱେଷକୁ ପ୍ରେମରେ ବଦଳାଇ ଦେ । ତୁ ସ୍ୱାଭାବିକ ଅବସ୍ଥାକୁ ଫେରିଆ ସୁନ୍ଦରୀ...ଫେରିଆ । ମୁଁ ତୋ' ଅମାନତକୁ ତତେ ପୁଣି ପ୍ରଦାନ କରୁଛି, ତତେ ଏତେ ହଜାର ବର୍ଷ ପରେ ମଧ୍ୟ ସମ୍ମାନ ଦେଉଛି...ଯୁଗ ଯୁଗ ପାଇଁ ତୋ' ନାଆଁକୁ, ତୋ' ରୂପକୁ, ତୋ' ପ୍ରତିଭାକୁ ଅକ୍ଷୁର୍ଣ୍ଣ ରଖୁଛି । ହେ ରୂପର

Digitized by PPRACHIN, SOA

ରାଣୀ···ପ୍ରେମର ପୂଜାରିଣୀ···ଭୁଲିଯା···ସବୁ ଅହଂକୁ ଭୁଲିଯା ।

ଉପରୋକ୍ତ ଭଷାକୁ ବାରମ୍ବାର ଦୋହରାଇବାରେ ଲଗିଲେ ପ୍ରଫେସର । ତା'ପରେ ଲ୍ୟାମ୍ପ ଉପରୋକ୍ତିକୁ ସେ ମଣି ପାଖରେ ରଖିଲେ ।

ଲ୍ୟାମ୍ପଗୁଡ଼ିକୁ ମଣି ପାଖରେ ରଖିବା ମାତ୍ରେ ମିଃ ଟ୍ରେଲଙ୍କ ଶରୀରରେ ସାମାନ୍ୟ କମ୍ପନ ଖେଳିଗଲ ଏବଂ ପ୍ରକୋଷ୍ଠଟି ଆସ୍ତେ ଆସ୍ତେ ଧୂ ମ୍ରାଚ୍ଛନ୍ନ ହୋଇ ଉଠିଲ । ଏବଂ ଶ୍ୱେତଧୂ ମ୍ର ଭିତରେ ଏକ ଅପୂର୍ବ ପ୍ରକାର ଆଲୋକ ଆମେ ଦେଖିବାକୁ ପାଇଲୁ । ତା' ପରେ ମିଠା ମିଠା ବାସ୍ନା ସବୁ ଆମ ନାଶା ଗହ୍ୱରକୁ ଆଲୋଡ଼ିତ କରିବାରେ ଲଗିଲ ।

ତା' ପରବର୍ତ୍ତୀ ଆଶ୍ଚର୍ଯ୍ୟ···

ସବୁଯାକ ଧୂଆଁ; ଶବାଧାର ଉପରେ ଏକାଠି ହୋଇ ଏକ ବୃତ୍ତଭିଳ ଘୁରିବାରେ ଲଗିଲ ଏବଂ ଆସ୍ତେ ଆସ୍ତେ ସେ ଧୂଆଁ ରୂପସୀ ତାରର ଆକୃତି ଧାରଣ କଲ ।

ଅପୂର୍ବ ସେ ରୂପ ।

ଅଧରରେ ଭୁବନମୋହିନୀ ହସ··· ।

ମଦଭରା ଚକ୍ଷୁରେ ସଂସାର ସାକର ମାଦକତା ।

ସବୁ ଉତ୍ତେଜକ···ଉନ୍ମାଦତ ··ପ୍ରୀତି ସମ୍ଭାଷିତ ।

Digitized by PPRACHIN, SOA

ରୂପସୀର କଟା ହୋଇଥିବା ହାତ ଉପରକୁ ଉଠି ଯାଇ ମିଃ ଟେଲ୍ରମାଙ୍କ ମଥା ଉପରେ ରହିଲା ।

ପୁନଃ ଏକ ଆଶ୍ଚର୍ଯ୍ୟ··· ।

ସେ କଟାହାତ ମିଃ ଟେଲ୍ରମାଙ୍କ ମଥା ଉପରେ ରହିବ· ମାତ୍ରେ ଟେଲ୍ରମାଙ୍କ ମୁଦ୍ରିତ ଚକ୍ଷୁ ପଲକ, ଆସ୍ତେ ଆସ୍ତେ ଉନ୍ମିଳିତ ହେଲା ।

ସତେ ଯେମିତି ସେ ରୋଗଗ୍ରସ୍ତ ନୁହଁନ୍ତି । ତାଙ୍କୁ କେହି ଆଘାତ କରି ନଥିଲା··· । ସେ କ୍ଳାନ୍ତ ହୋଇ ଶୋଇ ପଡ଼ିଥିଲେ, ଏବେ ଉଠିବାର ସମୟ ହେଲା··· ଉଠିଗଲେ ।

ପ୍ରଫେସର କାରବେକ୍ ମଥା ନୁଆଁଇ ନତଜାନୁ ହୋଇ ନମ୍ର କଣ୍ଠରେ କହିଲେ : ହେ ମୋର ମାଳିଆଣି ତାସ୍, ମୁଁ ସେଇ ଚେଷ୍ଟା ଏବଂ ନାମକୁ ସମ୍ମାନ କରୁଛି । ତୁ ବଞ୍ଚିଥିଲା ବେଳେ ବଡ଼ ଦୟାଳୁ ଥିଲୁ, ସେଇ ଗୁଣ ଆଜ ମଧ୍ୟ ତୋର ଏ କ୍ଷଣିକ ପାଇଁ ଜୀଇଁ ଉଠିଥିବା ଶରୀରରେ ଦେଖାଯାଉଛି; କିନ୍ତୁ ଦୁଃଖ ଏତକି, ତତେ ଶାନ୍ତି ମିଳୁନାହିଁ । ହୁଏତ ମୁଁ ତୋ ଶାନ୍ତି ଫେରାଇ ଆଣିବାରେ ସମର୍ଥ ହୋଇପାରେ !

ସୁନ୍ଦରୀ ତାସର ଶୁଖିଲା ଅଧରଦ୍ୱୟ ଥରି ଉଠିଲା ।

ହୁଏତ ସେ କିଛି କହୁଥିଲା, ଯାହା ଆମକୁ ଶୁଣାଯାଉନଥିଲା । ତା'ପରେ ତାସର ଆକୃତି ଧାରଣ

Digitized by PPRACHIN, SOA

କରିଥିବା ରୂପସୀ ମୂର୍ତ୍ତି ଧୀରେ ଧୀରେ ଉପରକୁ ଝୁଙ୍କି ପଡ଼ିଲ ।

ଆଶ୍ଚର୍ଯ୍ୟ···ପୁଣି ସେ ଗୁଡ଼ାଏ ଧଳା ଧୂଆଁରେ ରୂପାନ୍ତରିତ ହୋଇଗଲା । କଫିନ (ଶବାଧାର) ଉପରେ ଗୋଟାଏ ବୃତ୍ତଭଳି ଘୁରିବାରେ ଲଗିଲ ଏବଂ ଆସ୍ତେ ଆସ୍ତେ ବିଲୀନ ହୋଇଗଲା ।

ମନେହେଲା···ସେ ତା' ଶବାଧାର ଭିତରେ ପଶିଗଲା ଯେମିତି ।

ବର୍ତ୍ତମାନ ଆମେ ହେମାମ କୁଣ୍ଡକୁ ଚାହିଁଲୁ । ଯାହା ଲୁହା କଡ଼େଇ ଭିତରେ ପ୍ରସ୍ତୁତ କରାଯାଇଥିଲ ।

କେବଳ ଅଗ୍ନିର ଲେଲିହାନ ଶିଖା । ଶିଖାର ତୀବ୍ର ବେଗରେ ଝୁଲି, କୁମ୍ଭ ଫାଟି ଫୁଟିଲ ଭଳି । ହାୟ···

ଧୂଆଁ ସଂପୂର୍ଣ୍ଣ ଅପସରିଗଲା । ଉଜ୍ଜ୍ୱଳ ଆଲୋକ ଉଦ୍ଭାସିତ ହୋଇ ଉଠିଲା । ଆମେ ସମସ୍ତେ ଚକ୍ଷୁ ସ୍ଥିର କରି ଚାହିଁଲୁ ।

ଗନ୍ଧର୍ବ ମଣି, କୁଣ୍ଡଳ ଖ୍ୟାମ୍ପ ଏବଂ ରୂପସୀ ତାହାର ଶବାଧାର ସ୍ୱକୋଷ୍ଠ ମଧ୍ୟରେ ନଥିଲ ।

Digitized by PPRACHIN, SOA

ପଲଙ୍କ ଉପରେ ଉଠି ବସିଥିଲେ ମିଃ ଟେଲ୍ମା ।

ସେ ମର୍ମ୍ମସ୍ପର୍ଶୀ ସୁସ୍ଥ ମନେ ଦେଖୁଥିଲେ । ଗୋଲ ଗୋଲ ଆଖି କରି ଆମ ସମସ୍ତଙ୍କୁ ଚାହିଁଲେ । ହଠାତ୍ ତାଙ୍କର ଦୃଷ୍ଟି ସ୍ଥିର ହେଲା ପ୍ରଫେସର କାରବେକ୍‌ଙ୍କ ଉପରେ ।

ଆନନ୍ଦରେ ଉଚ୍ଛ୍ୱଳ ଉଠିଲେ ମିଃ ଟେଲ୍ମା···

: ଇଏ ମୁଁ କି ଅପୂର୍ବ ଦୃଶ୍ୟ ଦେଖୁଛି ? ତୁମ୍ଭେ ଆସିପାରିଛ କାରବେକ୍ ? ମୁଁ ତୁମରି ପ୍ରତୀକ୍ଷାରେ ଥିଲି ବନ୍ଧୁ ! ଖୁବ୍ ଭଲ କଲ···ଖୁବ୍ ଭଲ କରିଲ ।

ପଲଙ୍କରୁ ଉଠି ଆସିଲେ ମିଃ ଟେଲ୍ମା । ପ୍ରଫେସରଙ୍କୁ ନିଜ ହାତରେ ଜାବୁଡ଼ିଧରି ଆଲିଙ୍ଗନ କରିବାକୁ ଲାଗିଲେ ।

ଇଏ ଥିଲା ଏକ ଅପୂର୍ବ ଦୃଶ୍ୟ ।

ଯେମିତି ପ୍ରେମିକ ପ୍ରେମିକା ବହୁ ବିଚ୍ଛେଦ ପରେ ଆଜି ମିଳିତ ହୋଇଛନ୍ତି···ଯେମିତି ଦୀର୍ଘ ଦିନ ପର-ଦେଶରେ ରହିବା ପରେ ଆଜି ସ୍ୱାମୀ ଫେରି ଆସିଛନ୍ତି ପତ୍ନୀ ପାଖକୁ । ଯେମିତି···ଯେମିତି ଫାଶୀ ପାଇଥିବା ଅପରାଧୀ ନିର୍ଦ୍ଦୋଷରେ ଖଲାସ ହୋଇ ଫେରିଆସିଛନ୍ତି

Digitized by PPRACHIN, SOA

ତା' ପିତାମାତା ପାଖକୁ...ଯେମିତି...ସେମିତି...ସବୁ ଯେମିତିକୁ ଏଇଠି ପ୍ରୟୋଗ କରାଯାଇପାରେ।

ମୋଟାମୋଟି ଭାବରେ, ଆମେ ଅନୁଭବ କଲୁ, ମିଃ ଟ୍ରେଲମ ଏବଂ ପ୍ରଫେସର ବାରବେକ୍ ଦୁଇଟି ଶରୀର ଧାରୀ ବ୍ୟକ୍ତି ହୋଇପାରନ୍ତି; କିନ୍ତୁ ସେମାନଙ୍କ ଆତ୍ମା ଗୋଟାଏ। ଲକ୍ଷ୍ୟ ଗୋଟାଏ.. ଦର୍ଶନ ମଧ୍ୟ ଗୋଟାଏ।

ମିଳନ ପର୍ବ ଶେଷ ହେଲା।

ମିଃ ଟ୍ରେଲମଙ୍କ ଦୃଷ୍ଟି ପଡ଼ିଲା ତାଙ୍କର ଏକ ମାତ୍ର ଅଳିଅଳି କନ୍ୟା ଉପରେ। ସିଏ ଡ୍ରଇଂରୁମ୍‌ର ଗୋଟାଏ କୋଣରେ ଗୋଟାଏ ପ୍ରସ୍ତର ମୂର୍ତ୍ତି ପରି ଠିଆ ହୋଇଥିଲା।

ଟ୍ରେଲମ ଧାଇଁ ଆସିଲେ। ଅଳିଅଳି କନ୍ୟାକୁ ଜାବୁଡ଼ି ଧରି କହିଲେ: ମା'ଲୁ ଏଠାରେ କାହିଁକି? ଏମାନେ କିଏ, ଏଠାରେ କ'ଣ କରୁଛନ୍ତି ଏମାନେ?

ହଠାତ୍ ତାଙ୍କର ଦୃଷ୍ଟି ପଡ଼ିଲା, ରୂପସୀ ତାରର ଶବାଧାର ଉପରେ... ସେ ପୁଣି ଚିତ୍କାର କଲେ: ଆରେ ଏ କଫିନ କୁଆଡ଼େ ଗଲା, କଫିନ...କଫିନ!

Digitized by PPRACHIN, SOA

ଆଡେଇ ଆସିଲେ ପ୍ରଫେସର କାରବେକ୍...

: ଧୈର୍ଯ୍ୟ ଧର ବନ୍ଧୁ...ଧୈର୍ଯ୍ୟଧର । ସେ ସବୁ ନେଇ ଯାଇଛି । କୁହୁକ ଲ୍ୟାମ୍ପ ଓ ମୂଲ୍ୟବାନ୍ ମଣି ।

ନେଉ...ତୁମେ ଆଦୌ ବ୍ୟସ୍ତ ହୁଅନା । ଆମେ ବଞ୍ଚିଛେ । ଆମର ବଞ୍ଚିବା ଏକାନ୍ତ ଦରକାର । ତା'ପରେ ଆମେ ଦୁହେଁ ମିଶିଗଲେ ସବୁ ଅସମ୍ଭବକୁ କ'ଣ ସମ୍ଭବ କରିପାରିବା ନାହିଁ ? ବିଶ୍ୱାସ କର ବନ୍ଧୁ, ମୁଁ ଯାହା କରିଛି ତୁମଙ୍କୁ ଜୀବଦାନ ଦେବାପାଇଁ କରିଛି । ତୁମେ ଚିନ୍ତାକର, ତୁମେ ଯଦି ନ ରହିବ, ସେ ସବୁର ମୂଲ୍ୟ କ'ଣ ଅଛି ? ନିଜେ ସୁସ୍ଥ ରହିଲ ପରେ ଯାହା କରିବ ସିନା ।

ମୁଁ ଜାଣୁଛି ବନ୍ଧୁ; କିନ୍ତୁ ମୋର ଏତେ ପରିଶ୍ରମ ଏତେ ନିଷ୍ଠା...ଏତେ ସାଧନା !

: ସବୁ ପୁଣି ସହିସ୍ଥ ହୋଇ ଉଠିବ, କିନ୍ତୁ ତୁମେ ବଞ୍ଚିରହିଲେ ସିନା ! ତୁମ ପ୍ରାଣରକ୍ଷା ପାଇଁ ମୁଁ, ଲ୍ୟାମ୍ପ, ମଣି ସବୁକିଛି ତାଙ୍କୁ ହସ୍ତାନ୍ତର କରି-ଦେଲି । ଯଦି କରି ନଥାନ୍ତି, ତା' ହେଲେ ତୁମେ ଭଲଭାବେ ଜାଣିଛ ବନ୍ଧୁ, ତୁଫସୀ ତାହାର କଥାହାରି

ଆମ ସମର୍ଥଙ୍କର ସର୍ବନାଶ କରିଥାନ୍ତି । ଖାଲି ଆମକୁ ନୁହେଁ, ଆମ ପରିବାରକୁ ମଧ୍ୟ ଧ୍ୱଂସ କରି ଦେଇ-ଥାନ୍ତି । ଏଇଟି ଯେଉଁ ଭଦ୍ରଲୋକମାନେ ଉଚ୍ଚନ୍ତି ସେମାନଙ୍କୁ ମଧ୍ୟ ଧ୍ୱଂଶ କରି ଦେଇଥାନ୍ତି ।

ମିଷ୍ଟର ଟ୍ରେଲମ ଅନିଚ୍ଛାକୃତ ଭାବେ ଏକ ଫିକା-ହସ ହସିଲେ । ତା'ପରେ ନିଜ ହାତରୁ ପଟି ଖୋଲି-ବାରେ ଲଗିଲେ ।

ତାଙ୍କ କହୁଣୀ ଉପରେ ଆଘାତର ସାମାନ୍ୟତମ ଚିହ୍ନ ମଧ୍ୟ ନଥିଲା । ସାଧାରଣ ମନୁଷ୍ୟଙ୍କ ହାତ ପରି ତାଙ୍କ ହାତ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ପରିଷ୍କାର ଥିଲା ।

ମିଃ ଟ୍ରେଲଙ୍କ ସୁସ୍ଥ ହୋଇଚିବା ପରେ ଗୃହର ବାତାବରଣ ଆସ୍ତେ ଆସ୍ତେ ବଦଳିଗଲେ । ସମସ୍ତେ ପୁଣି ପୂର୍ବ ଅବସ୍ଥାକୁ ଫେରି ଆସିଲେ । ଦୀର୍ଘ ବର୍ଷରଦିନ ଧରି ଲାଗି ରହିଥିବା ଭୟ, ଆତଙ୍କ ଆସ୍ତେ ଆସ୍ତେ ଅପସରି ଗଲା ।

ଗୃହ ପୁଣି ହସି ଉଠିଲା କୋଳାହଳରେ ।

ସମସ୍ତଙ୍କ ମନରେ ଆନନ୍ଦ । ମିସେସ୍ ଗ୍ରାଣ୍ଟ ନିଜ ମାଲିକଙ୍କୁ ସଂପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ଦେଖି ଏତେ

Digitized by PPRACHIN, SOA

ଖୁସି ହୋଇଗଲେ ଯେ, ତାଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ଝରି ଆସିଲା । ଡାକ୍ତର ପ୍ରଫେସର ଏବଂ ମୋ ଅବସ୍ଥା ମଧ୍ୟ ଏହିଆ ଥିଲା । ସବୁଠାରୁ ଅଧିକ ଖୁସି ହୋଇଥିଲେ ମିସ୍ ଟେ୍ରଲମ । ଖୁସି ହେବା ସ୍ୱାଭାବିକ, କାରଣ ମିଃ ଟେ୍ରଲମ ତାଙ୍କ ଜନ୍ମଦାତା ଥିଲେ ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ମିଃ ଟେ୍ରଲମଙ୍କ ହୋସ୍ ଆସିବାର ପରମୁହୂର୍ତ୍ତରେ ନର୍ସ କେବଳ ନିଜ ସ୍ୱାଭାବିକ ପ୍ରକୃତି ଫେରି ପାଇଥିଲେ । ତାଙ୍କ ପାଗଳାମି ପୂରା ଛାଡ଼ିଯାଇଥିଲା । ସେ ସନ୍ଧ୍ୟାବେଳେ ସମସ୍ତଙ୍କୁ ଧରି ଧରି କହୁଥିଲେ ଏବଂ ଜାଣିବାକୁ ଚାହୁଁଥିଲେ କ'ଣ ସବୁ ଘଟିଯାଇଥିଲା ଏ ଘରେ ।

କିନ୍ତୁ ତାହା ପାଖରେ ସମୟ ନଥିଲା ଘଟଣା ବର୍ଣ୍ଣନା କରିବାକୁ । ମିଃ ଟେ୍ରଲମ ଡାକ୍ତରଙ୍କ ପରାମର୍ଶ ଏଠମ ନର୍ସଙ୍କୁ ବିଦାୟ କରିଦେଲେ ।

4

ସେଠାରେ ମୁଁ ଏକମାତ୍ର ବ୍ୟକ୍ତି ଥିଏ କି ମିଷ୍ଟର ଟେ୍ରଲମଙ୍କ ପାଇଁ ସଂପୂର୍ଣ୍ଣ ଅପରିଚିତ ଥିଲି । ଟେ୍ରଲମ

Digitized by PPRACHIN, SOA

ମାତ୍ର ଧୂଳି ଧୂସର ପ୍ରଶ୍ନଭରା ଚକ୍ଷୁରେ ବୃଦ୍ଧ ଥିଲେ; କିନ୍ତୁ ସଂକୋଚ ବଶତଃ କିଛି ପଚାରି ପାରୁନଥିଲେ ବୋଧହୁଏ ।

ସନ୍ଧ୍ୟାବେଳ କ୍ରମଶଃ ମୋ ପାଇଁ ଅପ୍ରୀତିକର ହୋଇ ଉଠିଲା । ଏଣୁ ମିସ୍ ଟ୍ରେଲମାଙ୍କୁ ଟିକିଏ ନିରୋଳାକୁ ଡାକିନେଇ ତାଙ୍କ ପିତାଙ୍କ ନବଜୀବନ ଉଦ୍ଦେଶ୍ୟରେ ନିବେଦନ ଜଣାଇ ଦେବାକୁ ଫେରିବା ପାଇଁ ମୁଁ ଅନୁମତି ମାଗିଲି ।

: ଆପଣ ପିତାଙ୍କୁ ସାକ୍ଷାତ ନ କରି ଚାଲିଯିବାଟା କ'ଣ ସୁନ୍ଦର ହେବ ? ମନ୍ତବ୍ୟ ଦେଲେ ମିସ୍ ଟ୍ରେଲମା ।

: ତାଙ୍କୁ ସାକ୍ଷାତ କରି ପାରିଲେ ମୁଁ ନିଜକୁ ସୌଭାଗ୍ୟବାନ ମନେ କରିବି; କିନ୍ତୁ ସେ ମଧ୍ୟ ସେପରି ସନ୍ଦେହ ଚକ୍ଷୁରେ ଲକ୍ଷ୍ୟ କରନ୍ତି...!!

ଜାଣି ଜାଣି ମୁଁ ବାକ୍ୟକୁ ଅଧାରେ ଛାଡ଼ିଦେଲି ।

କିଛି ଚିନ୍ତାକଲେ ମିସ୍ ଟ୍ରେଲମା, ତା'ପରେ ମୋ ହାତକୁ ଧରି ଏକରକମ ଟାଣି ଟାଣି ନେଇଗଲେ ତାଙ୍କ ପିତାଙ୍କ ପାଖକୁ ।

Digitized by PPRACHIN, SOA

: ବାବା, ଏ ଯୁବକଙ୍କ ସହିତ ମିଶନ୍ତୁ । ଇଏ ମୋର ଜଣେ ଘନିଷ୍ଠ ବନ୍ଧୁ ମିଃ ମାଲକମ୍ ରୁଜ, ଲଣ୍ଡନର ଜଣେ ପ୍ରସିଦ୍ଧ ତଥା ଚତୁର ବାରିଷ୍ଟର । ଆପଣ ନେବହ୍ୱାସ ହେବା ପରେ ଆପଣଙ୍କ ପଦ ପାଠକରି ମୁଁ ଏ ବନ୍ଧୁଙ୍କ ପାଖକୁ ଖବର ପଠାଇଥିଲି । ଖବର ପାଇବାର ପର-ମୂହୂର୍ତ୍ତରେ ସେ ଚୁଲି ଆସିଥିଲେ ମତେ ସାହାଯ୍ୟ କରିବାକୁ । ଗୃହଦାନ ହେଲ ଆମର ମେଳରେ ଅନନ୍ତ ।

: ଓହୋ... ଏବେ ବୁଝିଲି । ମୁଁ ସେତେବେଳୁ ଭାବୁଛି ତୁମେ କିଏ ? ଏ ଘରକୁ ଆସିଲ କେମିତି ? ଏବେ ବୁଝିଗଲି... କରମର୍ଦ୍ଦନ କର ପୁଣି କହିଲ—ମିଷ୍ଟର ମୁଁ ତୁମ ନାଁ ସହିତ ପୂର୍ବରୁ ଅବଗତ ଅଛି । ମୋ ଝିଅର ସୌଭାଗ୍ୟ ଯେ ସେ ତୁମଭଳି ଜଣେ ବନ୍ଧୁଙ୍କୁ ମାଳ-ପାରିଛି । ତୁମେ ମୋପାଇଁ ଯାହା କରିଛ, ସେଥିପାଇଁ କୃତଜ୍ଞତା ପ୍ରକାଶ କରୁଛି ।

: ଏଇଠା ଆପଣଙ୍କର ଓଜ୍ଞାନ ଠେଲ୍ମଙ୍ଗ ଯାଦେବ । ମୁଁ ଜଣେ ବନ୍ଧୁର କର୍ତ୍ତବ୍ୟ କରିଛି ମାତ୍ର... ।

: ବାବା ··ନେଇ ଖଦାପୁ ଶୁଣିବାକୁ ଯୁଦ୍ଧ ଚନ୍ତୁ ।

Digitized by PPRACHIN, SOA

ମିଃ ବେନ୍ସନ୍ ଭ୍ରୂ-କୁଞ୍ଚନ କଲେ । ଗମ୍ଭୀର କଣ୍ଠରେ କହିଲେ...

: କ'ଣ ...ଏଇ ମୁହୂର୍ତ୍ତରୁ ?

ତାଙ୍କ ଗମ୍ଭୀର କଣ୍ଠ ଓ ଗାମ୍ଭୀର୍ଯ୍ୟକ ଗୁହ୍ୟାଙ୍ଗୀ ମୋ ଶରୀରକୁ ରୋମାଞ୍ଚିତ କରିଦେଲା । ମୁଁ କିଛି ଉତ୍ତର ଦେଇ ପାରିଲି ନାହିଁ ।

ମିଃ ବେନ୍ସନ୍ ପୁଣି କହିଲେ : ମିଷ୍ଟର ରୁଜ, ତୁମେ କ'ଣ ଭାବୁଛ କାମ ଶେଷ ହୋଇଗଲା ? ତୁମର କର୍ତ୍ତବ୍ୟ ସରିଗଲା ? ନା ନା, ମାଇଁ ଗୁଡ଼ଲକ୍, କାମ ତ' ବର୍ତ୍ତମାନ ଆରମ୍ଭ ହେବ । ଯେଉଁ କାମ ପାଇଁ ତୁମଭଳି ଏକ ସୁସ୍ଥ ସୁନ୍ଦର ଆଉ ସାହସୀ ଯୁବକ ପ୍ରତୀକ୍ଷା ପାଇଁ ମୋର ଦରକାର । ତଥାପି ମୁଁ ଜାଣେ ତୁମେ ଜଣେ ବାଧ୍ୟ ମଣିଷ...

: ମୁଁ ଆପଣଙ୍କର ସବୁ ପ୍ରକାର ସେବା କରିବା ପାଇଁ ପ୍ରସ୍ତୁତ ଅଛି ବେନ୍ସନ୍ ସାହେବ । ଯେବେ ସେ ମୌକା ବାରମ୍ବାର ମିଳେ, ମୁଁ ନିଜକୁ ଗୌରବାନ୍ୱିତ ମନେ କରିବି । ଏଥିରେ ସନ୍ଦେହ ନାହିଁ ଯେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି, ମୋ' ହାତରେ ଅନେକଗୁଡ଼ାଏ

Digitized by PPRACHIN, SOA

ମକଦ୍ଦମା ରହିବନ୍ତି । ତେବେ ମୋ' ସହକାରୀ ଓକିଲ ଏସବୁ କରିପାରିବେ ।

: ଭେରି ଗୁଡ୍ । ତା'ହେଲେ ଆଜି ଶନିବା କ'ଣ ?

ମି: ହେନ୍‌ଲୀ ପ୍ରଫେସର କାରବାର୍‌କୁ ଚାହିଁଲେ । ବୋଧହୁଏ ତାଙ୍କ ମତାମତ ଲୋଡ଼ୁଥିଲେ ।

: ଅବଶ୍ୟ...ଅବଶ୍ୟ... । ଯୁବକ ନିକଟରେ ବହୁ ପ୍ରତିଭା ଅଛି । ମୁଁ ପ୍ରଥମ ସାକ୍ଷାତରେ ହିଁ କଳି ନେଇଛି । ମୋ' ଖିଆଲରେ ଏଭଳି ସାହସୀ ଯୁବକ ବହୁତ କମ୍ ଦେଖିବା କଥା, ଅନୁଭବ କରିବା କଥା; କିନ୍ତୁ ବର୍ତ୍ତମାନ ସୁଦ୍ଧା ସେ କମ୍ ଦେଖିଥିଲା ପରି ମନେ ହୁଏନା ।

ନିଜ ପକ୍ୱ କେଶରେ ହସ୍ତ ସଞ୍ଚାଳନ କରି ପ୍ରଫେସର କାରବେର୍ ମନ୍ତବ୍ୟ ଦେଲେ ।

: ୟୁ ଆର୍ ରାଇଟ୍ ପ୍ରଫେସର । ପ୍ରତିଭାକୁ ସୁଯୋଗ ଦେବା ତା' ବୁଦ୍ଧି ଆଉ ଧୈର୍ଯ୍ୟକୁ ପରୀକ୍ଷା କରିବା ଆମ୍ଭମାନଙ୍କ ଧର୍ମ ।

ମିଷ୍ଟର ତ୍ରିପାଠି ଏସବୁ ଶୁଣୁଥାନ୍ତି । କ'ଣ ମାନେ କାହିଁକି ?

Digitized by PPRACHIN, SOA

ଅବଶ୍ୟ ପାଇବେ । ଏ ସମ୍ପର୍କରେ ତୁମର ମତାମତ କ'ଣ ମିଷ୍ଟର ରୁଡ ?

ଅଳ୍ପ ସମୟର ସାକ୍ଷାତ । ତଥାପି ମୁଁ ଅନୁମାନ କରିନେଇଥିଲି ପ୍ରଫେସର କାରଟେରଙ୍କ ଏବଂ ମିଃ ନେଲସନ୍ ପୃଥିବୀର ଦୁଇଜଣ ଅଦ୍ଭୁତ ରହସ୍ୟମୟ ବ୍ୟକ୍ତି । ତାଙ୍କ ପାଖରେ ବହୁ ରହସ୍ୟ ଲୁଚିରହିଛି । ସେ ରହସ୍ୟରୁ କାଣିଚାଏ ଝଲକ ମାତ୍ର ମୁଁ ଦେଖିଛି । ମୋର ଇଚ୍ଛା ଥିଲା ଆଉ କିଛି ଦେଖିବାକୁ । ସେମାନେ ପ୍ରୟୋଗ କରୁଥିବା ଅଲୌକିକ ବିଦ୍ୟା ସମ୍ପର୍କରେ ଆଉ କିଛି ଜାଣିବାକୁ ।

ପ୍ରଫେସରଙ୍କୁ କିଛି ଦାନ ଯୋଗ ଦେଇ ପାରିବ ନାହିଁ ।

ଫିରକ୍ କିଛି ନାହିଁ । ଯୋ'ନ୍ତା କିଛି ପାଇବାକୁ ହେଲେ କିଛି ତ୍ୟାଗ କରିବାକୁ ହେବ ।

ମତେ ଚିନ୍ତାନ୍ୱିତ ଦେଖି ପ୍ରଫେସର ଧ୍ୟାନଭଙ୍ଗ କଲେ...

: ଧ୍ୟାନେ ରୁନ୍... କ'ଣ ଭାବୁଛ ? ଆଜିଠୁ ତୁମେ ଦାସ କରୁନାହୁଁ । ତୁମେ ଯାଅ ଭବୁଆଙ୍କ...!!

Digitized by PPRACHIN, SOA

' ମୁଁ କଥା କାଟିଦେଲି ।

: ମୁଁ କ'ଣ ଭାବୁଛି, ଆପଣ ଅନୁମାନ କରି-ପାରିବେ ନାହିଁ ପ୍ରଫେସର । ମୁଁ ଭାବୁଛି ସତରେ ମୁଁ କେତେ ଭାଗ୍ୟବାନ । ମୋ' ଯୋଗ୍ୟତା ଆପଣମାନଙ୍କ ଆଗରେ ଗୋଟାଏ ହାଇଡ୍ରଲ ଗ୍ରହଭଳି । ଆପଣମାନଙ୍କଠାରୁ ମୋର ବହୁତ କିଛି ଶିକ୍ଷା କରିବାର ଅଛି । ବର୍ତ୍ତମାନ ଯାହାସବୁ ଘଟିଗଲା, ତାକୁ ସ୍ୱଚକ୍ଷୁରେ ଦେଖି ସୁଦ୍ଧା ମୁଁ ଜାଣିପାରୁ ନାହିଁ, ସତ ନା ସ୍ୱପ୍ନ ବୋଲି ।

: ତୁମେ ଯାହା ଦେଖିଲ ସେ ସବୁ ସ୍ୱପ୍ନ ନୁହେଁ ମାଇଁ ବଏ, ଏ ଦୁନିଆଁରେ ଏହିଭଳି ଅସଂଖ୍ୟ ଶକ୍ତି କାମ କରୁଛନ୍ତି । ଯେଉଁମାନେ ଆମ ଆଖିକୁ ଦେଖା ଯାଉ ନାହାନ୍ତି । ଆମେ ଆଜି ବିଜ୍ଞାନକୁ ନେଇ ବହୁତ ଗର୍ବ କରୁଛୁ; କିନ୍ତୁ ତୁମେ ନିଜ ଆଖିରେ ଦେଖିଗଲ ପାଞ୍ଚହଜାର ବର୍ଷ ତଳେ ଯେଉଁ ଜ୍ଞାନ ପିରାମିଡ଼ବାସୀଙ୍କର ଥିଲା, ତାହା କେତେ ପ୍ରଭାବଶାଳୀ ? ଅବଶ୍ୟ ଆଜି ବିଜ୍ଞାନ ବଳରେ ମନୁଷ୍ୟ ଅସମ୍ଭବକୁ ସମ୍ଭବ କରିବାରେ ସକ୍ଷମ ହୋଇ ପାରିଛି, ଏକଥା ମୁଁ ମାନୁଛି । ଆମେ ଗର୍ବ କରୁଛୁ ଯେ, ପଦାର୍ଥକୁ ଅଣୁଶକ୍ତିରେ ବଦଳାଇବା ଉଦ୍ଧର୍ଯ୍ୟ ଆଜି ବିଜ୍ଞାନ ଆବିଷ୍କାର କରି ପାରିଛି । କିନ୍ତୁ

Digitized by PPRACHIN, SOA

ତୁମେ ହୁଏତ ବିଶ୍ୱାସ କରିପାରିବ ନାହିଁ । ପାଞ୍ଚ ହଜାର ବର୍ଷ ତଳେ ଏ ରହସ୍ୟ ମିଶରବାସୀଙ୍କୁ ଜଣାଥିଲା ।

ମୁଁ ତନ୍ମୟ ହୋଇ ମିଃ ଟ୍ରେଲମାଙ୍କୁ ଚାହିଁ ରହିଲି । ସେ ମୋ' କାନ୍ଧ ଉପରେ ହାତରଖି ପୁଣି କହିଲେ···

ମୁଁ ମିଥ୍ୟା କହୁନାହିଁ ମାଇଁ ବଏ, ପାଞ୍ଚହଜାର ବର୍ଷ ତଳୁ ମିଶରୀୟମାନେ ପଦାର୍ଥକୁ ଅଣୁଶକ୍ତିରେ ବଦଳାଇବା ଏବଂ ଶକ୍ତିକୁ ପୁଣି ପଦାର୍ଥରେ ପରିଣତ କରିବା ରହସ୍ୟ ଜାଣିସାରିଛନ୍ତି । ତୁମେ ସ୍ୱଚକ୍ଷୁରେ ଦେଖିଲ ମାଳକାଣି ତାର ନିଜର ମୌଳିକ ଶରୀର ଏବଂ ଶବାଧାରକୁ ନେଇ ଏଠାରୁ ଉଭାନ ହୋଇଗଲେ । ବର୍ତ୍ତମାନ ସେ ହଜାର ହଜାର ମାଇଲ ଅତିକ୍ରମ କରି ନିଜ କବରଖାନାରେ ପହଞ୍ଚି ସାରିଥିବ ।

: ଟ୍ରେଲମା ଅଙ୍କଲ ଏସବୁ ଯାଦୁ ନୁହେଁ ତ !!

ମୁଁ ଥରିଲା କଣ୍ଠରେ ପ୍ରଶ୍ନକଲି···

: ହେଃ···ଯାଦୁ !! ମିଃ ଟ୍ରେଲମାଙ୍କ କଣ୍ଠରେ ତାଚ୍ଛଲ୍ୟ ଫୁଟିଉଠିଲା । ପରେ ପରେ ପୁଣି ଗମ୍ଭୀର

Digitized by PPRACHIN, SOA

କଣ୍ଠରେ, ଯାଦୁ···ଯାଦୁ କ'ଣ ଜାଣିଛ ? ବିଜ୍ଞାନର ଅନ୍ୟ ଏକ ରୂପ । ସେ ଯାହାହେଉ, ମୁଁ ଲକ୍ଷ୍ୟ କରୁଛି ତୁମେ ଏହି ସବୁ ଅଲୌକିକ ଘଟଣା ସମ୍ପର୍କରେ ଅଧିକ ଜାଣିବା ପାଇଁ ବ୍ୟସ୍ତ ହୋଇ ଉଠିଲଣି । ତେଣୁ ଯଦି ଚାହୁଁଥାଅ, ବଡ଼ ଖୁସିରେ ତୁମେ ଏଇଠି ରହିପାର । ମୁଁ ତୁମକୁ ଏପରି ଏକ ଅଭିଯାନରେ ନେଇଯିବି, ଯାହା ତୁମେ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ଭୁଲିପାରିବ ନାହିଁ ।

ମୁଁ ପ୍ରସ୍ତୁତ ଅଛି ଅଙ୍କଲ । କିନ୍ତୁ ତା' ପୂର୍ବରୁ ମତେ ଦୟାକରି କହିବେ କି, ଏ ମାଳିକାଣି ତାହା କିଏ ? ଆପଣ ତା' ଶବାଧାରକୁ ଲଣ୍ଡନ ପର୍ଯ୍ୟନ୍ତ କପରି ଆଣିଲେ ଏବଂ ଆପଣ ଏସବୁ ଅଲୌକିକ ବିଦ୍ୟାର ଜ୍ଞାନ କେଉଁଠାରୁ ପାଇଲେ ?

ମୁଁ ଏକ ନିଶ୍ୱାସରେ କହିଗଲି ।

ମିଷ୍ଟର ଟ୍ରେଲମ୍ ଏବଂ ପ୍ରଫେସର୍ କାର୍‌ବେକ୍, ପରସ୍ପରକୁ ଚାହିଁଲେ । ବୋଧହୁଏ ସେ ଆଖିରେ ଆଖିରେ କିଛି କଥାବାର୍ତ୍ତା ହୋଇଗଲେ ।

ମିଷ୍ଟର ଟ୍ରେଲମ ପୁଣି କହିଲେ : ଆଜି ରାତିରେ ମୁଁ ଏବଂ ପ୍ରଫେସର କାଉବାକ୍ କିଛି ମନ୍ତ୍ରଣା କରିବୁ ।

Digitized by PPRACHIN, SOA

ଏ ମନ୍ତ୍ରଣା ଆମ୍ଭମାନଙ୍କ ପାଇଁ ଅତ୍ୟନ୍ତ ଜରୁରୀ । ରାତ୍ରୀ ଭୋଜନ ପରେ ତୁମ୍ଭେ ଦୁଇ କପ୍ କଡ଼ା କଫି ପିଇ ନେବ, ଯାହା ଫଳରେ ନିଦ୍ରା ଲାଗିବ ନାହିଁ । ତା'ପରେ ମୁଁ ତୁମକୁ ଗୋଟାଏ ପୁରୁଣା କାଳର ଗ୍ରନ୍ଥ ପଢ଼ିବାକୁ ଦେବ । ତାକୁ ଧାନ ଦେଇ ପାଠ କରିବ । ସେ ଗ୍ରନ୍ଥ ପାଠ କରିସାରିଲା ପରେ, ତୁମ ମନରେ ଯେଉଁସବୁ ପ୍ରଶ୍ନ ଉଠିଛି, ତା'ର ଉତ୍ତର ଆପେ ଆପେ ପାଇଯିବ ।

ସୁନ୍ଦରୀ ତାରା କିଏ ? 'ମିଶରର ଏକ ପିରାମିଡ୍ ଭିତରୁ ସାର୍ଦ୍ଧ ପାଞ୍ଚ ହଜାର ବର୍ଷ ତଳର ଏକ ମମିକୃତ ଶବର ଶବାଧାର ମିଷ୍ଟର 'ଟ୍ରେଲମ' ପାଇଲେ କିପରି ? ସାତ ନକ୍ଷତ୍ର ଖଚିତ ଗନ୍ଧର୍ବ ମଣି ଭିତରେ କି ରହସ୍ୟ ଅଛି ? ମିଷ୍ଟର ଟ୍ରେଲମଙ୍କୁ ଆକ୍ରମଣ କିଏ କଲା ? ତାର ଲାସର ଡାହାଣ ହାତ କହୁଣୀଠାରୁ କିଏ କାଟିଲା ? ସେ ନିଜ ସାଥିରେ ନେଇ ଯାଇଥିବା କୁହୁକ ଲ୍ୟାମ୍ପ, ଶବାଧାର ଓ ରତ୍ନପଥର (ଗନ୍ଧର୍ବ ମଣି) ସହିତ ପୁଣି 'ଟ୍ରେଲମ'ଙ୍କ ପ୍ରାସାଦକୁ ଫେରି ଆସିଲା କି ନାହିଁ ?

Digitized by PPRACHIN, SOA

ଏସବୁ ଜାଣିବା ପାଇଁ ପଢ଼ନ୍ତୁ ସୁପ୍ରସିଦ୍ଧ 'ଡ୍ରାକୁଲା'ର ଲେଖକ ବ୍ରମଷ୍ଟୋକରଙ୍କର ତନ୍ତ୍ରମନ୍ତ୍ର, ଭୂତପ୍ରେତ, ମିଶର ଦେଶର କାଳ ଯାଦୁ ଉପରେ ଆଧାରିତ, ଶ୍ୱାସରୁଦ୍ଧ-କାରୀ ଉପନ୍ୟାସ "ଜୀଅନ୍ତା ଶବ"ର ଦ୍ୱିତୀୟ ଭାଗ । ଆପଣମାନଙ୍କ ମନୋରଞ୍ଜନ ପାଇଁ ନିଜ ଶୈଳୀରେ ଉପସ୍ଥାପନା କରିଛନ୍ତି ରହସ୍ୟ ଜଗତର ଏକଛତ୍ର ଯାଦୁଗର ରହସ୍ୟ କୁମାର **ବିଜୟ କୁମାର ରଣା** ।

ପରବର୍ତ୍ତୀ ଆକର୍ଷଣ

ବିଜୟ କୁମାର ରଣାଙ୍କ ଲିଖିତ

ଦ୍ୱିତୀୟ ପାଖୁଡ଼ା

ଜୀଅନ୍ତା ଶବ

Digitized by PPRACHIN, SOA